



ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-99 ◆SUNDAY ◆5 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୯୯ ◆ରବିବାର ◆୫ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


**ପୁଲିସ ଚାକିରି ବେପାର**

## ୧୧୮ ଗିରଫ; ଚେର ଖୋଜୁଛି କ୍ରାଇମବ୍ରାଞ୍ଚ

# ବଡ଼ବଡ଼ିଆଙ୍କୁ ହାତ ପାଉନି

- ସମସ୍ତ ୯୩୩ ପଦ ବିକ୍ରି ପାଇଁ କରାଯାଇଥିଲା ଯୋଜନା
- ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍ଟ ମଧ୍ୟରେ ତଦନ୍ତ ସୀମିତ
- ବାରମ୍ବାର ପରୀକ୍ଷା ପରିଚାଳନା ସବ୍‌ଲେଟ୍ ସନ୍ଦେହଘେରରେ
- କିଏ ଦେଇଥିଲା ପରୀକ୍ଷା ପରିଚାଳନା ସଂସ୍ଥା ପରିବର୍ତ୍ତନ ଅନୁମତି
- ଆସନ୍ତା ୬ ତାରିଖରେ ପ୍ରତିବାଦ ଶୋଭାଯାତ୍ରା କରିବ ବିଜେଡି

■ **ଭୁବନେଶ୍ୱର/ବ୍ରହ୍ମପୁର, ୪।୧୦ (ସମିସ):** ଓଡ଼ିଶା ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ମିଶାଇ ମୋଟ ୧୧୮ ଜଣ ଗିରଫ ହୋଇଛନ୍ତି। ମାତ୍ର ଘଟଣାକୁ ୫ଦିନ ବିତିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡ ପାଖରେ ପୁଲିସ୍ ପହଞ୍ଚି ପାରିନାହିଁ। ପରୀକ୍ଷା ପରିଚାଳନା କରିବା ପାଇଁ ଟେଣ୍ଡର ପାଇଥିବା କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଜେରା କରାଯାଇ ନାହିଁ। ସେହି କମ୍ପାନୀ ଠାରୁ ସବ୍ ଟେଣ୍ଡର ପାଇଥିବା ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସିଲିକନ୍ ଠାରୁ ସବ୍ ଟେଣ୍ଡର ନେଇଥିବା ପଞ୍ଚସଫ୍ଟ ଟେକ୍ନୋଲୋଜି ମଧ୍ୟରେ ହିଁ ତଦନ୍ତ ସୀମିତ ରହିଛି। ଅପରପକ୍ଷରେ ପୂର୍ବତନ ଜେଲ୍ ଡିଆଇଜି କୁଳମଣି ବେହେରାଙ୍କ ପୁଅ ମଧ୍ୟ ଏହି ମାମଲାରେ ଗିରଫ ହୋଇଛନ୍ତି। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଜେଲ୍ ବିଭାଗର ଡିଜି ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କର ସମ୍ପୃକ୍ତି ମଧ୍ୟ ଅଭିଯୋଗ ହୋଇଛି। ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍ ଟେଣ୍ଡର ପାଇଥିବାବେଳେ କେଉଁ ପରିସ୍ଥିତିରେ ▶ପୃଷ୍ଠା-୭

## ବାରଙ୍ଗରୁ ଆଉ ଜଣେ ଦଲାଲ ଗିରଫ


ବିଶ୍ୱରଞ୍ଜନ ବେହେରା

**ମୁନ୍ନା ମହାନ୍ତି, ଶଙ୍କର ପୃଷ୍ଟି ନିଖୋଜ**

■ **ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିର ବିକ୍ରି ରାକେଟ୍‌ର ଦୁଇ ପ୍ରମୁଖ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟିଙ୍କ ପତ୍ତା ପାଉନାହିଁ ପୁଲିସ। ଦୁହିଁଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଥିଲେ ବି ସେମାନେ ଫେରାର ଅଛନ୍ତି। ତେବେ କ୍ରାଇମବ୍ରାଞ୍ଚ ଟିମ୍ ଭୁବନେଶ୍ୱର ବାରଙ୍ଗ ଅଞ୍ଚଳରୁ ଅନ୍ୟ ଜଣେ ଦଲାଲକୁ ଗିରଫ କରିଛି। ଗିରଫ ଦଲାଲ ହେଲେ ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ବିଶ୍ୱରଞ୍ଜନ ବେହେରା। ଅଭିଯୁକ୍ତ ବିଶ୍ୱରଞ୍ଜନ ଏହି ଘଟଣାରେ ଜଣେ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରୁଥିଲେ। ଏହି ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହିତ ନିୟମିତ ଯୋଗାଯୋଗ କରୁଥିଲେ। ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଅରିଜିନାଲ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଏହି କାଗଜପତ୍ର ଗୁଡିକୁ ସିଣ୍ଡିକେଟ୍‌ର ଅନ୍ୟ ଜଣେ ସଦସ୍ୟଙ୍କୁ ସେ ହସ୍ତାନ୍ତର କରିଥିଲେ।

## ଅଧିନାୟକ ପଦରୁ ବିଦାହେଲେ ରୋହିତ

# ଗିଲ୍‌ଙ୍କୁ ଦିନିକିଆ ନେତୃତ୍ୱ




■ **ମୁମ୍ବଇ, ୪।୧୦ (ଏଜେନ୍ସି):** ଭାରତୀୟ ଦିନିକିଆ ଦଳର ନେତୃତ୍ୱ ପରିବର୍ତ୍ତନ ହୋଇଛି। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ରୋହିତ ଶର୍ମାଙ୍କ ସ୍ଥାନରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଦଳର ନେତୃତ୍ୱ ଦିଆଯାଇଛି। ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ରୋହିତଙ୍କ ସ୍ଥାନରେ ମଧ୍ୟ ଗିଲ୍‌ଙ୍କୁ ନେତୃତ୍ୱ ନେବା ଲାଗି ଚୟନ କରାଯାଇଥିଲା। ଅଷ୍ଟ୍ରେଲିଆରେ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଲାଗି ଟେଷ୍ଟ ଓ ଟି-୨୦ କ୍ରିକେଟରୁ ଅବସର ନେଇଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ସାମିଲ କରାଯାଇଛି। ଶ୍ରେୟସ ଆୟରଙ୍କୁ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଥିଲାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍ ଲାଗି ବିଶ୍ରାମ ଦିଆଯାଇଛି। (ବିବରଣୀ: ଖେଳ ପୃଷ୍ଠାରେ...)

**ପ୍ୟାର୍ ପକାଇବାକୁ ପେଞ୍ଚ**

# ମିଛ ଧରାଇଦେଲା ଶ୍ରୀକାକୁଲମ୍ ପୁଲିସ୍

■ **ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ଆନ୍ଧ୍ରପ୍ରଦେଶର ୧୧୪ ପରୀକ୍ଷାର୍ଥୀ ଓ ୩ ଦଲାଲ ଧରା ପଡ଼ିବା ପରେ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ରାଜ୍ୟରେ ଚାକିରି ବିକ୍ରି ସ୍ପଷ୍ଟ ହେବା ଓ ଏହି ସମୟରେ ସରକାରଙ୍କ ରହସ୍ୟମୟ ନିରବତାକୁ ବିଭିନ୍ନ ମହଲରେ କଟୁ ସମାଲୋଚନା ପରେ ଏଥିରେ ତାଳି ପକାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିବା ପରେ ପୁଲିସ ତତ୍‌କାଳ ପଦକ୍ଷେପ ଗ୍ରହଣ କରି ପରୀକ୍ଷାର୍ଥୀମାନଙ୍କୁ ଧରିବାକୁ ଶ୍ରୀକାକୁଲମ୍ ପୁଲିସର ସହଯୋଗ ଲୋଡ଼ାଯାଇଥିବା କୁହାଯାଉଛି।

ଅନୁରୂପ ଭାବରେ ପୁଲିସ ମୁଖ୍ୟଙ୍କ ନିକଟକୁ ଆସିଥିବା ଏକ ହ୍ୱାଟ୍ସ ଆପ୍ ମେସେଜ ଆଧାରରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ମାତ୍ର ଘଟଣା ଦିନ ବିଳମ୍ବିତ ରାତିରେ ଶ୍ରୀକାକୁଲମ୍ ପୁଲିସ୍ ପକ୍ଷରୁ ସ୍ଥାନୀୟ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ସବୁ ମିଛକୁ ଧରାଇ ଦେଇଛି। ଶ୍ରୀକାକୁଲମ୍ ଡିଏସ୍‌ପି ବିବେକାନନ୍ଦ ୩୦ ତାରିଖରେ ସ୍ଥାନୀୟ ଗଣମାଧ୍ୟମକୁ ଯେଉଁ ସୂଚନା ଦେଇଥିଲେ ତାହା ଭିନ୍ନ ଦିଗକୁ ଇଙ୍ଗିତ କରିଛି। ବିବେକାନନ୍ଦ କହିଥିଲେ ଯେ ୨୯ ତାରିଖ ବିଳମ୍ବିତ ରାତିରେ ବ୍ରହ୍ମପୁର ଏସ୍‌ପି ଡ. ଶର୍ବଣା ବିବେକ୍ ଓଡ଼ିଶାରୁ ୩ଟି ବସ୍‌ରେ କିଛି ଯାତ୍ରୀ ଯାଉଥିବା ତାଙ୍କୁ ସୂଚନା ଦେବା ସହ ଓଡ଼ିଶାର ଯାତ୍ରୀ ହୋଇଥିଲେ ସେମାନଙ୍କୁ ଅଟକ ରଖିବାକୁ ଅନୁରୋଧ କରିଥିଲେ। କିଛି ବିଭାଗୀୟ ସମସ୍ୟା ଥିବାରୁ ସେମାନଙ୍କୁ ଅଟକାଇ ପଚରାଉଚୁରା କରିବା ପରେ ଆପଣ ସବୁ ଜାଣିପାରିବେ ବୋଲି କହିଥିଲେ। ଏହାପରେ ଶ୍ରୀକାକୁଲମ୍ ପୁଲିସ୍ ପକ୍ଷରୁ ସବୁ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ବ୍ରହ୍ମପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତରୁ ବସ୍‌ରେ ଥିବା ▶ପୃଷ୍ଠା-୭

## ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ଓପିଆର୍‌ବି ଅଧ୍ୟକ୍ଷ

■ **ଭୁବନେଶ୍ୱର, ୪।୧୦ (ସମିସ):** ଏସ୍‌ଆଇ ପରୀକ୍ଷା ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଥିବା ଗନ୍ଧ ବାରିଥିଲେ ପୂର୍ବତନ ଓପିଆରବି ଅଧ୍ୟକ୍ଷ ସନ୍ତୋଷ ଉପାଧ୍ୟାୟ। ୨୦୨୪ରେ ପୁଲିସ ଏସଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବା ପରେ ପ୍ରକ୍ରିୟାର ଦାୟିତ୍ୱ ନେଇଥିଲା ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ବା ଓପିଆରବି। ସେତେବେଳେ ଓପିଆରବିର ଅଧ୍ୟକ୍ଷ ଥିଲେ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ। ପରୀକ୍ଷା ପରିଚାଳନା ପାଇଁ ଓପିଆରବି ଦାୟିତ୍ୱ ଦେଇଥିଲା କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜୁରାଟର ଆଇଟିଆଇ ସଂସ୍ଥାକୁ। ଆଇଟିଆଇ ଗୁଜୁରାଟର ଆଉ ଏକ ସଂସ୍ଥା ରିଚ୍ ମାଇନସ ଡ଼ିଜିଟାଲକୁ ଏହି ଦାୟିତ୍ୱ ଦେଲା। ଏଥିରେ ଦୁର୍ନୀତି ଆଶଙ୍କାରେ ସେ ଯେଉଁଥିପାଇଁ ନିଜଆଡୁ ସେ ଗତ ଏପ୍ରିଲମାସରେ ଇସ୍ତଫା ଦେଇଥିଲେ। ଓପିଆରବି ଅଧ୍ୟକ୍ଷ ପଦରୁ ସନ୍ତୋଷ ଉପାଧ୍ୟାୟ ଇସ୍ତଫା ଦେବା ପରେ ସୁଶାନ୍ତ ନାଥ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଲେ। ଏହା ପରେ ବଦଳିଗଲା ଓପିଆରବି ଅଧୀନରେ ପୁଲିସ ଏସ୍‌ଆଇ ପରୀକ୍ଷା ଦାୟିତ୍ୱରେ ଥିବା ସଂସ୍ଥା।

## ସିଲିକନ୍ ଟେକ୍‌ଲାବ୍‌ରେ ୧୬ ଅଂଶୀଦାର

### ୩ ଜଣଙ୍କ ନିକଟରେ ୭୭.୩୧ ପ୍ରତିଶତ ଅଂଶ

■ **ଭୁବନେଶ୍ୱର, ୪।୧୦ (ସମିସ):** ଚାକରି ବେପାର ଘଟଣାରେ ବିବାଦୀୟ ସିଲିକନ୍ ଟେକ୍‌ଲାବ୍ ସମ୍ପର୍କରେ ଯେତେ ଖୋଳତାଡ଼ ହେଉଛି, ସେତିକି ନୂଆ ନୂଆ ତଥ୍ୟ ପଦାକୁ ଆସୁଛି। ପରୀକ୍ଷା ପରିଚାଳନାର ସାମାନ୍ୟ ଅଭିଜ୍ଞତା ନ ଥିବା ଏହି ସଂସ୍ଥା ଓପିଆର୍‌ବି ଠାରୁ ଦାୟିତ୍ୱ ପାଇଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇଠାରୁ ଏସ୍‌ଆଇ ପରୀକ୍ଷା ପରିଚାଳନା ଭାର ଗ୍ରହଣ କରିଥିଲା ଓଡିଶାରେ ପୁଲିସ ଏସଆଇ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ ଉଦ୍ୟୋଗ ଆଇଟିଆଇର ପ୍ରଥମ ସହଯୋଗୀ ସଂସ୍ଥା ଥିଲା ଗୁଜୁରାଟର ଘରୋଇ ସଂସ୍ଥା ରିଚ୍ ମାଇଣ୍ଡସ। ସେତେବେଳେ ବି ଅନୁରୂପ ଅନିୟମିତା ଅଭିଯୋଗ ହୋଇଥିଲା ଓ ଏହି ସଂସ୍ଥାକୁ ପରୀକ୍ଷା ପରିଚାଳନାରୁ ଅବ୍ୟାହତି ଦିଆଯାଇଥିଲା। ଏହାପରେ ଓଡ଼ିଶାର ଘରୋଇ ସଂସ୍ଥା ସିଲିକନ୍ ଟେକଲାବ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା। ସେତେବେଳେ ସିଲିକନ୍ ସଂସ୍ଥାର ଅଭିଜ୍ଞତା ଓ ବିଶ୍ୱସନୀୟତାକୁ କିଏ ଯାଞ୍ଚ କରିଥିଲା ତାର କୌଣସି ତଥ୍ୟ ନାହିଁ। ପୁନଶ୍ଚ ଏହି ସଂସ୍ଥା ପୁଣି ପଞ୍ଚସଫ୍ଟ ଟେକନୋଲୋଜିକୁ ସହଯୋଗୀ ସଂସ୍ଥା ଭାବେ ପରୀକ୍ଷା ପରିଚାଳନା ପାଇଁ ବାଛିବା ପଛରେ କାହାର ହାତ ଥିଲା ତାହା ଏବେ ମଧ୍ୟ ସନ୍ଦେହରେ। କମ୍ପାନୀ ରେକର୍ଡ ଅନୁସାରେ ଏହି ସଂସ୍ଥାରେ ୧୬ଜଣ ଅଂଶୀଦାର ଥିଲେ ହେଁ ସୁରେଶ ଚନ୍ଦ୍ର ନାୟକ, ସଂଗ୍ରାମ କେଶରୀ ମହାନ୍ତି, ସମୀର ରଥ, ଶାଶ୍ୱତୀ ମିଶ୍ର ଏବଂ ଏସ ଭି ଏରାଙ୍କ ପ୍ରମୁଖ ୫ ଜଣ ନିର୍ଦ୍ଦେଶକ ରହିଥିଲେ। ମାତ୍ର କୌତୂହଳର କଥା ହେଉଛି ଏହାର ୧୬ ଅଂଶୀଦାରଙ୍କ ନିକଟରେ ମାତ୍ର ୨୨.୬୯% ଅଂଶ ରହିଥିବାବେଳେ ୩ଜଣଙ୍କ ନିକଟରେ ଥିଲା ୭୭.୩୧ ଅଂଶ। ନିର୍ଦ୍ଦେଶକ ସୁରେଶ ନାୟକଙ୍କ ନିକଟରେ ୩୦.୭%, ସଞ୍ଜୀବ ନାୟକଙ୍କ ନିକଟରେ ୨୧.୩୬% ଓ ଏସ୍‌ଟିପିଏଲ୍ ନାମକ ଏକ ସଂସ୍ଥା ନିକଟରେ ୨୫.୨୫% ଅଂଶ ଥିବା ସୂଚନା ମିଳିଛି। ତେଣୁ ଚାକିରି ବେପାରରେ ଅନ୍ୟ ଅଂଶୀଦାରଙ୍କ ଭୂମିକା କ'ଣ ରହିଛି ତାହାର ଅନୁସନ୍ଧାନ ହେବାର ଆବଶ୍ୟକ ରହିଛି ବୋଲି ଦାବି ହୋଇଛି।

**ଭାଇଚାରାର ସହରରେ ରକ୍ତର ଛିଟା**

# ଭସାଣିରେ ଗୋଷ୍ଠୀ ସଂଘର୍ଷ: ୬ ଗୁରୁତର, ଆଇସିୟୁରେ ୨

■ **କଟକ, ୪।୧୦ (ସମିସ):** ଭାଇଚାରାରେ ରକ୍ତଛିଟା। ଐତିହାସିକ କଟକ ଦୁର୍ଗାପୂଜା ଭସାଣିରେ ଗତକାଲି ବିଳମ୍ବିତ ରାତିରେ କଟକ ଦରଘାବଜାର ଥାନା ଅଞ୍ଚଳରେ ରକ୍ତାକ୍ତ ଗୋଷ୍ଠୀ ସଂଘର୍ଷ ଘଟିଛି। ୨ ଗୋଷ୍ଠୀ ମଧ୍ୟରେ ଢେଲା ଓ କାଚ ବୋତଲ ମାଡ଼ ହୋଇଥିବା ବେଳେ ଏଥିରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ଟ୍ରମା ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ୬ ଆକ୍ରମଣକାରୀଙ୍କୁ

**ଡିସିପିଙ୍କ ସମେତ ୩ ପୁଲିସ କନେଷ୍ଟବଲ ଆହତ**

**ସୋମବାର ଭିଏଚ୍‌ପିର 'କଟକ ବନ୍ଦ' ଡାକରା**

ଦରଘାବଜାର ପୁଲିସ ଗିରଫ କରିଛି। ଅନ୍ୟପଟେ ସିସି କ୍ୟାମେରା, ନିୟୋଜିତ ଡ୍ରୋନ୍ ଫୁଟେଜ୍ ଏବଂ ପୁଲିସ ପକ୍ଷରୁ ସୁଟିଂ ହୋଇଥିବା ଭିଡିଓ ଫୁଟେଜ୍‌ରୁ ଆକ୍ରମଣକାରୀ ଚିହ୍ନଟ ପ୍ରକ୍ରିୟା ଚାଲିଛି। ସର୍ଚ୍ଚ ଅପରେସନ୍‌କୁ ମଧ୍ୟ ପୁଲିସ ଜୋରଦାର୍ କରିଛି।

ଗତକାଲି ବିଳମ୍ବିତ ରାତିରେ ଦରଘାବଜାର ଥାନା ଅଞ୍ଚଳରେ ଗଣ୍ଡଗୋଳ ପରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହା ପରେ ଉଭୟ ଗୋଷ୍ଠୀ ଢେଲା ଓ କାଚ ବୋତଲ ମାଡ଼ କରିଥିଲେ। ଏଥିରେ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ ବି ଆହତ ହୋଇଛନ୍ତି। ପଥର ମାଡ଼ରେ ତାଙ୍କ ଆଖିପତା ଫାଟି ଯାଇଛି। ସେହିପରି ▶ପୃଷ୍ଠା-୭

## ନିନ୍ଦାକଲେ ନବୀନ




**ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ**

**ଆଇନଶୃଙ୍ଖଳାକୁ ବିଗାଡ଼ିଦେଉଛି ପୁଲିସ ଉପରେ ଚାପ**

■ **ଭୁବନେଶ୍ୱର, ୪।୧୦ (ସମିସ):** ଦୁର୍ଗାପୂଜା ଭସାଣି ସମୟରେ କଟକ ଦରଘା ବଜାରରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ଦୃଢ଼ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏ ସଂପର୍କରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଭାଇଚାରାର ସହର କଟକରେ ଏପରି ଅପ୍ରୀତିକର ସ୍ଥିତି ବେଶ୍ ଚିନ୍ତାଜନକ। ଭସାଣି ସମୟରେ ଢେଲା-ପଥର, ବୋତଲ ମାଡ଼ ପରି ଘଟଣା ଏକ ବଡ଼ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ। ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବା ଆଗରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଅସହାୟ ମନେ ହେଉଛି। ବିଜେପି ସରକାରରେ ପୁଲିସ ଉପରେ ରହୁଥିବା ଚାପ ରାଜ୍ୟରେ ଆଇନଶୃଙ୍ଖଳାକୁ ବିଗାଡ଼ି ଦେଉଛି। ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ବଜାୟ ରଖିବା ଆମ ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଏବଂ କର୍ତ୍ତବ୍ୟ ହେଉ। ସମାଜରେ ଶାନ୍ତି ଓ ମୈତ୍ରୀ ବଜାୟ ରହୁ ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ବିମାନବନ୍ଦରରୁ ପୁଣି ଜବତ ହେଲା ୩ କୋଟିର ମାରିଜୁଆନା

■ **ଭୁବନେଶ୍ୱର, ୪।୧୦ (ସମିସ):** ନିଶା ଚାଲାଣର ସହଜ ବାଟପାଲଟିଛି ବିଜୁ ପଟ୍ଟନାୟକ ବିମାନ ବନ୍ଦର। ଏଠାରେ ଯାଞ୍ଚ କଡ଼ାକଡ଼ି ନଥିବାରୁ ନିଶା ମାଫିଆଙ୍କ ଆଖି ଏହି ବିମାନ ବନ୍ଦର ଉପରେ। ଗତ କିଛି ମାସ ହେବ ନିୟମିତ ଭାବେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଦେଇ ନିଶା ଚାଲାଣ ହେଉଛି। ଯେତେ ଧରାପଡୁଥିଲେ ମଧ୍ୟ ନିଶା ଚାଲାଣ ଥମୁନି। ଦେଢ଼ମାସ ପୂରିନି ପୁଣି ଥରେ ଜବତ ହୋଇଛି ମାରିଜୁଆନା। ବିମାନବନ୍ଦରରୁ ୩ କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ମାରିଜୁଆନା ଆଣିଥିବା କେରଳର ଯାତ୍ରୀଙ୍କୁ କଷ୍ଟମ ବିଭାଗ ଅଟକ ରଖି ପଚରାଉଚରା କରୁଛି। ଏହି ଯାତ୍ରୀ ଜଣକ ହେଉଛନ୍ତି ମହମ୍ମଦ।



**ବ୍ୟାଙ୍କକରୁ ଆସୁଥିଲା, ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା**

**ଭୁବନେଶ୍ୱରକୁ ନିଶା ହବ୍ କରିବାକୁ ଅନ୍ତର୍ଜାତୀୟ ଚକ୍ରାନ୍ତ**

ବ୍ୟାଙ୍କକରୁ ମାରିଜୁଆନା ଆଣି ଏୟାରଇଣ୍ଡିଆ ବିମାନରେ ଭୁବନେଶ୍ୱର ଆସିଥିଲେ। ଏହି ଯାତ୍ରୀଙ୍କ ଚାଲିଚଳନରେ ସନ୍ଦେହ ହେବାରୁ ବିମାନ ବନ୍ଦରରେ ଅଟକାଇ ଲଗେଜ ବ୍ୟାଗର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ୩.୨ କିଲୋ ମାରିଜୁଆନ ମିଳିଥିଲା। ▶ପୃଷ୍ଠା-୭

**ସିନେଟ୍‌ରେ ଅଟକିଛି ଅର୍ଥ ବିଲ୍**

# ୪ ଦିନ ହେଲା ଆମେରିକା ସଟ୍‌ଡାଉନ୍

### ନାସା ବି ବନ୍ଦ ■ ଛୁଟିରେ ଗଲେ ୭ ଲକ୍ଷ ୫୦ ହଜାର କର୍ମଚାରୀ

■ **ୱାଶିଂଟନ, ୪।୧୦ (ଏଜେନ୍ସି):** ସିନେଟ୍‌ରେ ଅର୍ଥ ବିଲ୍ ଅନୁମୋଦନକୁ ନେଇ ଅଚଳାବସ୍ଥା ଲାଗି ରହିଥିବାରୁ ଗତ ୪ ଦିନ ଧରି ଆମେରିକା ଅଚଳ (ସଟ୍‌ଡାଉନ୍) ହୋଇଯାଇଛି। କେବଳ କିଛି ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସେବା ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଏପରିକି ଆମେରିକାର ମହାକାଶ ସଂସ୍ଥା 'ନାସା' ମଧ୍ୟ ବନ୍ଦ ହୋଇଯାଇଛି। ଦେଶର ସାଢ଼େ ସାତ ଲକ୍ଷ କର୍ମଚାରୀଙ୍କ ଭବିଷ୍ୟତ ଏବେ ବିପଦ ମୁହଁକୁ ଠେଲି ହୋଇଯାଇଛି। ସାତ ଲକ୍ଷ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଲକ୍ଷ କର୍ମଚାରୀ ଛଟେଇ ହେବାର ଆଶଙ୍କା ରହିଛି। ଏହାଛଡ଼ା ଅନେକ କର୍ମଚାରୀଙ୍କୁ ଏବେ ବିନା ବେତନରେ କାମ କରିବାକୁ ପଡ଼ିବ। ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥର ଲାଗି ଆମେରିକାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରାଯାଇଛି।

**ଜିଦ୍‌ରେ ଅଟଳ ଡେମୋକ୍ରାଟ୍ ସଦସ୍ୟ; ଅଡୁଆରେ ଟ୍ରମ୍ପ**

ନିୟମ ଅନୁଯାୟୀ ଆମେରିକାର ବିଭିନ୍ନ ବିଭାଗ ପାଇଁ ସଂସଦ ପ୍ରତିବର୍ଷ ଅକଟୋବର ପହିଲା ତାରିଖ ସୁଦ୍ଧା ଅର୍ଥ ମଞ୍ଜୁର କରିଥାଏ। ମଞ୍ଜୁରୀ ମିଳିବା ପେରେ ୧ ତାରିଖରୁ ବିଭାଗଗୁଡ଼ିକ ବଜେଟ ଖର୍ଚ୍ଚ ଆବଣ୍ଟନ କରାଯାଏ। କିନ୍ତୁ ଏଥର ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏବଂ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ମଧ୍ୟରେ ମତଭେଦ ଯୋଗୁଁ




ଏହା ସମ୍ଭବ ହୋଇପାରି ନାହିଁ। ସ୍ୱାସ୍ଥ୍ୟ ସେବାକୁ ମିଳୁଥିବା ସବସିଡିକୁ କାଟିବା ଲାଗି ଟ୍ରମ୍ପ ପ୍ରଶାସନ ଜିଦ୍ ଧରିଥିବା ବେଳେ ଡେମୋକ୍ରାଟିକ ପାର୍ଟି ଏହାର ବିରୋଧ କରୁଛି। ଯେଉଁ ପର୍ଯ୍ୟନ୍ତ ଏହି ସବସିଡି ବ୍ୟବସ୍ଥା ଅବ୍ୟାହତ ରଖାନଯାଇଛି, ସେପର୍ଯ୍ୟନ୍ତ ଡେମୋକ୍ରାଟ୍ ସାଂସଦ ଅର୍ଥ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆମେରିକା ସଂସଦ ବା କଂଗ୍ରେସର ନିମ୍ନ ସଦନ (ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍) ରେ ଟ୍ରମ୍ପଙ୍କ ପାର୍ଟିର ସଂଖ୍ୟାଗରିଷ୍ଠତା ଥିବା ବେଳେ ଉଚ୍ଚ ସଦନ (ସିନେଟ)ରେ ବିରୋଧୀ ଡେମୋକ୍ରାଟିକ୍ ପାର୍ଟିର ଅଧିକ ସାଂସଦ ରହିଛନ୍ତି। ତେଣୁ ସିନେଟରେ ବିଲ୍ ପାସ୍ କରିବାକୁ ହେଲେ ଡେମୋକ୍ରାଟ୍ ପାର୍ଟିର ସମର୍ଥନ ଜରୁରୀ। ତେଣୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ଅର୍ଥ ମଞ୍ଜୁର ହୋଇନଥିବାରୁ ଜାତୀୟ ଅର୍ଥନୀତି ପୂରା ଠପ୍ ହୋଇଯିବାର ▶ପୃଷ୍ଠା-୭






# ଜୁବିନଙ୍କୁ ବିଷ ଦେଇଛନ୍ତି ମ୍ୟାନେଜର!



ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ଜଣାଶୁଣା ବଲିଉଡ ଓ ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁକୁ ନେଇ ନୂଆ ନୂଆ କଥା ସାମନାକୁ ଆସିବାରେ ଲାଗିଛି । ଜୁବିନଙ୍କୁ ହତ୍ୟା କରିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା । ଏହାକୁ କାର୍ଯ୍ୟକାରୀ କରିବା ଲାଗି ସିଙ୍ଗାପୁରର ପାନ୍ ପେସିଫିକ୍ ହୋଟେଲକୁ ଚୟନ କରାଯାଇଥିଲା । କେବଳ ଏତିକି ନୁହେଁ, ତାଙ୍କୁ ପାଣିରେ ବୁଡ଼ାଇ ମାରିବା ଲାଗି ବିଷ ଦିଆଯାଇଥିଲା । ଏଭଳି ଷଡ଼ଯନ୍ତ୍ର କରି ଜୁବିନଙ୍କୁ ବିଷ ଦେଇଛନ୍ତି ତାଙ୍କର ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଓ ଇଭେଣ୍ଟ ଆୟୋଜକ ଶ୍ୟାମକାନ୍ତୁ ମହନ୍ତ । ଏଭଳି ଅଭିଯୋଗ ଆଣିଛନ୍ତି ଜୁବିନଙ୍କ ବ୍ୟାଣ୍ଡମେଟ୍ ତଥା ସାଥି ଗାୟକ ଶେଖର ଜ୍ୟୋତି ଗୋସ୍ୱାମୀ ।

ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବା ଏସ୍ଆଇଟି ଅଧିକାରୀଙ୍କ ସାମନାରେ ଶେଖର ଏହି ବୟାନ ଦେଇ କହିଛନ୍ତି ।।ଯେ ଏହି ଦୁଇଜଣ ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ଷଡ଼ଯନ୍ତ୍ର କରିଥିଲେ । ସିଙ୍ଗାପୁରର ପାନ୍ ପେସିଫିକ୍ ହୋଟେଲରେ ମ୍ୟାନେଜର

**ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ହୋଇଛି ଷଡ଼ଯନ୍ତ୍ର**

ସିଦ୍ଧାର୍ଥ ସେମାନଙ୍କ ସହ ରହୁଥିଲେ । ଜୁବିନଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଆଚରଣ ସନ୍ଦେହଜନକ ଥିଲା । ସିଦ୍ଧାର୍ଥ ସମୁଦ୍ର ମଝିରେ ବୋଟ୍‌ର ଚାଳକଙ୍କୁ ହଟାଇ ନିୟନ୍ତ୍ରଣ ହାତକୁ ନେଇଥିଲେ । ଜୁବିନ ସମୁଦ୍ରକୁ ଭିତରକୁ ଯିବା ପରେ ଅଣନିଶ୍ୱାସୀ ହେବା ଭଳି ଲାଗୁଥିଲା । ଏହାସତ୍ତ୍ୱେ ସିଦ୍ଧାର୍ଥ ଜୁବିନଙ୍କୁ ଯିବାକୁ ଦିଅ, ଯିବାକୁ ଦିଅ ବୋଲି କହିଥିଲେ । ତେଣୁ ଏହା ଆଦୌ ଦୁର୍ଘଟଣା ନଥିଲା ବୋଲି ସେ କହିଛନ୍ତି ।

ଉଲ୍ଲେଖଥାଉ କି, ସିଙ୍ଗାପୁରରେ ସେପ୍ଟେମ୍ବର ୧୯ରେ ଜୁବିନ ସ୍କୁବା ଡାଇଭିଂ କରିବା ବେଳେ ମୃତ୍ୟୁବରଣ କରିଥିଲେ । ୨୦ ତାରିଖରେ ସିଙ୍ଗାପୁରରେ ହେବାକୁ ଥିବା ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ସଂଗୀତ ପରିବେଷଣ କରିଥାନ୍ତେ । କିନ୍ତୁ ଜୁବିନ ଇଭେଣ୍ଟ ପୂର୍ବରୁ ୱାଟର ଆଡଭାନଚର ଆକ୍ଟିଭିଟିରେ ଭାଗ ନେଇଥିଲେ । ଜୁବିନଙ୍କୁ ଭଲଭାବେ ପହଁରା ଜଣାଥିଲା । ତେଣୁ ସେ ପାଣିରେ ବୁଡ଼ି ମୃତ୍ୟୁବରଣ କରିନାହାନ୍ତି ବୋଲି ଶେଖର ଦାବି କରିଛନ୍ତି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

ହାଇଦରାବାଦ,୪ ।୧୦(ଏଜେନ୍ସି): ଆମେରିକାର ଡଲାସ୍ ସହରରେ ଜଣେ ଭାରତୀୟ ଦନ୍ତ ଚିକିତ୍ସା ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ହାଇଦରାବାଦ୍‌ରୁ ୨୭ ବର୍ଷୀୟ ଚନ୍ଦ୍ରଶେଖର ପୋଲ୍ ଡଲାସର ଏକ ଗ୍ୟାସ ଷ୍ଟେସନରେ ପାର୍ଟ ଟାଇମ୍ ଚାକିରି କରୁଥିଲେ । ସେ ହାଇଦରାବାଦ୍‌ରେ ଡେଣ୍ଟାଲ ସର୍ଜରୀରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୨୦୨୩ରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ । ତେବେ ଗତ ରାତିରେ କେତେଜଣ ଅଜଣା ବନ୍ଧୁକଧାରୀ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି । ୬ ମାସ ତଳେ ସେ ଆମେରିକାରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ । ସେ ଫୁଲ୍ ଟାଇମ୍ ଚାକିରି ପାଇଁ ଚେଷ୍ଟା କରୁଥିଲେ । ଆମେରିକାରୁ ପୁଅର ମୃତଦେହ ଆଣିବାକୁ ଚନ୍ଦ୍ରଶେଖରଙ୍କ ପରିବାର ଭାରତ ସରକାରଙ୍କୁ ନିବେଦନ କରିଛନ୍ତି । ତେବେ କେଉଁ କାରଣରୁ ଚନ୍ଦ୍ରଶେଖରଙ୍କୁ ହତ୍ୟା କରାଯାଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ବିଆରଏସ୍ ବିଧାୟକ ଟି ହରିସ ରାଓ ମୃତଦେହ ଫେରାଇ ଆଣିବାକୁ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ବେଲୁଚିସ୍ତାନରେ ବନ୍ଦର ନିର୍ମାଣ କରିବ ଆମେରିକା

ଇସ୍‌ଲାମାବାଦ୍,୪ ।୧୦(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଏକ ବନ୍ଦର ନିର୍ମାଣ କରିବାକୁ ଆମେରିକାକୁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବ ଦେଇଛନ୍ତି ପାକିସ୍ତାନ ସେନା ମୁଖ୍ୟ ହାସିମ ମୁନୀରଙ୍କ ଉପଦେଷ୍ଟା । ଏ ନେଇ ପ୍ରମୁଖ ନ୍ୟୁଜ ଏଜେନ୍ସି ରଏଟର୍ସ । ବେଲୁଚିସ୍ତାନର ପସନୀ ସହରରେ ଆରବ ସାଗର ଉପକୂଳରେ ଏକ ନୂଆ ବନ୍ଦର ନିର୍ମାଣ କରିବା ସହ ଏହାକୁ ଚଳାଇବାକୁ ପାକିସ୍ତାନ ଆନୁଷ୍ଠାନିକ ଭାବେ ଆମେରିକାକୁ ପ୍ରସ୍ତାବ ଦେଇଛି । ତେବେ ଏହି ବନ୍ଦର କେବଳ ବ୍ୟବସାୟ ଓ ଖଣିଜ ସମ୍ପଦର ନେବା ଆଣିବା ପାଇଁ ନିର୍ମାଣ ହେବ ବୋଲି କୁହାଯାଇଛି । ଆମେରିକାକୁ ପ୍ରସ୍ତାବିତ ବନ୍ଦରରେ କୌଣସି ସୈନ୍ୟ ଠିକଣା ନିର୍ମାଣ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ତରଫରୁ ସ୍ପଷ୍ଟ କରାଯାଇଛି । ପସନୀ ଚୀନ ନିର୍ମିତ ବନ୍ଦର ଗ୍ୱାଦର ବନ୍ଦରଠାରୁ ମାତ୍ର ୧୧୨ କିମି ଦୂରରେ ଅବସ୍ଥିତ । ଏହି ବନ୍ଦର ମାଧ୍ୟମରେ ପାକିସ୍ତାନରୁ ତମ୍ବା ଓ ଆଣ୍ଟିମନୀ ଭଳି ଖଣିଜ ପଦାର୍ଥ ଆମେରିକାକୁ ସହଜରେ ପଠାଯାଇପାରିବ । ଏହି ବନ୍ଦରକୁ ଦେଶର ପଶ୍ଚିମାଞ୍ଚଳ ସହ ଯୋଗାଯୋଗ ପାଇଁ ୧୧ ହଜାର କୋଟି ଟଙ୍କା ବିନିମୟରେ ନୂଆ ରେଳ ଲାଇନ୍ ବିଛା ଯିବ । ମୁନୀର କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ରେଳ ଖଣିଜ ସମ୍ପଦର ବ୍ରିଫକେସ୍ ଦେଖାଇଥିଲେ ଓ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା । ଭାରତର ଅପରେସନ ସିନ୍ଦୂର ପରେ ଆମେରିକା ଓ ପାକିସ୍ତାନ ନିକଟତର ହୋଇଛନ୍ତି ।

## ଡଲାର ମୁଦ୍ରାରେ ଟ୍ରମ୍ପଙ୍କ ଚିତ୍ର ଖୋଦିତ

ୱାଶିଂଟନ,୪ ।୧୦(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିତ୍ର ଖୋଦିତ ଏକ ଡଲାର ବିଶିଷ୍ଟ ମୁଦ୍ରା ବା କଏନ ଜାରି ହେବା ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଆମେରିକାର ଟ୍ରେଜେରୀ ବିଭାଗ ଶୁକ୍ରବାର ଏହି ମୁଦ୍ରାର ଡ୍ରାଫ୍ଟ ଡିଜାଇନ୍ ଜାରି କରିଛି । ଏହି ମୁଦ୍ରା ୨୦୨୬ରେ ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ଅବସରେ ଜାରି କରାଯିବ ବୋଲି ଟ୍ରେଜେରୀ ବିଭାଗ ତରଫରୁ କୁହାଯାଇଛି । ଏହି ମୁଦ୍ରାର ଗୋଟିଏ ପଟେ ଟ୍ରମ୍ପ




ନିଜ ମୁଠା ଉଠାଇଥିବାର ଦେଖାଯାଇଛି ଓ ଏହି ପଟେ ଫାଇଟ୍, ଫାଇଟ୍, ଫାଇଟ୍ ବୋଲି ଲେଖାଯାଇଛି । ଏହି ଶବ୍ଦ ଟ୍ରମ୍ପ ଗତବର୍ଷ ଏକ ଆକ୍ରମଣରୁ ବର୍ତ୍ତିବା ପରେ କହିଥିଲେ । ସେହିପରି ମୁଦ୍ରାର ଅନ୍ୟପଟେ ଟ୍ରମ୍ପଙ୍କ ଚିତ୍ର, ଲିବର୍ଟି ଓ ତାରିଖ (୧୯୭୭-୨୦୨୬) ଲେଖା ଯାଇଛି । ମୁଦ୍ରାର ଏହି ଡିଜାଇନ୍ ଦେଶର ଦୃଢ଼ ମାନସିକତାକୁ ଦର୍ଶାଉଛି ବୋଲି ଟ୍ରେଜେରୀ ତରଫରୁ କୁହାଯାଇଛି । ମୁଦ୍ରାର ଅନ୍ତିମ ଡିଜାଇନ୍ ଏପର୍ଯ୍ୟନ୍ତ ଚୟନ ହୋଇନାହିଁ ବୋଲି କୁହାଯାଇଛି । ଉଲ୍ଲେଖଥାଉ କି, ୧୯୭୬ରେ ଆମେରିକାର ୨୦୦ତମ ସ୍ୱାଧୀନତା ଦିବସ ଅବସରରେ ଲିବର୍ଟି ବେଲ୍ ଓ ଚନ୍ଦ୍ରକୁ ନେଇ ମୁଦ୍ରା ପ୍ରସ୍ତୁତ କରାଯାଇଥିଲା । ଏଥିରେ ପୂର୍ବତନ ରାଷ୍ଟ୍ରପତି ଏଇସେନହାୱାରଙ୍କ ଚିତ୍ର ଥିଲା । ଟ୍ରମ୍ପଙ୍କୁ ଏହି ମୁଦ୍ରାର ଡିଜାଇନ ପସନ୍ଦ ଆସିବ ବୋଲି ହ୍ୱାଇଟ୍‌ହାଉସ୍ ମୁଖପାତ୍ର କାରାଲିନ ଲେବିଟ କହିଛନ୍ତି ।

## ତଳ କୋର୍ଟର ଦୁଇ ବିଚାରପତିଙ୍କୁ ହଟାଇଲେ ବମ୍ବେ ହାଇକୋର୍ଟ

ମୁମ୍ବାଇ,୪ ।୧୦(ଏଜେନ୍ସି): ବମ୍ବେ ହାଇକୋର୍ଟ ଶୁକ୍ରବାର ତଳ କୋର୍ଟର ଦୁଇଜଣ ବିଚାରପତିକୁ ପଦରୁ ହଟାଇଛନ୍ତି ।



ଅନୁଚିତ ତଥା ଅଶୋଭନୀୟ ଅଚାରଣ ଓ ଦୁର୍ନୀତି ପାଇଁ ହାଇକୋର୍ଟ ଦୁଇ ବିଚାରପତି ସତାରାର ଅତିରିକ୍ତ ସେସନ ଜଜ୍ ଧନଞ୍ଜୟ ନିକମ ଓ ପାଲଘର ସିଭିଲ ଜଜ୍ (ସିନିଅର ଡିଭିଜନ) ଇର୍ଫାନ ଶେଖଙ୍କୁ ପଦରୁ ବହିଷ୍କାର କରିଛନ୍ତି । ଶୃଙ୍ଖଳାଗତ କମିଟିର ତଦନ୍ତ ପରେ ହାଇକୋର୍ଟ ଏହି ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ନେଇଛନ୍ତି । ଧନଞ୍ଜୟଙ୍କ ନାମରେ ଉତ୍କୋଚ ତଥା ଲାଞ୍ଚ ନେବାର ଅଭିଯୋଗ ଆସିଥିଲା । ସେହିପରି ଏକ ଶୁଣାଣି ଅବସରରେ ଇର୍ଫାନ ଦୁର୍ନୀତି କରିବାର ଅଭିଯୋଗ ହୋଇଥିଲା । ଇର୍ଫାନ ଜବତ ହୋଇଥିବା ନିଶାଦ୍ରବ ସେବନ କରିବାର ଅଭିଯୋଗ ହୋଇଥିଲା ଓ ଏ ନେଇ ବମ୍ବେ ହାଇକୋର୍ଟରେ ପିଟିସନ ଦାଖଲ କରାଯାଇଥିଲା । ତେବେ ଆମେ ନିର୍ଦ୍ଦୋଶ ବୋଲି ବହିଷ୍କୃତ ହୋଇଥିବା ଏହି ଦୁଇ ବିଚାରପତି କହିଛନ୍ତି । ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ମୁମ୍ବାଇ ନ୍ୟାୟିକ ବ୍ୟବସ୍ଥାରେ ହଇଚଇ ସୃଷ୍ଟି ହୋଇଛି ।

# ଗାଜାରେ ଶାନ୍ତି ପାଇଁ ବାଟ ଫିଟୁଛି

ୱାସିଂଟନ,୪ ।୧୦(ଏଜେନ୍ସି):

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକର ୬ ଘଣ୍ଟା ପରେ ହମାସ ଅସ୍ତ୍ରବିରତି ପାଇଁ ରାଜି ହୋଇଛି । ହମାସ ଶୁକ୍ରବାର ରାତିରେ ଏ ନେଇ ଘୋଷଣା କରିଛି । ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ଯୋଜନା ଅନୁଯାୟୀ ବଞ୍ଚିଥିବା ଓ ମୃତ୍ୟୁବରଣ କରିଥିବା ସବୁ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ହମାସ ପ୍ରସ୍ତୁତ ଅଛି ବୋଲି କହିଛି । ଏଥିସହ ଗାଜା ଉପରୁ ନିୟନ୍ତ୍ରଣ ଛାଡ଼ିବାକୁ ହମାସ ମଧ୍ୟ ରାଜି ହୋଇଛି । ତେବେ ଟ୍ରମ୍ପ ଦେଇଥିବା ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବରେ କେତୋଟି ସ୍ଥାନରେ ଆଲୋଚନା କରିବାର ଆବଶ୍ୟକତା ଅଛି ବୋଲି ହମାସ କହିଛି । ହମାସ ଅସ୍ତ୍ର ଛାଡ଼ିବ କି ନାହିଁ ସେ ନେଇ କିଛି କୁହାଯାଇନାହିଁ । ହମାସର ଏହି ଘୋଷଣା ପରେ ଗାଜା ଉପରେ ଆକ୍ରମଣ ନ କରିବାକୁ ଟ୍ରମ୍ପ ଇସ୍ରାଏଲକୁ ନିର୍ଦ୍ଦେଶ ଦେଇଛନ୍ତି । ଇସ୍ରାଏଲ ମଧ୍ୟ ଟ୍ରମ୍ପଙ୍କ ଗାଜା ଯୋଜନା ଉପରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି କହିଛି । ଟ୍ରମ୍ପଙ୍କ ଏହି ଯୋଜନାର ପ୍ରଥମ ପର୍ଯ୍ୟାୟ ଲାଗୁ କରିବାକୁ ପ୍ରସ୍ତୁତ ଅଛୁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି । ଯୁଦ୍ଧ ଶେଷ କରିବା ପାଇଁ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ଟିମ୍ ସାଥିହୋଇ କାର୍ଯ୍ୟ କରିବେ । ଗାଜାରେ ଆକ୍ରମଣ ରୋକିବାକୁ ଇସ୍ରାଏଲ ପ୍ରସ୍ତୁତ ବୋଲି କହିଛି । ତେବେ ଅତି ଆବଶ୍ୟକ ପଡିଲେ କାର୍ଯ୍ୟାନୁଷ୍ଠାନ କରିବାକୁ ଇସ୍ରାଏଲ କହିଛି ।



**ନିୟନ୍ତ୍ରଣ ଛାଡ଼ିବ ହମାସ**

**ମୁକ୍ତ ହେବେ ପଣବନ୍ଦୀ**

**ଇସ୍ରାଏଲର ପୁଣି ଆକ୍ରମଣ, ୬ ମୃତ**

ଉଲ୍ଲେଖଥାଉ କି, ହମାସ ପାଖରେ ୪୮ ଜଣ ଇସ୍ରାଏଲ ପଣବନ୍ଦୀ ରହିଛନ୍ତି । ଏମାନଙ୍କ ମଧ୍ୟରୁ ଏବେ ୨୦ ଜଣ ବଞ୍ଚିଛନ୍ତି । ଅସ୍ତ୍ରବିରତି ଘୋଷଣା ହେବାର ୭୨ ଘଣ୍ଟା ମଧ୍ୟରେ ଇସ୍ରାଏଲ ମଧ୍ୟ ୨,୦୦୦ରୁ ଅଧିକ ପାଲେଷ୍ଟାଇନ୍ ସୁରକ୍ଷାକର୍ମୀ ଓ ମୃତାହତ ହୋଇଥିବା ଗାଜା ବାସୀଙ୍କ ମୃତଦେହ ଫେରାଇବାକୁ କୁହାଯାଇଛି । ଇସ୍ରାଏଲ ଓ ହମାସର ଏଭଳି ଆଚରଣ ଗାଜାରେ ଶାନ୍ତି ପାଇଁ ବାଟ ଫିଟାଇଛଇ ବୋଲି କୁହାଯାଉଛି ।

ଶାନ୍ତି ତଥା ଅସ୍ତ୍ରବିରତି ପାଇଁ କ୍ଷେତ୍ର ପ୍ରସ୍ତୁତ ହେଉଥିବା ବେଳେ ଇସ୍ରାଏଲ ଗାଜା ଉପରେ ପୁଣି ଶନିବାର ଆକ୍ରମଣ କରିଛି । ଫଳରେ ସ୍ଥିତି ବିଗିଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଗୋଟିଏ ଆକ୍ରମଣରେ ଗାଜା ସିଟିର ଏକ ଘରେ ରହୁଥିବା ୪ ଜଣ ପ୍ରାଣ ହରାଇଥିଲେ । ସେହିପରି ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ରେ ଆଉ ଏକ ଆକ୍ରମଣରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟକର୍ମୀ ଓ ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି । ପୂର୍ବରୁ ଗାଜା ଉପରେ ଆକ୍ରମଣକୁ ତରୁନ୍ତ ବନ୍ଦ କରିବାକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ । ୨୦୨୩ ଅକ୍ଟୋବର ୭ ପରେ ହମାସର ଆତଙ୍କବାଦୀ ଆକ୍ରମଣ ପରେ ଇସ୍ରାଏଲ୍ ଗାଜାରେ ଆକ୍ରମଣ ଜାରି ରଖିଛି । ହମାସର ଏହି ଆକ୍ରମଣରେ ୧୨୦୦ ଲୋକ ମୃତ୍ୟୁବରଣ କରିଥିଲେ । ଏଥିସହ ହମାସ୍ ୨୫୧ଜଣଙ୍କୁ ପଣବନ୍ଦୀ ରଖିଥିଲା ଗାଜାରେ ଇସ୍ରାଏଲ ଏହି ସେନା ଅଭିଯାନରେ ଏପର୍ଯ୍ୟନ୍ତ ୬୬,୦୦୦ ଲୋକ ପ୍ରାଣ ହରାଇଲେଣି ।

## ଭାରତ ରୁଷ୍‌ଠାରୁ ଆହୁରି ଅଧିକ ଏସ୍-୪୦୦ କିଣିବ



ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ଭାରତ ରୁଷିଆଠାରୁ ଆହୁରି ଅଧିକ ଏସ୍-୪୦୦ କ୍ରୟ କରିପାରେ । ପୂର୍ବରୁ ୫ଟି ଏସ୍-୪୦୦ କ୍ରୟ ନେଇ ଚୁକ୍ତି ହୋଇସାରିଛି । ଭାରତ ମଧ୍ୟ ୩ଟି ଏସ୍-୪୦୦ ପାଇ ସାରିଛି । ଏବେ ଆଉ କିଛି ସିଷ୍ଟମ ପାଇଁ ଚୁକ୍ତି ହେବ । ଆଗାମୀ ଡିସେମ୍ବରରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ଗସ୍ତରେ ଆସିବେ । ଏହି ଗସ୍ତ ଅବସରରେ ଚୁକ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଅପରେସନ ସିନ୍ଦୂରରେ ଏସ୍-୪୦୦ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ପାକିସ୍ତାନକୁ ଚକ୍ମା ଦେବାରେ ସଫଳ ହୋଇଥିଲା । ପାକିସ୍ତାନ ତରଫରୁ ଆସିଥିବା ସବୁ ଡ୍ରୋନ୍ ଓ ମିସାଇଲକୁ ଏସ୍-୪୦୦ ନିଷ୍କ୍ରିୟ କରିଥିଲା । ଭାରତ ୨୦୧୮ ଅକ୍ଟୋବର ୫୦୦ କୋଟି ଡଲାର ବିନିମୟରେ ଏସ୍-୪୦୦ କ୍ରୟ କରିବାକୁ ଚୁକ୍ତି କରିଥିଲା । ସେତେବେଳେ ଆମେରିକା ଏ ନେଇ ଚେତାବନୀ ମଧ୍ୟ ଦେଇଥିଲା । ଏବେ ଭାରତ ଏସ୍-୫୦୦ ମିସାଇଲ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି । ଏସ୍-୪୦୦ ଓ ଏସ୍- ୫୦୦ ଦୁଇଟି ଯାକ ଅତ୍ୟାଧୁନିକ ସିଷ୍ଟମ ଭାବେ ପରିଗଣିତ ହେଉଛି । ଆକାଶମାର୍ଗରୁ ଶତ୍ରୁର ଆକ୍ରମଣକୁ ପଣ୍ଡ କରିବା ପାଇଁ ଏହି ସିଷ୍ଟମର ବ୍ୟବହୃତ ହୋଇଥାଏ । ଆବଶ୍ୟକତା ଅନୁଯାୟୀ ଭାରତ ଏସ୍-୪୦୦ ଓ ଅନ୍ୟ ଡିଫେନ୍ସ ସିଷ୍ଟମ କ୍ରୟ କରିବ ବୋଲି ଏୟାର ଚିଫ୍ ମାର୍ଶାଲ ଏପି ସିଂ ପୂର୍ବରୁ କହି ସାରିଛନ୍ତି ।

**ଏସ୍-୫୦୦ କ୍ରୟ ନେଇ ବିଚାର କରାଯାଇ ପାରେ**

**ଡିସେମ୍ବରରେ ପୁଟିନଙ୍କ ଭାରତ ଗସ୍ତରେ ଚୁକ୍ତି ହୋଇପାରେ**

# ପିଲାଙ୍କ ପାଇଁ କାଳ କଫ୍ ସିରପ୍



ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ତାମିଲନାଡୁ ପରେ ମଧ୍ୟପ୍ରଦେଶରେ କଫ୍ ସିରପକୁ ନିଷେଧ କରାଯାଇଛି । କଫ୍ ସିରପ ସେବନ କରି ଏପର୍ଯ୍ୟନ୍ତ ରାଜସ୍ଥାନ ।।ରେ ୩ ଓ ମଧ୍ୟପ୍ରଦେଶ ।।ରେ ୯ ଜଣ ପିଲା ମୃତ୍ୟୁବରଣ କରିଛନ୍ତି । ଫଳରେ ଏହି ଦୁଇ ରାଜ୍ୟରେ କଫ୍ ସିରପକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି । ମଧ୍ୟପ୍ରଦେଶରେ ଶନିବାରଠାରୁ କୋଲ୍ଡରିଫ୍ ସିରପ ଓ ନେକ୍ସେଟ୍ରୋ-ଡିଏସ୍ ବିକ୍ରି କରିବାକୁ ନିଷେଧ କରାଯାଇଛି । ଏହି ଦୁଇ କଫ୍ ସିରପ ତାମିଲନାଡୁର କାଞ୍ଚିପୁରମ୍‌ରେ ତିଆରି କରାଯାଉଥିଲା । ପିଲାଙ୍କ ମୃତ୍ୟୁପରେ ତାମିଲନାଡୁ ସରକାର ଏହି ଔଷଧଗୁଡିକର ତିଆରି ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି । ସେପେଟେ ରାଜସ୍ଥାନରେ ଡେକ୍ସଟ୍ରୋମେଥେରୋଫାନ ହାଇଡ୍ରୋବ୍ରେମାଇଡ୍ କଫ୍ ସିରପ୍‌ର ଉତ୍ପାଦନକାରୀ କମ୍ପାନୀ କସନ ଫାର୍ମାକୁ ମଧ୍ୟ ବ୍ୟାନ କରାଯାଇଛି । ଏହି କମ୍ପାନୀର ପ୍ଲାଣ୍ଟ ରାଜସ୍ଥାନର ଜୟପୁରରେ ମଧ୍ୟ

- **୧୨ ପିଲାଙ୍କ ମୃତ୍ୟୁ ପରେ କାର୍ଯ୍ୟାନୁଷ୍ଠାନ**
- **ତାମିଲନାଡୁ ପରେ ମଧ୍ୟପ୍ରଦେଶରେ ନିଷିଦ୍ଧ**
- **ରାଜସ୍ଥାନରେ ଡ୍ରଗ୍ସ କଣ୍ଟ୍ରୋଲର ସସ୍‌ପେଣ୍ଡ**

ରହିଛି । ଏଥିପାଇଁ ରାଜସ୍ଥାନର ଜଣେ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ସସ୍‌ପେଣ୍ଡ କରାଯାଇଛି ।

ଉଲ୍ଲେଖଥାଉ କି, କୋଲ୍ଡ୍ରାରିଫ୍ ଓ ନୋକ୍ସଟ୍ରୋ ଡିଏସ୍ ସେବନ କାରଣରୁ ମଧ୍ୟ ପ୍ରଦେଶରେ




ଗତ ୨୬ ଦିନ ମଧ୍ୟରେ ୯ ଜଣ ପିଲା ମୃତ୍ୟୁବରଣ କରିଛନ୍ତି । ସେହିପରି ରାଜସ୍ଥାନର ଭରତପୁର ଓ ସିକାରରେ ମଧ୍ୟ ସମକାରଣ ଯୋଗୁ ତିନିଜଣ ପିଲା ମୃତ୍ୟୁବରଣ କରିଥିଲେ । ମଧ୍ୟପ୍ରଦେଶ ଏ ନେଇ ଚିଠି ଦେବା ପରେ ୪୮ ଘଣ୍ଟା ମଧ୍ୟରେ ତାମିଲନାଡୁରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସେପଟେ ଦୁଇବର୍ଷରୁ କମ୍ ବୟସ୍କ ପିଲାଙ୍କୁ କଫ୍ ସିରପ ନ ଦେବାକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ମହାରାଷ୍ଟ୍ରକୁ ବିପଦ 'ଶକ୍ତି'

ମୁମ୍ବାଇ,୪ ।୧୦(ଏଜେନ୍ସି):

ଗୁଜରାଟର କଚ୍ଛ ନିକଟରେ ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ବାତ୍ୟାର ରୂପ ନେଇଛି । ଶ୍ରୀଲଙ୍କା ଏହି ବାତ୍ୟାର ନାମ 'ଶକ୍ତି' ରଖିଛି । ମହାରାଷ୍ଟ୍ରରେ ୩ରୁ ୭ ଅକ୍ଟୋବର ମଧ୍ୟରେ ବାତ୍ୟା ଶକ୍ତିକୁ ନେଇ ସତର୍କତା ଜାରି କରାଯାଇଛି । ମୁମ୍ବାଇ, ଥାନେ, ପାଲଘର, ରାଇଗଡ଼, ରତ୍ନଗିରି ଓ ସିନ୍ଧୁଦୁର୍ଗ ଜିଲ୍ଲାରେ



ଶକ୍ତିର ପ୍ରଭାବ ଦେଖିବାକୁ ମିଳିବ ଓ ୪୫ରୁ ୫୫ କିମି ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି । ପବନର ବେଗ ୬୫ କିମିରେ ମଧ୍ୟ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି । ଅକ୍ଟୋବର ୫ରେ ମହାରାଷ୍ଟ୍ର ଉପକୂଳରେ ସମୁଦ୍ରରୁ ବଡ଼ ବଡ଼ ଜୁଆର ଆସିବ ବୋଲି ଅନୁମାନ କରାଯାଉଛି । ମୌସୁମୀର ଲେଉଟାଣି ପରେ ଶକ୍ତି ପ୍ରଥମ ବାତ୍ୟା ଭାବେ ଆରବ ସାଗରରେ ସୃଷ୍ଟି ହୋଇଛି । ଶକ୍ତି କିନ୍ତୁ ଭାରତରେ ଲ୍ୟାଣ୍ଡଫଲ କରିବ ନାହିଁ । ଅକ୍ଟୋବର ୭ ସୁଦ୍ଧା ସମୁଦ୍ରରୁ ବଡ଼ ବଡ଼ ଜୁଆର ଆସିବ, ଜୋରରେ ପବନ ବହିବା ସାଙ୍ଗକୁ ଗୁଜରାଟ ଓ ଉତ୍ତର ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ଆଶଙ୍କା କରାଯାଉଛି । ବଙ୍ଗୋପ ସାଗରରେ ଗଭୀର ଅବପାତ କାରଣରୁ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର କୋଡୋଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି । ବର୍ଷା କାରଣରୁ ଆନ୍ଧ୍ରରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଓଡ଼ିଶାର ଗଜପତି ଜିଲ୍ଲାରେ ୨ ଜଣ ଲୋକ ପ୍ରାଣ ହରାଇଛନ୍ତି । ସମୁଦ୍ରରେ ଏବେ ୧୦୦ କିମିରୁ ଅଧିକ ବେଗରେ ପବନ ବହୁଛି । ଅକ୍ଟୋବର ୬ ବେଳକୁ ଶକ୍ତି ଦୁର୍ବଳ ହେବ । ସମୁଦ୍ର ଭିତରକୁ ନ ଯିବା ପାଇଁ ମାଛ ଧରାଳିଙ୍କୁ ସତର୍କ କରି ଦିଆଯାଇଛି । ମହାରାଷ୍ଟ୍ରର ବିଭିନ୍ନ ଜିଲ୍ଲାରେ ଧନଜୀବନ ହାନିକୁ ଦୃଷ୍ଟିରେ ରଖି ଅଧିକାରୀମାନଙ୍କୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

**୬୫ କିମି ବେଗରେ ପବନ ବହିବ**

# ସାର୍ କ୍ରିକ୍ ପାଇଁ ଭାରତ-ପାକିସ୍ତାନ ମୁହାଁମୁହିଁ

ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ସାର କ୍ରିକ୍‌କୁ ନେଇ ପୁଣିଥରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇଛନ୍ତି । ଗୁଜରାଟର କଚ୍ଛ ଜିଲ୍ଲା ଓ ପାକିସ୍ତାନର ସିନ୍ଧ ରାଜ୍ୟର ସୀମାକୁ ଏକ ୯୬ କିମି ଦୀର୍ଘର ଜୁଆରିଆ ମୁହାଣ ନିର୍ଦ୍ଧାରିତ କରୁଛି । ଏହି ମୁହାଣ ସିଧା ଆରବ ସାଗରକୁ ସଂଯୋଗ କରୁଛି । ଜୁଆର ଓ ଭଟ୍ଟା ଅନୁସାରେ ଏହି ସାର କ୍ରିକ୍‌ର ଜଳ ପତନ ବୃଦ୍ଧି ଓ ହ୍ରାସ ହୋଇଥାଏ । ଦୁଇ ଦେଶ ଏହି ସାମୁଦ୍ରିକ ସୀମାକୁ ନେଇ ଭିନ୍ନ ଭିନ୍ନ ମତ ଓ ତର୍କ ଦେଇ ଆସୁଛନ୍ତି । ଏହି ଅଞ୍ଚଳ ଐତିହାସିକ, ଭୌଗଳିକ, ଆର୍ଥନୈତିକ, ପରିବେଷ ଦୃଷ୍ଟିକୋଣରୁ ଦୁଇ ଦେଶ ପାଇଁ ଗୁରୁତ୍ୱ ବହନ କରୁଛି । ଏହାକୁ ପୂର୍ବେ 'ବନ ଗଙ୍ଗା' କୁହାଯାଉଥିଲା । କିନ୍ତୁ ଇଂରେଜ ଶାସନ ବେଳେ ବ୍ରିଟିଶ ଅଧିକାରୀ ସାର କ୍ରିକ୍‌ଙ୍କ ଅନୁସାରେ ଏହାର ନୂଆ ନାମକରଣ ହୋଇଥିଲା । ଏବେ ଏହି ଅଞ୍ଚଳ ନେଇ ବିବାଦ ସୃଷ୍ଟି ହୋଇଛି । ଏହି ଅଞ୍ଚଳରେ ପାକିସ୍ତାନ ସେନା ତା'ର ଉପସ୍ଥିତି ଜାହିର କରୁଛି । ତେଣୁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନକୁ ଏଥିପାଇଁ କଡ଼ା ଚେତାବନୀ ଦେଇଛନ୍ତି । ଯଦି ଏହି ଅଞ୍ଚଳରେ ପାକିସ୍ତାନ କିଛି ଦୁଃସାହାସ କରେ ତେବେ ତା' କଡ଼ା ଜବାବ ଦିଆଯିବ ଓ ଇତିହାସ ସମେତ ଭୂଗୋଳ ମଧ୍ୟ ବଦଳାଇ ଦିଆଯିବ ବୋଲି ରାଜନାଥ ଚେତାବନୀ ଦେଇଛନ୍ତି । ଏହି ଅଞ୍ଚଳରେ ପାକିସ୍ତାନ ତା'ର ସୈନ୍ୟ ଭିତ୍ତିଭୂମି ନିର୍ମାଣ କରୁଥିବାର ଖବର ଆସିବା ପରେ ରାଜନାଥ ପାକିସ୍ତାନକୁ ଏହି ସତର୍କବାଣୀ ଶୁଣାଇଛନ୍ତି ।। ପୂର୍ବରୁ ଏହି ସୀମା ବିବାଦକୁ ସମାଧାନ କରିବାକୁ ଏକାଧିକବାର ପ୍ରୟାସ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇନାହିଁ । କାରଣ ପାକିସ୍ତାନ ସମଗ୍ର ଅଞ୍ଚଳକୁ ନିଜର ବୋଲି ଦାବି କରୁଛି ।

# ଜାପାନରେ ପ୍ରଥମଥର ପାଇଁ ମହିଳା ହେବେ ପ୍ରଧାନମନ୍ତ୍ରୀ

ଟୋକିଓ,୪ ।୧୦(ଏଜେନ୍ସି): ପୂର୍ବ ଏସୀୟ ଦେଶ ଜାପାନରେ ପ୍ରଥମଥର ପାଇଁ ଜଣେ ମହିଳା ପ୍ରଧାନମନ୍ତ୍ରୀ ପଦରେ ଅଳଙ୍କୃତ ହେବେ । ସେ ହେଉଛନ୍ତି ୬୪ ବର୍ଷୀୟା କନଜରଭେଟିଭ୍ ରାଜନେତ୍ରୀ ସାନାଏ ତାକାଇଚି । ତାକାଇଚି ବ୍ରିଟେନ ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ଜଣେ ପ୍ରଶଂସକ ଭାବେ ବେଶ୍ ଜଣାଶୁଣା । ଖୁବ୍‌ଶୀଘ୍ର ତାଙ୍କର ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ପୂରଣ ହେବାକୁ ଯାଉଛି । ଜାପାନରେ ବହୁମତ ହାସଲ କରିଥିବା ପାର୍ଟିର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ପରମ୍ପରା ରହିଆସିଛି । ତେଣୁ ତାକାଇଚି ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ନିକଟତର ଓ ଚୀନ୍-ବରୋଧୀ ନେତା ବୋଲି ବିବେଚିନା କରାଯାଏ ।



ତାକାଚାଇ ଜାପାନରେ ପୁରୁଷ ରାଜା ଶାସନର ସମର୍ଥକ ଭାବେ ବେଶ୍ ଜଣାଶୁଣା । ଏଥିସହ ସେ ରାଣୀ ରାଷ୍ଟ୍ରମୁଖ୍ୟ ଭାବେ ଶାସନ ଭାର ସମ୍ଭାଳିବା ବିପକ୍ଷରେ ରହିଥାନ୍ତି । ତାକାଚାଇ ୨୦୦୪ରେ ସାଥି ସାଂସଦ ତାକୁ ୟମାମେଟୋଙ୍କୁ ବିବାହ କରିଥିଲେ । ତେବେ ୨୦୧୭ ଜୁଲାଇରେ ରାଜନୈତିକ ମତଭେଦ କାରଣରୁ ଦୁହେଁ ଅଲଗା ହୋଇଥିଲେ । କିନ୍ତୁ ୨୦୨୧ରେ ଦୁହେଁ ପୁଣି ଏକାଠି ହୋଇଥିଲେ ଓ ପୁଣିଥରେ ବିବାହ କରିଥିଲେ ।

# ଚାକିରି ବିକ୍ରି: ମେଧାବୀଙ୍କ ଆଖିରେ ଲୁହ

## ବଡ଼ ଆନ୍ଦୋଳନ ପାଇଁ ସଜବାଜ

ଭୁବନେଶ୍ୱର, ୪।୧୦(ସମିସ): ରାଜ୍ୟରେ ଚାକିରି ବିକ୍ରି ହେଉଛି। ଯାହା ପାଖରେ ଟଙ୍କା ଅଛି, ସେ ଲାଞ୍ଚ ଦେଇ ଚାକିରି ପାଉଛି। ଏପରିକି, ବଡ଼ବଡ଼ ପଦରେ ଥିବା ଅଧିକାରୀମାନେ ସେମାନଙ୍କ ପୁଅ-ଝିଅ ପାଇଁ ଚାକିରି କିଣି ଦେଉଛନ୍ତି। ଫଳରେ ପରୀକ୍ଷାରେ ଆଖି ଖୋସି ହୋଇଗଲା ପରି କଟ୍-ଅଫ୍ ଯାଉଛି। ଦୀର୍ଘ ବର୍ଷ ଧରି ଦିନରାତି ପାଠ ପଢୁଥିବା ଛାତ୍ରଛାତ୍ରୀମାନେ କଟ୍-ଅଫ୍ ଦେଖିଲା ପରେ ମୁଣ୍ଡରେ ହାତ ଦେଉଛନ୍ତି। ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ମେଧାବୀଙ୍କ ଚିନ୍ତା ବହୁଗୁଣିତ ହୋଇଛି। ଖୁଲମ୍‌ଖୁଲା ଚାକିରି କିଣାବିକା ହେଉଥିବାରୁ କେମିତି ସରକାରୀ ଚାକିରି ଖଣ୍ଡେ ପାଇବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ପାଠପଢ଼ା ଛାଡ଼ି ବିକଳ୍ପ ଚିନ୍ତା କରିବା ସହ ତୀବ୍ର ଆନ୍ଦୋଳନ ହିଁ ଏକମାତ୍ର ବିକଳ୍ପ ବୋଲି ବିଚାର କରୁଛନ୍ତି। ଭୁବନେଶ୍ୱର ଓ କଟକରେ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଖୁବଶୀଘ୍ର ରାଜ୍ୟର କୋଣ ଅନୁକୋଣରେ ଆନ୍ଦୋଳନ କରବା ପାଇଁ ସଜବାଜ ହେଉଛନ୍ତି।

ମୋଟ୍ ୯୩୩ଟି ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ପଦ ମଧ୍ୟରୁ ପ୍ରାୟ ୪୨୦ଟି ପଦ ବିକ୍ରି କରିବା ପାଇଁ ଡିଲ୍ ହୋଇଥିଲା। କିଛି ଦଲାଲ୍ ଏନେଇ ଆଶାୟୀ ପ୍ରାର୍ଥୀଙ୍କୁ ହ୍ୱାଟସ୍-ଆପ୍ ମେସେଜ୍‌ରେ କହିଥିବାର ସ୍କ୍ରିନ୍‌ସଟ୍ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ଅର୍ଥାତ୍ ପ୍ରାୟ ୫୦% ସିଟ୍ ବିକ୍ରି ହେଉଥିବା ଏକପ୍ରକାର ସ୍ପଷ୍ଟ ଜଣାପଡୁଛି। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲ୍ ଧରା ହେବା ଚାକିରି ବିକ୍ରି ଅଭିଯୋଗ ଉପରେ ମୋହର ମାରିଛି। ହେଲେ ଏହା ପୂର୍ବରୁ ମଧ୍ୟ ପ୍ରାୟ ୨ଶହ ଆଶାୟୀଙ୍କୁ ନିଆଯାଇଥିବା ମେଧାବୀମାନେ ଅଭିଯୋଗ କରିଛନ୍ତି। କିଛି ପରୀକ୍ଷାର୍ଥୀ ଧରାପଡ଼ିବା ପରେ ଅନ୍ୟମାନେ ଅଲଗା ଅଲଗା ହୋଇ ଟ୍ରେନ୍ ଓ ବିମାନ ଯୋଗେ ବିଭିନ୍ନ ସ୍ଥାନକୁ ପଳାଇଛନ୍ତି।

'ଟଙ୍କା ଦିଅ, ଚାକିରି ନିଅ' ନାମକ ଏକ ଅଘୋଷିତ ଯୋଜନା ଆରମ୍ଭ ହୋଇଥିବାରୁ ପ୍ରକୃତ ମେଧାବୀମାନେ ଚିନ୍ତା ଓ ଚାପରେ ପଡ଼ିଛନ୍ତି। ଗ୍ରାମାଞ୍ଚଳ ଓ ଗରିବ ପରିବାରରୁ ଆସି ୫ଟଙ୍କିଆ ଆହାର ଖାଇ ପଢୁଥିବା ପିଲାମାନେ ଚାକିରି କିପରି ପାଇବେ ବୋଲି ଭାବୁଛନ୍ତି। କାରଣ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନାହିଁ, ଯାହା ଦେଇ ଚାକିରି କିଣି ପାରିବେ। ପାଠ ପଢ଼ିଲେ ମଧ୍ୟ ଚାକିରି ପାଇବେ ନାହିଁ, କାରଣ ସେମାନେ ଲକ୍ଷ୍ୟ ରଖି ପଢୁଥିବା ପଦଗୁଡ଼ିକ ବିକ୍ରି ହୋଇ ଯାଉଛି। ଟଙ୍କା ଦେଇ ପୂର୍ବରୁ ପ୍ରଶ୍ନପତ୍ର ପାଉଥିବାରୁ ୯୫%ରୁ ଅଧିକ କଟ୍-ଅଫ୍ ଯାଉଛି। ଏପରି ସ୍ଥିତିରେ ସରକାରୀ ଚାକିରି ଖଣ୍ଡେ ପାଇବା ଏକପ୍ରକାର ଅସମ୍ଭବ ହୋଇ ପଡୁଛି।

ମେଧା ଭିତ୍ତିରେ ଚାକିରି ପାଇବାକୁ ଆଶାୟୀମାନେ ବିକଳ୍ପ ଚିନ୍ତା କରୁଛନ୍ତି। ଗତକାଲି ଅର୍ଥାତ ଶୁକ୍ରବାର ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଆଶାୟୀମାନେ ଏକତ୍ରିତ ହେବା ସହ ଆନ୍ଦୋଳନ କରିଛନ୍ତି। ସରକାର ଚାକିରି ବିକ୍ରି ବନ୍ଦ କରିବାକୁ ଦାବି କରିବା ସହ ମାଷ୍ଟମାଇଣ୍ଡଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହାର ଦିନକ ପରେ ଅର୍ଥାତ୍ ଶନିବାର କଟକସ୍ଥିତ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ଗ୍ରନ୍ଥାଗାର ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଘଟଣାର ୫ଦିନ ପରେ ମଧ୍ୟ ପୁଲିସ୍ ଅଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ଯୋଜନା କରୁଛନ୍ତି।

## ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ: ଗର୍ଜିଲା ବିଜେଡି

# ସିବିଆଇ ତଦନ୍ତ ଦାବି; ୬ରେ ପ୍ରତିବାଦ ଶୋଭାଯାତ୍ରା

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ହାତ ରହିଛି। ପୁଲିସ ବିଭାଗରେ ଏହି ଦୁର୍ନୀତି ହୋଇଥିବା ବେଳେ ବିଭାଗର ଏକ ଅଂଶ ଭାବେ ରହିଥିବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବା ଗ୍ରହଣୀୟ ନୁହେଁ। ତେଣୁ ଏପରି ସ୍ୱର୍ଣ୍ଣକାତର ଘଟଣାର ସିବିଆଇ ତଦନ୍ତ ଦାବିରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଆସନ୍ତା ସୋମବାର ଦିନ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା କେଳେଙ୍କାରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଛନ୍ତି। ଶ୍ରୀ ଘଡେଇ କହିଛନ୍ତି ଯେ ଏହି ନିଯୁକ୍ତି ପରୀକ୍ଷାକୁ କରିବା ପାଇଁ ପ୍ରାଥମିକ ଭାବେ ଆଇଟିଆଇ ସଂସ୍ଥାକୁ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଏହା ଦୁଇ ଦୁଇଟି ସଂସ୍ଥାକୁ ଆଉଟସୋର୍ସିଂ କରାଯାଇଥିଲା । ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ନୀତି ସ୍ପଷ୍ଟ ହେବା ଦରକାର। କାହା ନିର୍ଦ୍ଦେଶରେ ଏପରି ଏକ ଅନଭିଜ୍ଞ କମ୍ପାନୀକୁ ଆଉଟସୋର୍ସିଂ କରାଯାଇଥିଲା। ଏହି ଆଉଟସୋର୍ସିଂ ମାଧ୍ୟମରେ ଦୁର୍ନୀତି କରିବା ପାଇଁ ରାଜ୍ୟ ସରକାର ବାଟ ତିଆରି କରିଥିଲେ। ଏହି ଘଟଣାରେ ଓପିଆରବିର ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗର ସଚିବ ତଦନ୍ତ ପରିସରଭୁକ୍ତ ହେବା ଦରକାର । ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଆଜି ଏହି ଘଟଣାରେ ହତାଶ ହୋଇଛନ୍ତି। ବିଶେଷକରି ଏହି କେଳେଙ୍କାରୀରେ



ପୁଲିସ ଅଧିକାରୀ ଅଭିଯୁକ୍ତ ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତରେ ନ୍ୟାୟ ମିଳିବା ନେଇ ସନ୍ଦେହ ରହିଛି । ତେଣୁ ସିବିଆଇ ତଦନ୍ତ ଏକ ମାତ୍ର ବିକଳ୍ପ। ଯଦି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଘଟଣାରେ ତାଙ୍କର ସ୍ୱଚ୍ଛତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ତାହେଲେ ତୁରନ୍ତ ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରନ୍ତୁ ବୋଲି ଶ୍ରୀ ଘଡେଇ କହିଛନ୍ତି।

ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଚାକିରୀ ବିକ୍ରି ଘଟଣା ହେଉଛି ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ। ଚଳିତ ବର୍ଷ ମାର୍ଚ୍ଚ ୭ ଓ ୮ ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା। ଚାକିରୀ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା। ନିଯୁକ୍ତି ପରୀକ୍ଷା ଆୟୋଜନ କରିବାରେ ତିଳେ ମାତ୍ର ଅଭିଜ୍ଞତା ନ ଥିବା ସଂସ୍ଥା ପଞ୍ଚସଫ୍ଟକୁ ଆଉଟସୋର୍ସିଂ କରାଯାଇଥିଲା। ଏହି କମ୍ପାନୀ ମାଧ୍ୟମରେ ଆଶାୟୀମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇଥିଲା। ପ୍ରତି ଆଶାୟୀଙ୍କ ଠାରୁ ଦଶ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଆଦାୟ ହୋଇ ସାରିଥିଲା ଓ ସର୍ତ୍ତ ଅନୁସାରେ ଚାକିରୀ ପାଇବା ପରେ ଆଉ ପନ୍ଦର ଲକ୍ଷ ଦେବାକୁ ବାକି ରହିଥିଲା। କିନ୍ତୁ ବ୍ରହ୍ମପୁରରେ ସେମାନଙ୍କୁ ଏକତ୍ରିତ କରି ଶ୍ରୀକାକୁଲମ ନେବା ପୂର୍ବରୁ ଆଶାୟୀମାନଙ୍କୁ ସେମାନଙ୍କ ଅରିଜିନାଲ ସାର୍ଟିଫିକେଟ ସଂସ୍ଥା ପାଖରେ ବନ୍ଧକ ରଖିବାକୁ କୁହାଯାଇଥିଲା । କିଛି ଆଶାୟୀ ଏହି ସର୍ତ୍ତରେ ରାଜି ହୋଇ ନଥିବାରୁ ଘଟଣା ବିଷୟରେ ପୁଲିସକୁ ଖବର ଯାଇଥିଲା ଓ ଶ୍ରୀକାକୁଲମ ଠାରେ ପୁଲିସ ଗିରଫ କରିଥିଲା। ତେଣୁ ଏହି ଘଟଣାରେ ସିବିଆଇ ତଦନ୍ତ ହେବାର ସର୍ବାଧିକ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

# ୧୫ ମାସରେ ୧୫ ପରୀକ୍ଷା ମହାଦୁର୍ନୀତି: କଂଗ୍ରେସ

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷାରେ ଯେଉଁଭଳି ଦୁର୍ନୀତି ଓ ଅନିୟମିତତା ଦେଖା ଦେଇଛି, ତାହା ରାଜ୍ୟର ଯୁବଶକ୍ତିର ଆସ୍ଥାକୁ ଭଙ୍ଗି ଦେଇଛି। ବର୍ଷକୁ ବର୍ଷ ଧରି ପରିଶ୍ରମ କରୁଥିବା ଯୁବକମାନେ ଆଜି ହତାଶାରେ ଥିବାବେଳେ ଦୁର୍ନୀତିଖୋରମାନେ ଖୋଲା ଘୂରି ବୁଲୁଛନ୍ତି। ବିଜେପି ଅମଳରେ ଗତ ୧୫ ମାସରେ ୧୫ଟି ପରୀକ୍ଷା ଦୁର୍ନୀତି ହୋଇ ସାରିଲାଣି। ଏହା ଏକ ଅନ୍ତଃରାଜ୍ୟ ରାକେଟ୍ ହୋଇଥିବାରୁ ତଦନ୍ତ ଭାର ସିବିଆଇକୁ ଦିଆଯାଉ ବୋଲି ଦାବି କରିଛି କଂଗ୍ରେସ। ସେହିପରି ପରୀକ୍ଷାର୍ଥୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ ସହ ମାସିକ ୨୦ ହଜାର ଭତ୍ତା ଦିଆଯାଉ ବୋଲି କଂଗ୍ରେସ ଦାବି କରିଛି।

କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳ ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ ଏହି ଦୁର୍ନୀତି ପଛରେ ୨୫ ଲକ୍ଷ ଟଙ୍କାର ଡିଲ ହୋଇଛି। ଖୋଦ୍ ପୁଲିସ ଏହା ସ୍ୱୀକାର କରିଛି। ଗରିବ ବାପା ମା ଓ ତାଙ୍କ ପିଲାର ଭବିଷ୍ୟତକୁ ଚାକିରି ଦଲାଲମାନେ ଅନ୍ଧକାର କରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟତମବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଓଡ଼ିଶାର ଯୁବକ ମାନଙ୍କୁ ଦାଦନ ଖଟିବାକୁ ସରକାର ବାଧ୍ୟ କରୁଛନ୍ତି। ଗରିବ, ଶ୍ରମିକଙ୍କ ପିଲାଙ୍କୁ ଚାକିରି ଦେବା ନାଁରେ ସରକାର ହଜାର ହଜାର କୋଟି ଟଙ୍କା ଲୁଟୁଛନ୍ତି। ରାଜ୍ୟରେ ୧୫ ମାସର ସରକାରରେ ୧୫ ଥର ପ୍ରଶ୍ନ ପତ୍ର ଲିକ୍ ହୋଇଛି। ସରକାରୀ ମେଧାବୀ ଗରିବ ଯୁବକଙ୍କଠାରୁ ପରୀକ୍ଷା ଫିସ ବାବଦ କୋଟି କୋଟି ଟଙ୍କା ଆତ୍ମସାତ୍ ହୋଇଛି। ସରକାରଙ୍କ ପକ୍ଷରୁ ଯଦିଓ ଚାକିରି ପିଛା ୨୫ ଲକ୍ଷ ଟଙ୍କାର ପିସି କାରବାର ହୋଇଥିବା କୁହାଯାଉଛି, ବାସ୍ତବିକ୍ ଏଥିରେ ପାଖାପାଖି ୫୦ ଲକ୍ଷ ଟଙ୍କା ଅର୍ଥାତ୍ ସିଧାସଳଖ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟରେ ଗରିବ ପିଲାଙ୍କୁ ଲୁଟିବା ପାଇଁ ଏକ ଦୁର୍ନୀତିର ଚକ୍ରବ୍ୟୂହ ରଚନା କରାଗଲା। ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ସମ୍ପର୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ରହିଛି, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହି ବ୍ୟକ୍ତିଙ୍କୁ ଦଳରେ



ଅନ୍ତଃରାଜ୍ୟ ରାକେଟ୍‌ର ହେଉ ସିବିଆଇ ତଦନ୍ତ

ବିଧିବଦ୍ଧ ଭାବରେ ସାମିଲ କରିଥିଲେ। ଗରିବ ପିଲାଙ୍କୁ ଲୁଟି ଶଙ୍କର ପୃଷ୍ଟି ଜରିଆରେ ବିଜେପି ନେତାଙ୍କୁ ମାଲାମାଲ କରିବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର ରଚାଯାଇଥିଲା। ଏହି ସ୍କାମ୍ ପଛରେ ଥିବା ବିଜେପିର ବଡ଼ ବଡ଼ ନେତା, ମନ୍ତ୍ରୀ, ପୁଲିସ କମିଶନରଙ୍କୁ ଥରେ ହେଲେ ବି ପଚରା ଉଚରା କରାଗଲା ନାହିଁ। ସମଗ୍ର ଘଟଣାରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ବର୍ତ୍ତମାନ ଶାସନ ଯେଉଁ ରାବଣ ହାତରେ ରହିଛି ସେଥିରେ ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଇଛି ବୋଲି ଅନ୍ୟତମ ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ଛାତ୍ର ନେତା ତଥା ଅନ୍ୟତମ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ରାଜ୍ୟରେ ନିଯୁକ୍ତି ଦୁର୍ନୀତି ଏକ ବ୍ୟବସାୟ ହେଇଯାଇଛି ଓ ଏହି ବ୍ୟବସାୟୀ ମାନଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ।

# ମୁଖ୍ୟ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୪।୧୦ (ସମିସ): ପୁଲିସ ସବଇନ୍ସପେକ୍ଟର ପରୀକ୍ଷା କେଳେଙ୍କାରୀକୁ ନେଇ ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଓପିଆରବି (ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ)ଅଧ୍ୟକ୍ଷ ସୁଶାନ୍ତ ନାଥ, ଓପିଆରବି ସଦସ୍ୟ ଆଇପିଏସ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।ସୂଚନା ଅନୁଯାୟୀ ବୈଠକରେ ମୁଖ୍ୟ ସଚିବ ଏସଆଇ କେଳେଙ୍କାରୀ ସମ୍ପର୍କରେ ବିସ୍ତୃତ ତଥ୍ୟ ପଚାରି ବୁଝିଛନ୍ତି। ଏପରି ଦୁର୍ନୀତି କିପରି ହେଲା, ଦୁର୍ନୀତିର ମୂଳ ଖିଅ ଖୋଜିବା ପାଇଁ ତଦନ୍ତ କେତେବାଟ ଯାଇଛି, ପରୀକ୍ଷା ପରିଚାଳନାରେ ମୂଳ ତ୍ରୁଟି କେଉଁଠି ରହିବା ସେନେଇ ବୈଠକରେ ବ୍ୟାପକ ବିଚାର ବିମର୍ଶ କରାଯାଇଛି। ସେହିପରି ଏପର୍ଯ୍ୟନ୍ତ ହୋଇଥିବା ତଦନ୍ତ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିବା ନେଇ ମଧ୍ୟ ସୂଚନା ହସ୍ତଗତ ହୋଇଛି। ଏ ସମ୍ପର୍କରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ କହିଛନ୍ତି, ଯାହା ଘଟଣା ଘଟିଛି କ୍ରାଇମ୍‌ବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ତଦନ୍ତ ରିପୋର୍ଟକୁ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ନିଆଯିବ। ସଠିକ୍ ସମୟରେ ସ୍ୱଚ୍ଛ ଭାବେ ପରୀକ୍ଷା ହେବ ବୋଲି ଶ୍ରୀ ନାଥ କହିଛନ୍ତି।

# ଗିରଫଙ୍କ ମଧ୍ୟରେ ଅବସରପ୍ରାପ୍ତ ଜେଲ୍ ଡିଆଇଜିଙ୍କ ପୁଅ

ଭୁବନେଶ୍ୱର, ୪।୧୦ (ସମିସ): ପୁଲିସ ଏସ୍ଆଇ ଚାକିରି କିଣାବିକା ଘଟଣାରେ ବଡ଼ବଡ଼ିଆ ପୁଲିସ୍ ଅଧିକାରୀଙ୍କ ସମ୍ପୃକ୍ତି ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଗିରଫ ହୋଇଥିବା ଆଶାୟୀଙ୍କ ମଧ୍ୟରେ ପୂର୍ବତନ ଜେଲ୍ ଡିଆଇଜି କୁଳମଣି ବେହେରାଙ୍କ ପୁଅ ଅମୀୟ ବେହେରା (୨୮) ମଧ୍ୟ ରହିଛନ୍ତି। ଗତ ମାର୍ଚ୍ଚରେ ଜେଲ୍ ବିଭାଗରୁ ଏହି ବରିଷ୍ଠ ଅଧିକାରୀ ଅବସର ନେଇଥିବାବେଳେ ସେହି ଜେଲ୍ ବିଭାଗର ଡିଜି ମଧ୍ୟ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଅଛନ୍ତି। ଏଣୁ ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ିଆଙ୍କ ସମେତ ଖୋଦ୍ ଓପିଆର୍‌ବି ଅଧ୍ୟକ୍ଷ ସମ୍ପୃକ୍ତ ରହିଥିବା ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନର ଆବାହକ ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ଓପିଆର୍‌ବି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସୁଶାନ୍ତ କୁମାର ନାଥ ଜେଲ୍ ବିଭାଗର ଡିଜି ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି। ସେହି ବିଭାଗରେ ଡିଆଇଜି ଭାବେ କାର୍ଯ୍ୟ କରିଥିବାରୁ ଶ୍ରୀ ବେହେରାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି। ଏଣୁ କ୍ଷମତାର ଅପବ୍ୟବହାର କରି ତାଙ୍କ ପୁଅକୁ ଏସ୍ଆଇ କରିବାକୁ ପ୍ରୟାସ କରୁଥିଲେ। ଚାକିରି ବିକ୍ରି ରାକେଟ୍ ସମ୍ପର୍କରେ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏଣୁ ଶ୍ରୀ ବେହେରାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି। ଆହୁରି ବଡ଼ ପୁଲିସ୍ ଅଧିକାରୀ ଚାକିରି ବିକ୍ରି ରାକେଟ୍‌ରେ ସାମିଲ୍ ଥିବା ସେ ଆଶଙ୍କା କରିଛନ୍ତି। ବଡ଼ବଡ଼ ଅଧିକାରୀଙ୍କ ଉପରେ ସେମାନଙ୍କ ଅଧସ୍ତନ କର୍ମଚାରୀମାନେ କିପରି ତଦନ୍ତ କରିବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏଣୁ ରାଜ୍ୟର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳୁଥିବା ବଡ଼ବଡ଼ିଆଙ୍କୁ ଧରିବାକୁ ରାଜ୍ୟ ସରକାର ଏହି ଦୁର୍ନୀତିର ତଦନ୍ତ ଭାର ତୁରନ୍ତ ସିବିଆଇକୁ ଦିଅନ୍ତୁ, ଅନ୍ୟଥା ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ତଦନ୍ତ ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ମେଧାବୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ସରକାର ନୀରବତା ଭାଙ୍ଗନ୍ତୁ, ନହେଲେ ରାଜ୍ୟର କୋଣଅନୁକୋଣରେ ମେଧାବୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ଆଶାୟୀଙ୍କ ମଧ୍ୟରେ ଦମ୍ପତି ଓ ଦୁଇ ଭାଇ

ଭୁବନେଶ୍ୱର, ୪।୧୦ (ସମିସ): ଗିରଫ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଜେଲ୍ ବିଭାଗର ଜଣେ ପୂର୍ବତନ ଡିଆଇଜିଙ୍କ ପୁଅ ଓ ଜଣେ ଅବସରପ୍ରାପ୍ତ ଏସ୍‌ପିଙ୍କ ପୁଅ ଥିବା ସୂଚନା ମିଳିଛି। ସେହିପରି ଗିରଫ ହୋଇଥିବା ୧୧୮ ଆଶାୟୀଙ୍କ ମଧ୍ୟରେ ବଲାଙ୍ଗୀର ମୁରିବାହାଲ ଥାନା ଅଞ୍ଚଳର ପ୍ରହ୍ଲାଦ ନାଗ ଓ ତାଙ୍କ ପତ୍ନୀ ମୁନକୀ ରାଜପାଲିଆ ରହିଥିବା ସୂଚନା ମିଳିଛି। ଚାକିରି ପାଇଁ ଉଭୟଙ୍କ ସହ ୩୦ ଲକ୍ଷ ଟଙ୍କା ଲେଖାଏଁ ଡ଼ିଲ୍ ହୋଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ପ୍ରହ୍ଲାଦଙ୍କ ପତ୍ନୀ ମୁନକୀ ଗତ ପଞ୍ଚାୟତ ନିର୍ବାଚନରେ ପତ୍ରାପାଲି ପଞ୍ଚାୟତ ପାଇଁ ସମିତି ସଭ୍ୟ ଭାବେ ନିର୍ବାଚନ ମଧ୍ୟ ଲଢିଥିଲେ। ସେହିପରି ବୌଦ୍ଧର ଦୁଇଭାଇ ମଧ୍ୟ ପୁଲିସ ଚାକିରି ପାଇଁ ଟଙ୍କା ଦେଇ ଗିରଫ ହୋଇଛନ୍ତି।

# ଚୌଦ୍ୱାର ଜେଲ୍‌ରୁ ୨ କୁଖ୍ୟାତ ବିହାରୀ କଏଦୀ ଚମ୍ପଟ

ଚୌଦ୍ୱାର, ୪।୧୦ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ରୁ ୨ କୁଖ୍ୟାତ ବିହାରୀ କଏଦୀ ଗୁରୁବାର ବିଳମ୍ବିତ ରାତିରେ ଫେରାର୍ ହୋଇଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟର ସର୍ବବୃହତ୍ ଜେଲ ଭାବେ ପରିଗଣିତ ଏହି ଜେଲର କଡ଼ା ସୁରକ୍ଷା

- ଜ୍ୱେଲାରୀ ଦୋକାନରୁ ଲୁଟ୍ ଓ ୨ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ
- ତଦନ୍ତ ଆରମ୍ଭ, ୨ ୱାର୍ଡର୍ ନିଲମ୍ବିତ
- ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାର ଘୋଷଣା
- ରଡ୍ କାଟିବାକୁ ଆରି ଆଣିଲେ କେଉଁଠୁ?

ବ୍ୟବସ୍ଥା ସତ୍ତ୍ୱେ ଏହାର ସୁଉଚ୍ଚ ପାଚେରୀ ଡେଇଁ ୨ଜଣ କଏଦୀ ଫେରାର୍ ହୋଇଯିବା ଘଟଣା ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବିହାର ରାଜ୍ୟର ମୁଫସିଲ ଥାନା ଅଧୀନ ଲୋହିଆ ନଗରର ରାଜା ସାହାଣୀ ଓ ଗୌର ଥାନା ରାମପୁର ଗ୍ରାମର ମଧୁକାନ୍ତ କୁମାର ନାମକ ୨ଜଣ କଏଦୀ ଗତ ୮ ମାସ ହେବ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ଥିଲେ। ବହୁଚର୍ଚ୍ଚିତ ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳର ପଣ୍ଡା ସୁନା ଅଳଙ୍କାର ଦୋକାନରୁ ଲୁଟ୍ ଓ ସର୍ବସାଧାରଣରେ ୨ ଜଣଙ୍କୁ ଗୁଳି କରି ହତ୍ୟା କରିବା ଭଳି ସଂଗିନ୍ ଅପରାଧରେ ସେମାନେ ସାମିଲ ଥିଲେ। ଅଧିକ ସୁରକ୍ଷା ଦୃଷ୍ଟିରୁ ୮ ମାସ ତଳେ ଦୁହିଁଙ୍କୁ ଯାଜପୁର ରଗଡ଼ି ଜେଲ୍‌ରୁ ଚୌଦ୍ୱାର ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଏଠାକୁ ଆସିବା ପରଠାରୁ ସେମାନେ ଜେଲ୍‌ରୁ ଫେରାର୍ ହେବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିଛି ମାସ ତଳେ ଏହି ୨ ଅପରାଧୀ ଫେରାର୍ ହେବା ପାଇଁ ଜେଲ ପରିସରରେ ସିନ୍ଧି କରିବା ପାଇଁ ଯୋଜନା କରୁଥିବା ବେଳେ ପୂର୍ବତନ ଅଧୀକ୍ଷକଙ୍କ ହାତରେ ଧରାପଡ଼ିଥିଲେ। କିନ୍ତୁ ଏହି ଗୋଟିଏ ବିଫଳତାରେ ସେମାନେ ଅଟକି ଯାଇନଥିଲେ। ଜେଲ୍ ଭିତରେ ସେମାନଙ୍କୁ



ଦିଆଯାଇଥିବା କମ୍ବଳ ଓ ପିନ୍ଧାବସ୍ତ୍ରକୁ କାଟି ସେଥିରୁ ଦଉଡ଼ି ତିଆରି କରିଥିଲେ। ଦଶହରା ରାତିରେ ଜେଲ୍ ଭିତରେ ସମସ୍ତେ ଭୋଜିଭାତରେ ମସଗୁଲ୍ ରହିଥିବା ବେଳେ ଏହାର ସୁଯୋଗ ନେଇ ଅପରାଧୀଦ୍ୱୟ ସେମାନେ ରହୁଥିବା ସେଲର ସ୍ପେଶାଲ ଗ୍ରିଲକୁ କାଟି ଦେଇଥିଲେ। ପୂର୍ବରୁ ତିଆରି କରିଥିବା ଦଉଡ଼ି ଓ ବାଉଁଶ ସାହାଯ୍ୟରେ ଜେଲର ସୁଉଚ୍ଚ ପାଚେରି ଡେଇଁ ସେମାନେ ଫେରାର୍ ହୋଇଯାଇଥିଲେ।

ଏହି ଘଟଣା ଜଣାପଡ଼ିବା ପରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି। ଜେଲର ସିସିଟିଭିକୁ ଯାଞ୍ଚ କରାଯିବା ସହ କାର୍ଯ୍ୟରେ ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜେଲ ଡିଜି ସୁଶାନ୍ତ କୁମାର ନାଥ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଫେରାର୍ ଦୁଇ ଅପରାଧୀଙ୍କ ସମ୍ପର୍କରେ ସଠିକ ସୂଚନା ଦେବା ବ୍ୟକ୍ତିବିଶେଷଙ୍କୁ ୫୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କମିସନରେଟ୍ ପୁଲିସ ତରଫରୁ ଘୋଷଣା କରାଯାଇଛି। ଜେଲ ଭିତରେ ରଡ୍ କାଟିବା ପାଇଁ ସେମାନେ ଆରି ବା ଅସ୍ତ୍ର ପାଇଲେ କିପରି, ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି।

# ଅକ୍ଟୋବର ୯ ରୁ ବିଜେଡିର ଜନସମ୍ପର୍କ ଅଭିଯାନ

## ଗାନ୍ଧୀ ମୂର୍ତ୍ତି ତଳେ ସଂକଳ୍ପନେଲେ ନେତା, କର୍ମୀ

ଭୁବନେଶ୍ୱର, ୪।୧୦(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପବିତ୍ର ଜୟନ୍ତୀ ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜନସମ୍ପର୍କ ଅଭିଯାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତର

- ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ ଦଳ ଜଣାଇଲା ଶ୍ରଦ୍ଧାଞ୍ଜଳି
- ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ ପଦଯାତ୍ରା
- ପୂର୍ବ ସରକାରଙ୍କ ସଫଳତା, ଏବେର ସରକାରଙ୍କ ବିଫଳତା ସମ୍ପର୍କରେ ସଚେତନ କରିବେ

ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜନତା ମଇଦାନ ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡାଙ୍କ ଆବାହକତ୍ୱରେ ଜନସମ୍ପର୍କ ଅଭିଯାନର ସଂକଳ୍ପ ନିଆଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ଜନସମ୍ପର୍କ ଅଭିଯାନର ସଂକଳ୍ପ ପାଠ କରାଇଥିଲେ।



ମହାତ୍ମା ଗାନ୍ଧୀ ଅହିଂସାର ପ୍ରତୀକ। ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନ ଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁବେଳେ ଦାବି କରି ଆସୁଛନ୍ତି। ଅହିଂସା ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେବା ପାଇଁ ବିଜେଡି ସଂଗ୍ରାମ ଜାରି ରଖିବ ବୋଲି ସଂକଳ୍ପ ନିଆଯାଇଛି। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାରେ ଘରକୁ ଘର ବୁଲି ନବୀନ ପଟ୍ଟନାୟକ ସରକାରଙ୍କ ସଫଳତା ଓ ବର୍ତ୍ତମାନର ବିଜେପି ସରକାରଙ୍କ ବିଫଳତା ନେଇ ବିଜେଡି ସଚେତନତା ସୃଷ୍ଟି କରିବ। ଏହା ନଭେମ୍ବର ୯ ଯାଏଁ ମାସେ ବ୍ୟାପୀ ପ୍ରତି ୱାର୍ଡ, ବ୍ଲକ, ପଞ୍ଚାୟତ, ଜିଲ୍ଲା ପରିଷଦ, ପୌରାଞ୍ଚଳ ଓ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବ। ବିଶେଷକରି ଏହି ପଦଯାତ୍ରା ସମୟରେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ନିଆଯାଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକର ଅବତାରଣା କରାଯିବା ସହ ବର୍ତ୍ତମାନର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳତା, ମହିଳାମାନଙ୍କୁ ପ୍ରତାରଣା ଓ ନିର୍ଯାତନା, ଆଇନଶୃଙ୍ଖଳାର ଅଧୋଗତି, ପଞ୍ଚାୟତରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଅଭିସନ୍ଧି, ଚାଷୀମାନଙ୍କ ସମସ୍ୟା ପ୍ରତି ବିମୁଖତା, ଯୁବସମାଜ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା, ଦରଦାମ ବୃଦ୍ଧି, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କୁ ଉପେକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ସଂପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

ଜନସମ୍ପର୍କ ଅଭିଯାନ ସଂକଳ୍ପ ଅବସରରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସ ବର୍ମା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ସାଧାରଣ ସମ୍ପାଦକ ବିଜୟ ନାୟକ, ସୁମିତ୍ରା ଜେନା, ମିନତି ବେହେରା, ସ୍ଥାନୀୟ କର୍ପୋରେଟର୍ ଓ ଦଳର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ମେଢ଼ାର ନାଳ ପୋଲ ଉପରେ ବନ୍ୟାଜଳ ପ୍ରବାହିତ

ସିନାପାଲି,୪ ।୧୦(ସମିସ)

ଘୁଚାପ ଜନିତ ଲଗାଣ ବର୍ଷା ରେ ସିନାପାଲି ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ ବିଭିନ୍ନ ଛୋଟ ବଡ଼ ନଦୀ ନାଳରେ ବନ୍ୟା ଜଳ ପ୍ରଭାହିତ ହେଉଛି । କିଛି ନାଳରେ ବନ୍ୟା ଜଳ ପୋଲ ଉପରେ ପ୍ରବାହିତ ହେବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି । ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ କେନ୍ଦୁମୁଣ୍ଡା ପଞ୍ଚାୟତର ଧିଙ୍ଗିଆମୁଣ୍ଡା ନିକଟସ୍ଥ ମେଢ଼ାର ନାଳ ପୋଲ ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି ।ଏହି ରାସ୍ତାକୁ କୁଲିଆପାତର, ମହୁଲପଡ଼ା, ଜାମପାଣି, ନୁଆମାଳପଡ଼ା ଗାଁ ତଥା ଅଞ୍ଚଳର ପ୍ରାୟ ୧୫୦୦ ଲୋକ ନିର୍ଭର




କରନ୍ତି ।ଧିଙ୍ଗିଆମୁଣ୍ଡା ଗ୍ରାମକୁ ଆସିବାକୁ ହେଲେ ମେଢ଼ାର ନାଳ ପାରି ହୋଇ ଆସିବାକୁ ପଡ଼ିଥାଏ । ପାଞ୍ଚଟି ଗାଁର ମଧ୍ୟ ଭାଗରେ ନାଳ ରହିଛି । ଧିଙ୍ଗିଆମୁଣ୍ଡା ଗ୍ରାମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଙ୍ଗକୁ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି ।ଦୈନନ୍ଦିନ କାର୍ଯ୍ୟ ପାଇଁ ମଧ୍ୟ ପ୍ରତିଦିନ ନାଳ ପାରି ହୋଇ ଯିବା ଆସିବା କରୁଛନ୍ତି । ବର୍ଷା ଋତୁ ସମୟରେ ଶିଶୁ ତଥା ଛାତ୍ରଛାତ୍ରୀଙ୍କୁ ମୁଣ୍ଡରେ ବୋହି ଭରା ନାଳ ପାରି କରାଇ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ନେଇଥାନ୍ତି । ଯାହା ଫଳରେ ବିପଦ ଭାରେଇ ଯିବାକୁ ପଡୁଛି ବୋଲି ଗ୍ରମବସୀ ଅଭିଯୋଗ କରିଛନ୍ତି । ଗାଁକୁ ଏହି ନାଳା ବାଧକ ସାଜିଥିବାରୁ ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରେ ନାହିଁ । ଫଳରେ ଅନେକ ରୋଗୀ ତଥା ପ୍ରସୂତି ମହିଳାଙ୍କୁ ବହୁ କଷ୍ଟରେ ଭାର କରି ପାରି କରିବାକୁ ପଡ଼ିଥାଏ । ଏହି ନାଳରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେବା ସହ ବର୍ଷା ଋତୁର ଅଧିକାଂଶ ସମୟରେ ପାଣି ପ୍ରବାହିତ ହେଇଥାଏ । ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ନାଳରେ ସେତୁ ନିର୍ମାଣ କରିବା ପାଇଁ ଗ୍ରାମର ଜନସାଧାରଣ ଅନେକ ଥର ପ୍ରଶାସନିକ ଅଧିକାରୀ,ରାଜନୈତିକ ନେତୃବୃନ୍ଦ ସମେତ ଅନେକ ଥର ନୂଆପଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମର ଅଭିଯୋଗ କରିଛନ୍ତି । ଏଦିଗରେ ସରକାର ତଥା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏ ବିଷୟରେ ସ୍ଥାନୀୟ ବିଡିଓ କାର୍ମି ଓରାମଙ୍କୁ ପଚାରିବାରୁ ମୁଁ ଉପର ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଇବି ଓ ଯେତେ ଶୀଘ୍ର ହେବ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ ।

## ବର୍ଷାରେ ଭାଙ୍ଗିଲା ଘର

ନୂଆପଡା/କୋମନା,୪ ।୧୦(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଲଗାଣ ବର୍ଷା ଯୋଗୁଁ ଅନେକ ମାଟି ଘର ଭାଙ୍ଗି ଯାଇଛି । କୋମନା ବ୍ଲକ୍‌ର ଝଗ୍ରାହି ପଞ୍ଚାୟତର ଖମବାହି ଗାଁର ତାତୁରାମ ଠେଲା,ଧନମତୀଠେଲା,ଇନ୍ଦ୍ରଠେଲା,ଖିରମନ ଠେଲା, ରୁଦ୍ର ଥପା, ଯଶୋବନ୍ତ ଥପା,ଗଜରାଜ ବାଗ,ଘନ ପରାଭୁଏ, କିଶୋର ଠେଲା,ଯୁଗ ଠେଲା ପ୍ରମୁଖଙ୍କ ମାଟି କାନ୍ଥ ଘର ଭାଙ୍ଗି ଯାଇଛି । କିଛି ପରିବାର ସ୍କୁଲ ଓ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି । ସରକାରୀ ସହାୟତା ପାଇଁ ଅନୁରୋଧ କରିଛନ୍ତି । ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି, ସମ୍ପୂର୍ଣ୍ଣ ତଥ୍ୟ ଆସିଲେ ସରକାରଙ୍କୁ ରିପୋର୍ଟ ଦିଆ ଯିବ ବୋଲି କୋମନା ବିଡ଼ିଓ ସର୍ବେଶ୍ୱର ଜାଲ କହିଛନ୍ତି ।

## ବାରହା ଉପଦ୍ରବରେ ମକାଚାଷ ନଷ୍ଟ

କୋମନା,୪ ।୧୦(ସମିସ):ନୂଆପଡା ଜିଲ୍ଲା କୋମନା ରେଞ୍ଜ ଅଧିନସ୍ଥ ମହୁଲଭଟା ଗ୍ରାମରେ ବାର୍‌ହା ଉପଦ୍ରବରେମକା ଚାଷ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଗ୍ରାମର ମକାଚାଷୀ ହିମାଂଶୁ ଭୋଇ ଓ ହେମସଗାର ଭୋଇ ଦୁଇଭାଇ ନିଜ ୧ ହେକ୍ଟର ଜମିରେ ଉନ୍ନତମାନର ମକାଚାଷ କରିଛନ୍ତି ।ଉଭୟେ ଦୁଇଭାଇ ଅଧିକ ଲାଭ ଆଶାରେ ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଟଙ୍କା ଧାରକରଜ କରି ଚାଷ କରିଛନ୍ତି। ହେଲେ ମକା ଅମଳ ହେବା ସମୟରେ ଜଙ୍ଗଲୀ ବାରହା ପଲ ଚାଷ ମଧ୍ୟରେ ପ୍ରବେଶ କରି ସମୂଳେ ଉପଦ୍ରବ କରୁଥିବାରୁ ଚାଷୀମାନେ କ୍ଷତି ହେବା ଆଶଙ୍କାରେ ଭାଙ୍ଗି ପଡିଛନ୍ତି । ଚାଷରୁ ମିଳୁଥିବା ଆୟରୁ ପରିବାର ପୋଷଣ ସହ ପିଲାଛୁଆଙ୍କ ପାଠ ପଢା ଖର୍ଚ୍ଚ ବହନ କରିଥାନ୍ତି । ବନ ବିଭାଗକୁ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ଦାବି ଜଣାଇଛନ୍ତି ।

## ଲାଞ୍ଜିଗଡ଼ରୋଡ଼ ଚଣ୍ଡୀପୀଠରେ ଶାରଦୀୟ ପୂଜା ସମ୍ପନ୍ନ

ଲାଞ୍ଜିଗଡ଼,୪ ।୧୦(ସମିସ):ଲାଞ୍ଜିଗଡ଼ରୋଡ଼ ବାବା ସପ୍ତେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେଥିବା ଚଣ୍ଡୀ ପୀଠରେ ଶାରଦୀୟ ନବରାତ୍ର ପୂଜା ସମ୍ପନ୍ନ ହୋଇଛି । ଲାଞ୍ଜିଗଡ଼ରୋଡ଼ ମହାପାତ୍ର ପରିବାରଙ୍କ ପକ୍ଷରୁ ଆୟୋଜିତ ନବରାତ୍ର ପୂଜାରେ ଦୈନନ୍ଦିନ ପୂଜା, ପାଶ୍ୱର୍ ଦେବଦେବୀଙ୍କ ପୂଜା, ଚଣ୍ଡିପାଠ, ଅପରାଜିତା ହୋମ, ଆଳତୀ ଓ ପୂର୍ଣ୍ଣାହୁତି ପୂଜା ଅନୁଷ୍ଠିତ ହୋଇଥିଲା ।କର୍ତ୍ତାଭାବେ ଚନ୍ଦ୍ର ଶେଖର ମହାପାତ୍ର ଓ ପତ୍ନୀ ରାଜଲକ୍ଷ୍ମୀ ମହାପାତ୍ର ଦାୟିତ୍? ନିର୍ବାହ କରିଥିଲେ ।ମୁଖ୍ୟପୂଜକ ନିରଞ୍ଜନ ପାଢୀ ଚଣ୍ଡିପାଠ କରିଥିବା ବେଳେ ହରିଶ୍ଚନ୍ଦ୍ର ପାଢ଼ୀ, ହରେକୃଷ୍ଣ ପାଢ଼ୀ, ବିବେକ ରଥ, ସାଗର ତ୍ରିପାଠୀ, କାଶୀନାଥ ଗଡଡ଼ ପୂଜାର୍ଚ୍ଚନା ସହଯୋଗ କରିଥିଲେ । ଏଥିରେ ଅଖଣ୍ଡ ମାନସିକ ଦୀପ ପ୍ରଜ୍ୱଳନ କରାଯାଇଥିଲା । ହନୁମାନ ମନ୍ଦିର ପୂଜା କମିଟି ଓ ସଂକ୍ରାନ୍ତି ପୂଜା କମିଟିର ସମସ୍ତ ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷା ସହ ସହଯୋଗ କରିଥିଲେ ।

## ସୁକଲପୁରରେ ବଜ୍ରପାତ: ୧୩ ଗୋରୁ ମୃତ

ନୂଆପଡା,୩ ।୧୦(ସମିସ):ନୂଆପଡା ଜିଲ୍ଲା ବୋଡେନ ବ୍ଲକ ସୁକଲପୁର ଗାଁରେ ବଜ୍ରପାତରେ ୧୦ଜଣ ଚାଷୀଙ୍କ ୧୩ଗୋରୁ ଗାଇଙ୍କ ମୃତ୍ୟୁ ଘଟିଥିବା ବେଳେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ମୃତ୍ୟୁର ଚବିଶ ଘଣ୍ଟା ପରେ ପ୍ରାଣୀ ଚିକିତ୍ସା ବିଭାଗ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ କରିଛନ୍ତି । ପ୍ରକାଶ ଯେ ବୁଧବାର ମଧ୍ୟାହ୍ନରେ ସୁକଲପୁର ଗାଁରେ ହଠାତ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା । ଏଥିରେ ଏକ ଗଛତଳେ ଆଶ୍ରୟ ନେଇଥିବା ଗୋରୁ ଗାଇଙ୍କ ଉପରେ ବଜ୍ରପାତ ହେବାରୁ ୧୩ ଗୋରୁ ମରି ପଡିଥିଲେ ।ଦୀର୍ଘ ସମୟରେ ପରେ ବର୍ଷା ଛାଡିଲାପରେ ଗାଁ ଲୋକେ ଖବର ପାଇଥିଲେ ।ଏଥିରେ ଗାଁର ଭକ୍ତ ମାଝୀ, ଡ଼ଗ୍ରେଶ୍ୱର ମାଝୀ, ତୁଲାରାମ ମାଝୀ, ରାଇଧର ମାଝୀ,ହରି ମାଝୀ, ଦୁର୍ଯ୍ୟୋଧନ ମାଝୀ, ମିନିକେତନ ମାଝୀ, ସଦନ ମାଝୀଙ୍କର ଗୋଟିଏ ଲେଖାଏଁ ବଳଦ, ରୁପଧର ମାଝୀଙ୍କର ଗୋଟିଏ ବଳଦ ଏବଂ ଦୁଇଗୋଟି ଗାଇ, ଘାସିରାମ ମାଝୀଙ୍କର ଦୁଇଟି ବଳଦ ମରି ପଡିଥିଲେ । ଏହି ଗୋରୁ ଗାଇଙ୍କର ମୃତ୍ୟୁ ପରେ ମଧ ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଗାଁକୁ କୌଣସି ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ପହଞ୍ଚିନଥିଲେ । ଏହାକୁ ନେଇ ଗ୍ରାମବାସୀଙ୍କ ଅନୁରୋଧ ପରେ 'ସକାଳ' ପ୍ରତିନିଧି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟାହ୍ନରେ ତୁରନ୍ତ ଦାୟୀତ୍ୱରେ ଥିବା ଖଡିଆଳ ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ସଂଗ୍ରାମ କେଶରୀ ବେହେରାଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ କରିଥିଲେ । ଏହା ପରେ ଚାଷୀମାନେ ମୃତ ଗୋରୁଙ୍କୁ ମାଟିରେ ପୋତି ଦେଇଥିଲେ । ଗରିବ ଚାଷୀମାନେ ଗୃହ ପାଳିତ ପ୍ରାଣୀଙ୍କୁ ହରାଇ ମର୍ମାହତ ହୋଇପଡିଛନ୍ତି । ତେଣୁ କରି ଏହା ଉପରେ ସରକାର ତୁରନ୍ତ ବିଚାର କରି କ୍ଷତିପୁରଣ ରାଶି ଯୋଗାଇଦେବାକୁ ଦାବି କରିଛନ୍ତି । ଏହା ଉପରେ ପ୍ରାଣୀ ଚିକିତ୍ସକ ବେହେରାଙ୍କୁ ଯୋଗାଯୋଗ କରିବାରେ ବଳଦ ପିଛା ୨୫ହଜାର ଏବଂ ଗାଇଙ୍କୁ ୩୦ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି । ରିପୋର୍ଟକୁ ଭିତ୍ତିକରି ରାଜ୍ୟ ରିଲିଫ କମିଶନର ସହାୟତା ପ୍ରଦାନ କରିବେ ବୋଲି କହିଛନ୍ତି ।

**ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ବ୍ୟବଚ୍ଛେଦ ହେଲା**

## ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରି; ନୂଆପଡା ଜିଲ୍ଲାରୁ ୨ ଗିରଫ

ସିନାପାଲି,୪ ।୧୦(ସମିସ): ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡ ଏସ୍‌ଆଇ ପରୀକ୍ଷାରେ ଜାଲିଆତି କରିବାକୁ ଚେଷ୍ଟା କରୁଥିବା ୧୧୭ ପ୍ରାର୍ଥୀଙ୍କୁ ଗିରଫ କରାଯାଇଥିବା ବେଳେ ଏଥି ମଧ୍ୟରୁ ନୂଆପଡା ଜିଲ୍ଲାର ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଜଣେ କୋମନା ବ୍ଲକ୍ ଭେଲା ଗ୍ରାମର ଶ୍ରୀବତ୍ସ ଶବରଙ୍କ ପୁଅ ଲିଙ୍ଗରାଜ ଶବର ଓ ସଦର ସିନାପାଲିର ଈଶ୍ୱର ପ୍ରସାଦ ମେହେରଙ୍କ ପୁଅ ପ୍ରଭାତ ମେହେର (୨୭)





ବୋଲି ଜଣାପଡିଛି । ସମସ୍ତଙ୍କୁ ଗିରଫ କରାଯିବା ସହିତ ଓଡିଶାରେ ଏସଆଇ ନିଯୁକ୍ତି ଦୁର୍ନୀତିର ଏକ ବଡ ପର୍ଦ୍ଦାଫାସ ହୋଇଛି ।ପୁଲିସର ସୂଚନା ଅନୁଯାୟୀ ଦାୟିତ୍ୱରେ ଥିବା ବୋର୍ଡ ସଂସ୍ଥା ପିଲା ମାନଙ୍କୁ ପରୀକ୍ଷା ଅଭ୍ୟାସ ବାହାନରେ ହାଇଦ୍ରାବାଦ ନେଇ ଯାଉଥିଲା । ଯେଉଁଠାରେ ପରୀକ୍ଷା ପରିଚାଳନା ସମେତ ପ୍ରଶ୍ନପତ୍ର ଆଗତୁରା ଦେବାର ଯୋଜନା କରାଯାଇଥିଲା ।ଏପରିକି ହାଇଦ୍ରାବାଦରେ ଏକ କୋଠା ମଧ୍ୟ ଭଡାରେ ନିଆଯାଇଥିଲା । ଏକ ଗୁପ୍ତ ସୂଚନା ଆଧାରରେ ଅପବ୍ୟବହାର କରିଥିବା ନେଟୱାର୍କର ପର୍ଦ୍ଦାଫାସ କରିଥିଲା । ଗୁପ୍ତ ସୂଚନା ଆଧାରରେ କାର୍ଯ୍ୟ କରି ବ୍ରହ୍ମପୁର ପୋଲିସ ଗୋଲନ୍ଥରାରେ ଆନ୍ଧ୍ର ସୀମା ନିକଟରେ ତିନୋଟି ଏସି ସ୍ଲିପର ବସ୍ ଅଟକାଇଥିଲା । ସମସ୍ତ ବସ୍‌ରେ ଭୁବନେଶ୍ୱର ଏବଂ ବରମୁଣ୍ଡାରୁ ଆସିଥିବା ପ୍ରାର୍ଥୀମାନେ ଥିଲେ ଏବଂ ତିନି ଜଣ ମଧ୍ୟସ୍ଥି (ଏଜେଣ୍ଟ/ଦଲାଲ) ସେମାନଙ୍କୁ ବିଜୟନଗରମ୍ ନେଇଯାଉଥିଲେ । ଯୋଜନା ଥିଲା ବିଜୟନଗରମରେ ଗୋପନୀୟ ପ୍ରଶ୍ନପତ୍ର ବେଆଇନ ଭାବରେ ହାସଲ କରି ଭୁବନେଶ୍ୱର ଫେରିଯିବା, ଯେଉଁଠାରେ ପ୍ରାର୍ଥୀଙ୍କୁ ପରୀକ୍ଷାରେ ସହାୟତା କରାଯିବ । ପ୍ରତ୍ୟେକ ଆଶାୟୀ ପୂର୍ବରୁ ୧୦ ଲକ୍ଷ ଦେବାକୁ ରାଜି ହୋଇଥିଲେ ଏବଂ ଚାକିରି ପାଇବା ପରେ ଅତିରିକ୍ତ ୧୫ ଲକ୍ଷ ଦେବାକୁ ରାଜି ହୋଇଥିଲେ ବୋଲି ଅଭିଯୋଗ ହୋଇଛି । ପରୀକ୍ଷା ପରିଚାଳନା ଅଧିନିୟମ ୧୯୮୭ ଅନୁସାରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁଯାୟୀ ଧାରା ୧୧୧/୩(୫), ୩/୮(୪), ୩୧୯/(୨),୩୩୬(୩),୩୩୮/୩୪୦(୨),୬୧(୨) ଅନୁସାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି

ନୂଆପଡା,୪ ।୧୦(ସମିସ):ନୂଆପଡ଼ା ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମୋଟ ୧୩ଟି ଅଭିଯୋଗ



ମଧ୍ୟରୁ ୧୨ଟି ବ୍ୟକ୍ତିଗତ ଏବଂ ଗୋଟିଏ ସାମୂହିକ ଥିଲା । ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ୍, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଉପସ୍ଥିତ ଥିଲେ । ନୂଆପଡା ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଚିନ୍ମୟ ସାଗର ସହଯୋଗ କରିଥିଲେ । ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ । ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା । ବର୍ଦ୍ଧିତ ଜନଶୁଣାଣି ହୋଇଥିବା ବେଲଟୁକୁରି ଗାଁରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା ।

## ବିଜେଡିର ଜନସମ୍ପର୍କ ଅଭିଯାନ




ନୂଆପଡା,୪ ।୧୦(ସମିସ):ପବିତ୍ର ଗାନ୍ଧୀ ଜୟନ୍ତୀରୁ ବିଜେଡିର ପଦଯାତ୍ରା ଆରମ୍ଭ ହୋଇଯାଇଛି । ସ୍ଥାନୀୟ ମିନିଷ୍ଟାଡିୟମରେ ଜିଲ୍ଲା ବିଜେଡିର ଶତାଧିକ ବଳିଷ୍ଠ ବିଜେଡି କର୍ମକର୍ତ୍ତାମାନେ ଠୁଳ ହୋଇଥିଲେ । ସେଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବାପରେ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ପହଞ୍ଚିଥିଲେ । ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପୂର୍ବତନ ଜିଲ୍ଲା ସଭାପତି ମନୋଜ କୁମାର ମିଶ୍ର, ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ,ପୂର୍ବତନ ମନ୍ତ୍ରୀ ତଥା ନିକଟରେ ପରଲୋକ ଘଟିଥିବା ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ନୂଆପଡା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କାର୍ତ୍ତିକ ଦୀପ,ରାଜେଶ କୁମାର ନିଗମ, ଧନୀରାମ ସାହୁ, ଦିଲିପ ନିର୍ମଳକର,ନିଶାନ୍ତ ଡାଗା ପ୍ରମୁଖ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବକ୍ତାମାନେ ସ୍ୱର୍ଗତ ଢୋଲକିଆ ଯେଉଁ ଏକ ନୂତନ ଏବଂ ନୂଆପଡା ନବ ନିର୍ମାଣର ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ପୂରଣ କରିବା ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବବୋଲି କହିଥିଲେ । ଏହା ପରେ ରାଲିରେ ଯାଇ ଏକତା ଛକ ନିକଟରେ ସ୍ୱର୍ଗତ ମନ୍ତ୍ରୀ ଘାସିରାମ ମାଝୀଙ୍କ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା । ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ବିଜୁ ପଟ୍ଟନାୟକ, ମହାତ୍ମାଗାନ୍ଧୀ, ଘାସିରାମ ମାଝୀଙ୍କ ନାଁରେ ଜୟ ଜୟକାରରେ ନୂଆପଡା ସହର ପ୍ରକମ୍ପିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରବି ବାଗ, ରମାକାନ୍ତ ଠାକୁର, ରାମଲାଲ ହଂସ,କ୍ଷମାସି ନିଆଲ,ମହେନ୍ଦ୍ର ନିଆଲ, ଚନ୍ଦ୍ରକାନ୍ତ ଠାକୁର, ଚନ୍ଦନ ସାହୁ, ଗୁଡୁ ଖାନ, ଟୁନା ନାଗ ପ୍ରମୁଖ ସାମିଲ ଥିଲେ ।






















# ବିପୁଳ ପରିମାଣର ବାଣ ଜବତ; ୨ ଗିରଫ




**ରାଉରକେଳା, ୪।୧୦(ସମିସ)**

ରାଜ୍ୟରେ ବେଆଇନ୍ ଭାବେ ଗଚ୍ଛିତ ଥିବା ବାଣ ବିସ୍ଫୋରଣ ଯୋଗୁଁ ଜୀବନ ହାନି ସହ ଧନ ସମ୍ପତ୍ତି ନଷ୍ଟ ହେଉଥିବା ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଛି ଅପରେସନ ଅଗ୍ନି। ରାଉରକେଳାରେ ପ୍ରାୟ ପ୍ରତିଦିନ ବେଆଇନ୍ ଗଚ୍ଛିତ ବାଣ ଜବତ ହେଉଥିବାବେଳେ ଗତକାଲି ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ସୂଚନା ମୁତାବକ ସ୍ଥାନୀୟ ସେକ୍ଟର-୧୫ ଥାନା ପୁଲିସ ସେକ୍ଟର-୧୮ ଇସ୍ପାତ ମାର୍କେଟରୁ ବିପୁଳ ପରିମାଣର ବାଣ ଜବତ କରିଥିବା ଜଣାପଡ଼ିଛି। ସେକ୍ଟର-୧୬ ବି/୨୭୭ କ୍ୱାର୍ଟର୍ସରେ ବାସ କରୁଥିବା ପ୍ରଫୁଲ କୁମାର ନାଥ ନାମକ ଜଣେ ବ୍ୟକ୍ତି ବିପୁଳ ବାଣ ନେଇ ବିକ୍ରି ଉଦ୍ଦେଶ୍ୟରେ ରାଉରକେଳା ମାର୍କେଟ ଆଡ଼କୁ ଯାଉଥିବା ସମ୍ପର୍କରେ ଖବର ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ସେକ୍ଟର-୧୫ ଥାନା ଅଧିକାରୀ ସିନ୍ମୟ କୁମାର ବଳ, ସବ୍‌ଇନିସପେକ୍ଟର ସୁନୀଲ ରଞ୍ଜନ ଦାଶ ସେକ୍ଟର-୧୮ ଇସ୍ପାତ ମାର୍କେଟ ନିକଟରେ ଚଢ଼ଉ କରି ଏହି ବାଣକୁ ଜବତ କରିଥିଲେ। ୨୦ଟି କାର୍ଟୁନରେ ବିଭିନ୍ନ ପ୍ରକାରର ବାଣ ପ୍ୟାକିଂ ହୋଇ ରହିଥିବା ବେଳେ ପୁଲିସ ଜବତ କରିଥିଲା। ଜବତ ବାଣର ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ପ୍ରଫୁଲ କୁମାର ନାଥକୁ ଅଟକ ରଖି ପଚରାଉଚରା କରାଯାଇଛି।

ସେହିପରି ରଘୁନାଥପାଲି ଥାନା ପୁଲିସ ପାନପୋଷ ବସ୍ତିରୁ ମଧ୍ୟ ବିପୁଳ ପରିମାଣର ବାଣ ଜବତ କରିଥିବା ଜଣାପଡ଼ିଛି। ପାନପୋଷ ବସ୍ତିରେ ପବନ କୁମାର ଚୌରାସିଆ (୪୨) ନାମକ ଜଣେ ବ୍ୟକ୍ତି ବିନା ଲାଇସେନ୍ସରେ ବାଣ ଗଚ୍ଛିତ ରଖି ଆଗାମୀ ଦିପାବଳୀ ଉପଲକ୍ଷେ ବିକ୍ରି କରିବାକୁ ଯୋଜନା କରିଥିବା ଖବର ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପାଲି ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ, ସବ୍‌ଇନିସପେକ୍ଟର ଏଚ. ପ୍ରଧାନ ସଦଳବଳ ଚଢ଼ଉ କରି ଉକ୍ତ ବାଣକୁ ଜବତ କରିଥିଲେ। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ପବନ କୁମାର ଚୌରାସିଆକୁ ଧରିଛି ପୁଲିସ।

### ଭିଡିଓ ଭାଇରାଲ ନେଇ ସ୍କୁଲ ଛାତ୍ରଙ୍କୁ ନିସ୍ଥୁକ ମାଡ଼ ମାମଲା

# ନିଜଆଡ଼ୁ ମାମଲା ରୁଜୁକଲା ପୁଲିସ; ୩ ଗିରଫ

**ରାଉରକେଳା, ୪।୧୦(ସମିସ):** ସାମାଜିକ ଗଣମାଧ୍ୟମରେ ପୋଷ୍ଟିଂ ହୋଇଥିବା ଏକ ଭିଡିଓ ଭାଇରାଲ୍ ଘଟଣାକୁ ନେଇ ରାଉରକେଳାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଜଣେ ନାବାଳକ ଛାତ୍ରକୁ ଅପହରଣ କରି ୭ ରୁ ୮ ଜଣ ଯୁବକ ନିସ୍ଥୁକ ମାଡ଼ ମାରିବା ଏବଂ ଏହାର ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟିଂ କରିବା ଘଟଣା ସହରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏସ୍‌ପି ନିତେଶ ୱାଧୱାନୀଙ୍କ ହସ୍ତକ୍ଷେପ ପରେ ପୁଲିସ ନିଜ ଆଡ଼ୁ ମାମଲା ରୁଜୁ କରିବା ସହ ମାଡ଼ ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସହ ୩ ଜଣ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୨୬ ତାରିଖ ଦିନ ସେକ୍ଟର-୫ ଦୀପିକା ଇଂଲିଶ ମିଡିୟମ ସ୍କୁଲ ସମ୍ମୁଖରେ ଜଣେ ଛାତ୍ରଙ୍କୁ ୮ ରୁ ୧୦ ଜଣ ଯୁବକ ଜୋରଜବରଦସ୍ତ ଅପହରଣ କରି ସେକ୍ଟର-୧୫ ମସ୍‌ଜିଦ ପଛ ପଟକୁ ନେଇ ଯାଇଥିଲେ। ସେମାନଙ୍କ ମଧ୍ୟରେ ଛାତ୍ରଙ୍କର ଜଣେ ସହପାଠୀ ବି ଥିଲା। ସେଠାରେ ସେମାନେ ମୋବାଇଲ ଫୋନ୍‌ରେ ଏକ ଆପତ୍ତିଜନକ ପୋଷ୍ଟିଂ ଛାତ୍ରକୁ ଦେଖାଇ ସେ କାହିଁକି ଏହାକୁ ପୋଷ୍ଟିଂ କରିଥିଲା ବୋଲି କହି ତାକୁ ନିସ୍ଥୁକ ମାଡ଼ ମାରିଥିଲେ। ଏତଦ୍‌ବ୍ୟତୀତ ସେମାନେ ଏହି ଛାତ୍ରକୁ ମାଡ଼ ମାରିବାର ଭିଡିଓକୁ ମୋବାଇଲରେ ସୁଟିଂ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରି ଦେଇଥିଲେ। ଏହାପରେ ଏହାକୁ ବଜରଙ୍ଗ ଦଳ ପକ୍ଷରୁ ବିରୋଧ କରାଯାଇ ସୋସିଆଲ୍ ମିଡିଆରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ରାଉରକେଳା ନାମକ ଏକ ଆକାଉଣ୍ଟରେ ଏହା ପୋଷ୍ଟ କରାଯାଇଥିଲା। ଯଦିଓ ସମ୍ପୃକ୍ତ ଛାତ୍ରକୁ ମାଡ଼ ନେଇ ତା'ର ପରିବାର ପକ୍ଷରୁ କୌଣସି ଏତାଲା ଦିଆ ଯାଇନଥିଲା, ତେବେ ଏହି ମାଡ଼ ଘଟଣା ଭାଇରାଲ୍ ହେବା ପରେ ଉତ୍ତେଜନା ଆଶଙ୍କା କରି ଏସ୍‌ପି ନିତେଶ ୱାଧୱାନୀ ଘଟଣାର ତଦନ୍ତ ପାଇଁ ସେକ୍ଟର-୭ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଲିସ ନିଜ ଆଡ଼ୁ ମାମଲା ରୁଜୁ କରି ଏହି ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ତେବେ ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ରହିଥିବା ସୂଚନା ମିଳିଛି। ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ୩ ଜଣ ହେଲେ ମହମ୍ମଦ ସମିମ୍(୧୯), ମହମ୍ମଦ କଶିଫ୍(୨୧), ଶେଖ୍ ସାଇଦ୍ଧୁଲ(୩୦)। ଏହି ଘଟଣାରେ ସମ୍ପୃକ୍ତ ୩ ଜଣ ନାବାଳକଙ୍କୁ ମଧ୍ୟ ଗିରଫ କରି ବାଳ ସୁଧର ଗୃହକୁ ପଠାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଛାତ୍ରଙ୍କୁ ମାଡ଼ପିଟ୍ କରୁଥିବା ସମସ୍ତ ଅଭିଯୁକ୍ତ ସେକ୍ଟର-୧୫ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

**୩ ନାବାଳକ ଗଲେ ବାଳ ସୁଧାର ଗୃହ**

## ମହିଳା ଠିକା ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଉରକେଳା, ୪।୧୦(ସମିସ):** କାର୍ଯ୍ୟସ୍ଥଳରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣେ ଠିକା ମହିଳା ଶ୍ରମିକଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି। ମୃତ ଯୁବତୀଙ୍କ ପରିବାର ପକ୍ଷରୁ ରଘୁନାଥପାଲି ଥାନାରେ ହତ୍ୟା ଅଭିଯୋଗ କରାଯାଇଛି। ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି।

ପାନପୋଷ ଠାରେ ନିର୍ମାଣାଧୀନ ରାଉରକେଳା ୱାନ୍ ଠାରେ ବାଲୁଘାଟ ବସ୍ତିର ଜଣେ ଯୁବତୀ କାମ କରୁଥିଲେ। ଶୁକ୍ରବାର ସକାଳେ କାମ ପାଇଁ ଘରୁ ବାହାରି ଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଫେରି ନଥିଲେ। ଏହାରି ମଧ୍ୟରେ ରାଉରକେଳା ସରକାରୀ ଡାକ୍ତରଖାନାରେ ଯୁବତୀ ଭର୍ତ୍ତି ହୋଇଥିବା ପରିବାର ଲୋକେ ସୂଚନା ପାଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ ଘଟିଥିଲା। ତେବେ କାର୍ଯ୍ୟସ୍ଥଳରେ କେଉଁ କାରଣରୁ ଅସୁସ୍ଥ ହେଲେ, କେଉଁ ପରିସ୍ଥିତିରେ ଯୁବତୀଙ୍କ ମୃତ୍ୟୁ ହେଲା ଏଭଳି ବିଭିନ୍ନ ପ୍ରଶ୍ନ ଉଠାଇଛନ୍ତି ପରିବାର ଲୋକେ।

ସୂଚନାଯୋଗ୍ୟ ଯେ ମୃତା ଠିକା ଶ୍ରମିକ ହେଉଛି ଜଣେ ନାବାଳିକା। ତାଙ୍କର ବୟସ ୧୫ ବର୍ଷ ମଧ୍ୟରେ ହେବ। ସେ ଗତ ଏକ ବର୍ଷ ହେବ ସେଠାରେ ଠିକା କାର୍ଯ୍ୟ କରି ଆସୁଥିଲେ। ଏଠାରେ ପ୍ରଶ୍ନ ଉଠିଛି ଯେ ରାଉରକେଳା ୱାନ୍ ପରି ଏକ ସରକାରୀ ପ୍ରକଳ୍ପରେ ଜଣେ ନାବାଳିକାକୁ କିପରି ଠିକା କାର୍ଯ୍ୟରେ ନିଯୋଜିତ କରାଯାଇଥିଲା।

## ବୃଦ୍ଧାଙ୍କ ପେଟରୁ ବାହାରିଲା ଟୁଥ୍‌ବ୍ରସ୍

**ରାଉରକେଳା, ୪।୧୦(ସମିସ):** ସେଲ୍, ରାଉରକେଳା ଇସ୍ପାତ କାରଖାନା ଅଧୀନ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ଡାକ୍ତରମାନେ ଏଣ୍ଡୋସ୍କୋପିକ୍ ପ୍ରକ୍ରିୟା ମାଧ୍ୟମରେ ଜଣେ ୬୯ ବର୍ଷୀୟ ବୃଦ୍ଧାଙ୍କ ପେଟରୁ ସଫଳତାର ସହ ଏକ ଟୁଥ୍‌ବ୍ରସ୍ ବାହାର କରିଛନ୍ତି।

ନୂଆଗାଁ ବ୍ଲକ ବାଗଡ଼େଗା ଗ୍ରାମର ଏହି ମହିଳା ଜଣଙ୍କ ଦୁଇଦିନ ପୂର୍ବରୁ ଏକ ଟୁଥ୍‌ବ୍ରସ୍‌କୁ ଭୁଲବଶତଃ ଗିଳିଦେଇ ଗୁରୁତର ଭାବେ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ଅକ୍ଟୋବର ୩ ତାରିଖ ସକାଳେ ନିକଟବର୍ତ୍ତୀ ହସ୍ପିଟାଲରୁ ଅଧିକ ଚିକିତ୍ସା ପାଇଁ ରେଫର ହୋଇ ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ତୁରନ୍ତ ପରୀକ୍ଷା ନିରୀକ୍ଷା ପରେ, ଟୁଥ୍‌ବ୍ରସ୍‌ଟି ତାଙ୍କ ପେଟରେ ରହିଥିବା ଜଣାପଡ଼ିଥିଲା। ଡକ୍ଟର ପି. କେ. ମହାପାତ୍ରଙ୍କ ସମେତ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଏଣ୍ଡୋସ୍କୋପି ଟେକ୍ନିସିଆନ୍ ଚିନ୍ତାମଣିଙ୍କ ସହଯୋଗରେ ଏଣ୍ଡୋସ୍କୋପି ପ୍ରକ୍ରିୟା ସମ୍ପାଦନ କରିଥିଲେ। ଅତିରିକ୍ତ ସିଏମ୍‌ଓ (ମେଡିକାଲ୍) ଡକ୍ଟର ମନୋରଞ୍ଜନ ସାମନ୍ତରାୟ ନିଶ୍ଚେତକ ସହାୟତା କରିଥିଲେ। ୩୦ ମିନିଟ୍‌ର ଅପରେସନ ପରେ ଟୁଥ୍‌ବ୍ରଶ୍‌ଟିକୁ ବୃଦ୍ଧାଙ୍କ ପେଟ ଭିତରୁ ବାହାର କରିଥିଲେ। ଏହି ଜଟିଳ ଚିକିତ୍ସା ପ୍ରକ୍ରିୟା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିଲା। ଏହି ସଫଳତା ପାଇଁ ଡକ୍ଟର ପି କେ ମହାପାତ୍ରଙ୍କ ରୋଗୀଙ୍କ ପରିବାର ଶ୍ରେୟ ଦେବା ସହ ତାଙ୍କ ଭୂମିକାକୁ ପ୍ରଶଂସା କରାଯାଇଛି। ଉଲ୍ଲେଖନୀୟ ଯେ ଆଇଜିଏଚ୍‌ରେ ପୂର୍ବରୁ ଅନେକ କ୍ଷେତ୍ରରେ ଛୋଟପିଲା ଏବଂ ବୟସ୍କଙ୍କ ଦ୍ୱାରା ମୁଦ୍ରା, ପିନ୍, ମାର୍ବଲ ଓ ବୋତାମ ଭଳି ବାହ୍ୟ ଜିନିଷ ଦୁର୍ଘଟଣାକ୍ରମେ ଗିଳିବା ଯୋଗୁଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସଫଳ ଚିକିତ୍ସା ସମ୍ପାଦିତ ହୋଇଛି। କିନ୍ତୁ ଟୁଥ୍‌ବ୍ରଶ୍ ଗିଳିବା ସହ ଜଡ଼ିତ ଏହି ଚିକିତ୍ସା ଆଇଜିଏଚ୍ ପାଇଁ ପ୍ରଥମ ଘଟଣା।



## ଦ୍ୱିମାସିକ କୁଇଜ୍ କାର୍ଯ୍ୟକ୍ରମ 'ଆର୍‌ଏସ୍‌ପି ଜ୍ଞାନମଞ୍ଚ' ଶୁଭାରମ୍ଭ

**ରାଉରକେଳା, ୪।୧୦(ସମିସ):** ସେଲ୍, ରାଉରକେଳା ଇସ୍ପାତ କାରଖାନା (ଆର୍‌ଏସ୍‌ପି) କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଶିକ୍ଷା ଏବଂ ଜ୍ଞାନ ବିତରଣ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ଦ୍ୱିମାସିକ କୁଇଜ୍ କାର୍ଯ୍ୟକ୍ରମ 'ଆର୍‌ଏସ୍‌ପି ଜ୍ଞାନମଞ୍ଚ' ଆରମ୍ଭ କରିଛି। ଏହି ନୂତନ କାର୍ଯ୍ୟକ୍ରମର ଉଦ୍‌ଘାଟନୀ କୁଇଜ୍ ପ୍ରତିଯୋଗିତାଟି ଜ୍ଞାନାର୍ଜନ ଓ ବିକାଶ (ଏଲ୍‌ଆଣ୍ଡଡି) ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ୍ ପି. କେ. ସାହୁ ଯୋଗଦେଇ ବିଜେତା ଏବଂ ରନର୍ସଅପ୍ ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ପ୍ରତ୍ୟେକ ଦଳରେ କାରଖାନାର ଦୁଇ ଜଣ ସଦସ୍ୟ ବିଶିଷ୍ଟ ୬୫ଟି ଦଳ ଅଂଶଗ୍ରହଣ କରିଥିଲେ। ସିପିପି-୧ ବିଭାଗର ସିନିୟର ମ୍ୟାନେଜର ଧନଞ୍ଜୟ ଯାଦବ ଏବଂ ଅଭିଷେକ ଆନନ୍ଦଙ୍କ ଦଳ ବିଜେତା ହୋଇଥିଲା ବେଳେ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ଜୁନିୟର ଇଞ୍ଜିନିୟର ଆସୋସିଏଟ୍ ସନ୍ତୋଷ କୁମାର ଦାସ ଓ ଜଗନ୍ନାଥ ଜେନା ରନର୍ସ ଅପ୍ ହୋଇଥିଲେ। ପ୍ରତ୍ୟକ ବିଜେତାଙ୍କୁ ୧୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିବାବେଳେ ଉପବିଜେତାଙ୍କୁ ୧ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଏହା ସହିତ, ବିଜେତା ଏବଂ ଉପବିଜେତା ଉଭୟଙ୍କୁ ନଗଦ ପୁରସ୍କାର ସହିତ ୨୫୦ ଟଙ୍କା ମୂଲ୍ୟର ପୁସ୍ତକ ସେଟ୍ ପ୍ରଦାନ କରାଯାଇଥିଲା। ଏହି କୁଇଜ୍ ପ୍ରତିଯୋଗିତାକୁ କୋକ୍ ଓଭେନ ବିଭାଗର ଏଜିଏମ୍ ସମ୍ପଦ ମିଶ୍ର, କୁଇଜ୍ ମାଷ୍ଟର ଭାବରେ ପରିଚାଳନା କରିଥିଲାବେଳେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ଡିଜିଏମ୍ କେ. କେ. ଜୟସ୍ୱାଲ ସଂଯୋଜନା କରିଥିଲେ। 'ଆର୍‌ଏସ୍‌ପି ଜ୍ଞାନ ମଞ୍ଚ' ଶିକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ବୈଷୟିକ, ପରିଚାଳନାଗତ ଏବଂ ବିଶ୍ୱସ୍ତରୀୟ କ୍ଷେତ୍ରଗୁଡ଼ିକ ଉପରେ ସଚେତନତା ବୃଦ୍ଧି କରିବା ସହ ଦଳଗତ କାର୍ଯ୍ୟ, ପ୍ରତିଯୋଗିତାମୂଳକ ମନୋଭାବ, ଆନ୍ତଃବିଭାଗୀୟ ବନ୍ଧନ ଏବଂ କ୍ରସ୍-ଫଙ୍କସନ ଜ୍ଞାନ ବିତରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଛି। ଏହି କୁଇଜ୍ ପ୍ରତିଯୋଗିତାଟି ଏସ୍ -୧ ରୁ ଇ ୭ ଗ୍ରେଡ୍ ପର୍ଯ୍ୟନ୍ତ କାର୍ମିକଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଯେ କୌଣସି ବିଭାଗର ୨ କାର୍ମିକ ଏକ ଦଳ ଭାବରେ ଅଂଶଗ୍ରହଣ କରିପାରିବେ। ସୂଚନାଯୋଗ୍ୟ ଯେ କୁଇଜ ବିଷୟଗୁଡ଼ିକ ସେଲ୍ ଏବଂ ଆର୍‌ଏସ୍‌ପି, ଇସ୍ପାତ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପ, ସୁରକ୍ଷା, ପରିବେଶ ଏବଂ ସ୍ଥିରତା, ଗୁଣବତ୍ତା ପରିଚାଳନା ପ୍ରଣାଳୀ, ପରିଚାଳନା ନୀତି ଏବଂ ଅଭ୍ୟାସ, ଏବଂ ବ୍ୟବସାୟ ଏବଂ ପ୍ରଯୁକ୍ତିବିଦ୍ୟାରେ ସାମ୍ପ୍ରତିକ ଘଟଣାବଳୀ ସମେତ ବିଭିନ୍ନ ବିଷୟକୁ ନେଇ ପର୍ଯ୍ୟବସିତ।



# ରାଉରକେଳାରେ ରାବଣ ପୋଡ଼ି ଉତ୍ସବ ସମ୍ପନ୍ନ



**ରାଉରକେଳା, ୪।୧୦(ସମିସ):** ମା'ଙ୍କ ବିଜୟା ଦଶମୀରେ ଶ୍ରୀ ଦଶହରା ପୂଜା ସମିତି ପକ୍ଷରୁ ସେକ୍ଟର-୧୩ ମେଳଣ ପଡ଼ିଆଠାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ସମ୍ମାନିତ ଅତିଥି ରାଉରକେଳା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ, ଏସ୍‌ପି ନିତେଶ ୱାଧୱାନୀ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘ ୬୦ ବର୍ଷ ଧରି ରାଉରକେଳାରେ ରାବଣ ଓ କୁମ୍ଭକର୍ଣ୍ଣ ଦହନ କରାଯାଉଛି। ଯାହାକି ଓଡ଼ିଶାରେ ପ୍ରଥମ କରି ରାଉରକେଳାରେ ଆରମ୍ଭ କରାଯାଇଛି ବୋଲି କୁହାଯାଇଥିଲା। ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପୂର୍ବତନ ସଭାପତି ଲଳିତ କେଜରିୱାଲ୍, ସଂଯୋଜକ ସୁରେଶ କେଜରିୱାଲ, ସଭାପତି ରାହୁଲ ଅଗ୍ରୱାଲ, ବିବେକ ପୋଦ୍ଦାର, ଦର୍ଶିତ ଠକ୍କର, ଗୌରବ ଅଗ୍ରୱାଲ୍, ପ୍ରତୀକ ଅଗ୍ରୱାଲ୍, କିଷାନ୍ ଅଗ୍ରୱାଲ୍, ଦେବାଂଶ ଅଗ୍ରୱାଲ୍, ଭବାନୀ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଣାଇଁ

ବଣାଇଁ ଗଡ଼ ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆଠାରେ ୧୨ ତମ ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ସତ୍ୟନାରାୟଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସଙ୍ଘର ସଭାପତି ଯୁଧିଷ୍ଠିର ବେହେରା, ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, କୋଷାଧକ୍ଷ ଚନ୍ଦ୍ର ଶେଖର ଆଚାର୍ଯ୍ୟ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଦୁର୍ଗାପୂଜା ମଣ୍ଡପରୁ ଆଜ୍ଞାମାଳ ଆଣି ଟେଣ୍ଡରା ଗ୍ରାମର ସମ୍ପ୍ରଦା ବାଦକ ଦ୍ୱାରା ଏକ ଶୋଭାଯାତ୍ରା ମୁଖ୍ୟ ରାସ୍ତା ଦେଇ ପଡ଼ିଆ ମଧ୍ୟକୁ ଯାଇଥିଲା। ରାବଣ ପୋଡ଼ି ଉତ୍ସବରେ କୁନି କୁନି ପିଲାଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ବାବୁ ନୂଆଗାଁ ଖେଳପଡ଼ିଆଠାରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଯାଇଛି। ଏଠାରେ ମଧ୍ୟ ରାବଣପୋଡ଼ି ଦେଖିବାକୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା।



## ବିଜେଡିର ଜନସମ୍ପର୍କ ଅଭିଯାନ ଶୁଭାରମ୍ଭ



**ରାଉରକେଳା, ୪।୧୦(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରେରଣା ଏବଂ ସମସ୍ତଙ୍କ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଗାନ୍ଧୀ ବିଚାରର ସଫଳ ପ୍ରୟୋଗ ନିମନ୍ତେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀ ଠାରୁ ଜନ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ପାନପୋଷ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ରାଉରକେଳା ବିଜୁ ଜନତା ଦଳର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ଅଭିଯାନର ଶୁଭାରମ୍ଭ ହୋଇଥିଲା। ପ୍ରଥମେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ଶ୍ରୀ ନାୟକ ସମାଜର ସବୁ ଠାରୁ ଅବହେଳିତ ଭାବେ ରହୁଥିବା ବ୍ୟକ୍ତିଙ୍କ ଉତ୍‌ଥାନ ନିମନ୍ତେ ପ୍ରତ୍ୟେକ ଦିନ ସମସ୍ତେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଏହା ହିଁ ହେବ ଗାନ୍ଧୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ଦଳ କିପରି ଅଧିକରୁ ଅଧିକ ଶକ୍ତିଶାଳୀ ହେବ ସେ ବିଷୟରେ କହିଥିଲେ। ବରିଷ୍ଠନେତା ବୀରେନ ସେନାପତି, ସଭାନେତ୍ରୀ ଜ୍ୟୋସ୍ନା ନାୟକ, ବରିଷ୍ଠ ଆଇନଜୀବୀ ସନ୍ତୋଷ ନାୟକ, ପୂର୍ବତନ ପୌରଧକ୍ଷା ରଶ୍ମୀବାଳା ମିଶ୍ର, ସନ୍ଧ୍ୟା ଲାକ୍ରା, ପ୍ରଶାନ୍ତ ସେଠୀ, ସତ୍ୟନାରାୟଣ ମହାପାତ୍ର, ଅଞ୍ଜନ ବାରିକ, ନାରାୟଣ ପ୍ରଧାନ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମୁଖପାତ୍ର ଜୟନ୍ତ କୁମାର ମିଶ୍ର ସଂକଳ୍ପ ପାଠ କରାଇଥିଲେ। ନଗର ସଭାପତି ଗଗନ ପଣ୍ଡା ଆଗାମୀ ଦିନର କାର୍ଯ୍ୟକ୍ରମ ଉପସ୍ଥାପନ କରିବା ସହିତ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

### ଶାନ୍ତି ଶୋଭାଯାତ୍ରା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ରାଉରକେଳା, ୪।୧୦(ସମିସ) :** ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ରାଉରକେଳା ମହାନଗର ପକ୍ଷରୁ ରାଉରକେଳାଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶାନ୍ତି ଶୋଭାଯାତ୍ରା ସହିତ ସ୍ୱଚ୍ଛତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ମ୍ୟୁନିସିପାଲ କଲେଜ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛସାଥୀମାନେ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମୁଖରୁ ଏହି ଶୋଭାଯାତ୍ରା ବାହାରି ପାନପୋଷ ଛକଠାରେ ପହଞ୍ଚିଥିଲା। ପାନପୋଷ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମ ସୁଶ୍ରୀ ଦୀନା ଦସ୍ତଗୀର, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ମହାନଗର ନିଗମର ଉପାୟୁକ୍ତ ଅନୀତା ନାଏକ, ଉପାୟୁକ୍ତ ତରୁଣ କାନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା 'ରଘୁପତି ରାଘବ ରାଜା ରାମ ଏବଂ ବୈଷ୍ଣବ ଜନ ତୋ ତେନେ କହିଏ' ଭଜନ ଗାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ସକାଳ ୫ ଘଟିକାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା।



### ସୁନ୍ଦରଗଡ଼

ସୁନ୍ଦରଗଡ଼ ଜିଲ୍ଲା ସଦର ମହକୁମାଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ସୁନ୍ଦରଗଡ଼ ସହରରେ ରାମଧୂନ୍ ପରିବେଷଣ ସହ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିଭଳି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମଧ୍ୟ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ତହସିଲଦାର କୁଳମଣି ରଣବିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ଆର୍‌ଏସ୍‌ପି



ରାଉରକେଲା ସିଭିକ୍ ସେଣ୍ଟର୍ ଠାରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଭଜନ, ସର୍ବ ଧର୍ମ ସମନ୍ୱୟ ପାର୍ଥନା ଏବଂ ମହାତ୍ମାଗାନ୍ଧୀଙ୍କ ଜୀବନୀ ଉପରେ ସ୍ମୃତିଚାରଣ ସହ ପାଳିତ ହୋଇଥିଲା। " ରାଉରକେଲାର ବହୁ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଜୀଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେମାନଙ୍କ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପି କେ ବେହେରା, ଆରଏସପି ଅଧିକାରୀ ସଂଘ ଓ ଟ୍ରେଡ ୟୁନିଅନର ବହୁ କର୍ମକର୍ତ୍ତା ତଥା ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ରାଉରକେଲା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ ଏବଂ ସିଂହାରୀ କଳା ନିକେତନର କଳାକାରଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନତୋ...' ସଙ୍ଗୀତ ପରିବେଷଣ କରାଯାଇଥିଲା। ସର୍ବଧର୍ମ ସଦ୍‌ଭାବନା ସଭା ଉକ୍ତ ଉତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା ବେଳେ ଏହି କାର୍ଯ୍ୟକ୍ରମରେ ଶ୍ରୀ ଗୁରୁ ସିଂହ ସଭାର ସଦସ୍ୟଙ୍କ ଦ୍ୱାରା ପବିତ୍ର ଗୁରୁ ଗ୍ରନ୍ଥ ସାହେବ, ସେକ୍ରେ ହାର୍ଟ କାଥେଡ୍ରାଲ ଚର୍ଚ୍ଚ ହମୀରପୁରର ସଦସ୍ୟଙ୍କ ଦ୍ୱାରା ପବିତ୍ର ବାଇବେଲ, ଇସ୍ପାତ ଅଞ୍ଜୁମନ, ସେକ୍ଟର -୧୫ ର ସଦସ୍ୟଙ୍କ ଦ୍ୱାରା ପବିତ୍ର କୋରାନ ଏବଂ ଚିନ୍ମୟ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ପବିତ୍ର ଭଗବତ ଗୀତାରୁ କିଛି ପଙ୍କ୍ତିର ଆବୃତ୍ତି ଓ ବାପୁଙ୍କର ଅତି ପ୍ରିୟ 'ରାମଧୁନ' ଗାନ ମୁଖ୍ୟ ଆକର୍ଷଣ ଥିଲା। ସିଲିକନ ଷ୍ଟିଲ ମିଲ ବିଭାଗର ଜୁନିୟର ଇଞ୍ଜିନିୟର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିପୂର୍ବରୁ ଡିଆଇସି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମହାତ୍ମା ଗାନ୍ଧୀ ଉଦ୍ୟାନରେ ସ୍ଥାପିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଅର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ସେଠି ଗୋଟେ କାନ୍ଥ ଅଛି

ସ୍ୱାଗତିକା ସ୍ୱାଇଁ

ନିଷ୍ଠୁରତମ ମାସ ଆଶ୍ୱିନ। ଏମିତିରେ ତ କହିବାକୁ ଏହା ହସଖୁସିର ପାର୍ବଣ ସମୟ। ମାତ୍ର ଆଜିକାଲି ତାହା ଆସେ, ତା' ସାଙ୍ଗରେ ନେଇ ଆସେ ହୃଦୟହୀନ ଖରାତାପ। ଘୋର ଜଳାଜଳି ଏବଂ ନିଷ୍ଠୁର କାଳ ବୈଶାଖୀ। ଅକସ୍ମାତ୍ ଝଡ଼ ତୋଫାନ। ହାଣ୍ଡିଶାଳ ପିଣ୍ଡାତଳ ଲିପି ସାରିବା ପରେ କଷ୍ଟରେ ଅଣ୍ଟା ସଳଖ କରି ଛିଡ଼ା ହେଲା, ଜଗା ବୋଉ। କାଦୁଅ ହାତ ଆଙ୍ଗୁଳି କରି ଚାହିଁଲା ସକାଳର ସୂର୍ଯ୍ୟ ଆଡ଼କୁ। ମନକୁ ମନ କହିଲା, "ବେଳ କେତେ ହେବ! ଆଶ୍ୱିନରେ କେଡ଼େ ହାଁ ଖରା!"

ଦିନଥିଲା, ସେ ଏକାଥରକେ ଚାରି ପାଞ୍ଚ ବଖରା ଘର ପିଣ୍ଡା ଲିପିଆଣୁଥିଲା। ଆଜିକାଲି କିନ୍ତୁ ଆଉ ପାରୁନାହିଁ। ଆଣ୍ଠୁଗଣ୍ଠି ବାତ ସାଙ୍ଗକୁ ସେଦିନ, ସେ ବୟସ ବି ଆଉ କୋଉଠି ଅଛି।

: ଏଥର ପୂଜା ସିଜନ୍‌ଟା ଖାଲି ଯାଉ। ତତେ ଆଉ କଷ୍ଟ କରିବାକୁ ପଡ଼ିବନି। ମାଟି ଖଞ୍ଜା ପୂରା ଭାଙ୍ଗି ଦବା। ଦାଣ୍ଡ ପାଖକୁ ଲଗେଇ ଦି ବଖରା ପକ୍କା ଘର ତୋଳି ଦେବି, ରନ୍ଧାଘର ତୋର ଯେତେ ଇଚ୍ଛା ସେତେ ପୁନେଇ, ସଂକ୍ରାନ୍ତି ଘର ଧୁଆଧୁଇ କରୁଥିବୁ ବସି।

ପ୍ରତ୍ୟେକ ଥର ମାଆକୁ କଷ୍ଟ କରି ଘର ଲିପା ପୋଛା କରୁଥିବାର ଦେଖିଲେ ଏଇ କଥା କହେ,ଜଗା। ପୁଣି କହେ, "ରାଜଧାନୀରେ ମୋର ଆଉ କୋଉଁଥି ପାଇଁ ଏତେ ପରିଶ୍ରମ କହିଲୁ! ଯଦି ତୋ ପାଇଁ ଦୁଇ ବଖରା ପକ୍କା ଘର ତୋଳି ଦେଇ ନ ପାରିଲି, ତା'ହେଲେ ମୁଁ ତୋର କି ପୁଅ ତୁ ମୋର କି ବୋଉ।"

ପୁଅ କଥା ମନେପଡ଼ିଗଲା ତ ଜଗା ବୋଉ ଆଖିରୁ ଦି' ବୁନ୍ଦା ଲୁହ ଗଡ଼ି ପଡ଼ିଲା। ରକ୍ତକୁ ପାଣି କରି କି ଗଧ ଖଟଣି ନ ଖଟୁଚି ସିଏ ସେଠି। ଏଇ ପୁନେଇଁକୁ ତାକୁ ଛବିଶ ପୂରି ସତେଇଶି ଚାଲିବ। ଆଉ ଅପେକ୍ଷା କରି ହେବନି। ଏଇ ବର୍ଷ ଯେମିତି ବି ହେଲେ ତାକୁ ହାତକୁ ଦି' ହାତ କରିବାକୁ ପଡ଼ିବ। ବୁଢ଼ା ବାପାଙ୍କର ଆଉ କେତେ ବା ଆୟୁଷ। ଯେ ହେଲେ ପିଲାଟା ବୁଝିଲେ ସିନା। ତା'ର ତ ସେଇ ଗୋଟାଏ ଜିଦି। ମାଟି ଖଞ୍ଜା ଭାଙ୍ଗି ପକ୍କା ଘର ଗଢ଼ିବ। ତାପରେ ଯାଇ ଯାହା ହବ।

ମାଆ ବୋଲି ଯଦି କେବେ ସିଏ ତାକୁ ବାହାଘର କଥା ଥରକୁ ଦି' ଥର କୁହେ, ତାହେଲେ ଜଗା ବିଗିଡ଼ିଯାଏ। ବଡ଼ ପାଟି କରି କହେ, "ତୋର ତ ମୋ' ଉପରେ ବିଶ୍ୱାସ ନାହିଁ ଦେଖୁଚି। ଭାବୁଚୁ କି ମୁଁ ଘର ଦି ବଖରା ତୋଳିପାରିବିନି !" ତାପରେ ମାଆ ପାଖକୁ ଚାଲିଆସି କଣ୍ଠରେ ହାଲୁକା ମିଠା ଭରି କହେ, "ଜାଣିଚୁ ନା ବୋଉ! ପେଟ୍ରୋଲ ପମ୍ପ ପାଖକୁ ବେପାର ଉଠେଇ ଆସିଲା ଦିନଠୁଁ ଆଜିକାଲି ପଇସା ଯାହାକୁ ଯେତେ। ତୁ ଜାଣିଛୁ, ଏହୁଁ ଏହୁଁ ଗାଡ଼ିବାଲାଏ ପରା ତେଲ ପକେଇ ସାରିଲେ ମୋଠୁଁ ଠୋଲାଏଁ ମସଲା ମୁଢ଼ି କିଣିବେ ମାନେ କିଣିବେ। କହିବେ, କ'ଣ ଜଗନ୍ନାଥ, ତମେ କ'ଣ ତମ ମୁଢ଼ିରେ ଅଫିମ ପକେଇଚ ନା କ'ଣ। ନ କିଣିଲେ ମନ ମାନୁନି କି ଗାଡ଼ି ଗଡୁନି!

ପୁଅକୁ ମନେ ପକେଇ ଜଗା ବୋଉର ମନଟା ଏବେ ପୁଣି ଥରକ ପାଇଁ ସ୍ନେହ ସରାବୋଉ ହେଇ ଉଠିଲା। ସେ ସାମ୍ନାର ଅଗଣାକୁ ଚାହିଁଲା। ସେଠାକାର ଲିପାପୋଛା ପରିଷ୍କାର ମାଟି ଚଟାଣରେ ତାକୁ ପିଲାଟାର ହସକୁରା ମୁହଁଟିର ଛବି ଦେଖାଦେଇ ଗଲା। ସେ ଠାକୁରଙ୍କୁ ହାତ ଯୋଡ଼ିଲା। ମମତାର ଆବେଗ ଭରା ନିରବତା ଭିତରେ ତା'ର କୋଟି ଶୁଭ ମନାସିଲା।

ଅଥଚ ଆକାଶର ଆଶ୍ୱିନର ସୂର୍ଯ୍ୟ କିନ୍ତୁ ମାଆ ମନର ସେଇ ନରମ ଆବେଗ ଭରା ଜାଗାଟି ଆଡ଼କୁ ଏତେ ଟିକେ ସଦୟ ଦୃଷ୍ଟିରେ ଆଦୌ ଚାହିଁ ନଥିଲା। ବରଂ ବନ୍ଧବାଡ଼ ନ ମାନି ତତଲା ନିଆଁ ଢାଳିବାରେ ଲାଗି ରହିଥିଲା।

ଆଜିର ଦିନଟି ପରିବାର ପାଇଁ ସଙ୍କଟର ଦିନ ନେଇ ଆସିଛି। କାରଣ ଅଳ୍ପ ସମୟ ତଳେ ଜଗା ବାପା ପାଖକୁ ଅଜଣା ନମ୍ବରରୁ ଫୋନ୍‌ଟିଏ ଆସିଥିଲା।

: କିଏ ଜଗନ୍ନାଥ ମଲ୍ଲିକ ବାପା କହୁଚ।

: ହଁ କହୁଚି।

: ତମ ପୁଅର ଗୋଟିଏ ଛୋଟ ଆକ୍ସିଡେଣ୍ଟ ହୋଇଯାଇଛି।

: ହେଁ... କୋଉଠି କେତେବେଳେ? ପୁଅ ମୋର କୋଉଠି ଅଛି ?

: ବ୍ୟସ୍ତ ହୁଅନି। ସେଥିପାଇଁ ଖୋଦ୍ ସରକାରୀ ବ୍ୟବସ୍ଥା ହେଇଛି। ତମେ ଯେତେ ଶୀଘ୍ର ପାରୁଚ ସେତେ ଶୀଘ୍ର ଆସି ସଦର ହାସ୍‌ପାତାଲ୍‌ରେ ପହଞ୍ଚି ଯାଅ। ଚଞ୍ଚଳ ଆସିବ।

ସେ ପାଖରୁ ଫୋନ୍ କଟିଗଲା ତ' ଏ ପାଖରେ ଜଗା ବାପା ମୁଣ୍ଡରେ ସତେକି ଘଡ଼ଘଡ଼ି ପଡ଼ିଗଲା। ସ୍ତ୍ରୀକୁ ଏକାଏକ୍ ଏଇ ଖବର ଜଣେଇଦବ କି ନାଇଁ ହଠାତ୍ ଠିକଣା କରି ହେଲା ନାହିଁ। ମନର ଭାବନା ମନରେ ଛପେଇ ରଖି ସେ ଏବେ ନିଭୃତ ସେଠି ଅଗଣା କୋଣ ନଳିଆ ପାଖରେ ହାତ ଧୋଉଥିବା ସ୍ତ୍ରୀ ଆଡ଼କୁ ଚାହିଁଲେ। କଥାଟାକୁ କ'ଣ କେମିତି ଖୋଲି କହିବେ ଦ୍ୱନ୍ଦ୍ୱରେ ପଡ଼ିଗଲେ।

:କିଏ ଫୋନ୍ କରିଥିଲା?

ମାଟି କାଦୁଅ ହାତ ଧୋଇ ଦେଇ ଆସି ଜଗା ବୋଉ ନିଜ ଆଡୁ ପଚାରିଲା।

: ନାଇଁ ଏଇ ଜଗାର କିଏ ସାଙ୍ଗ ଫୋନ୍ କରିଥିଲା।

: ଜଗାର ସାଙ୍ଗ, ସିଏ କ'ଣ କହୁଥିଲା?

: କହୁଥିଲା ତମେ ଟିକିଏ ରାଜଧାନୀ ଆସ।

: କାହିଁକି ?

: ଜଗାକୁ କ'ଣ ଟିକିଏ ବଡ଼ କରି ଜର ହେଇଯାଇଛି। ତୁ ଚଞ୍ଚଳ କାମ ସାରେ। ଆମେ ଦିହେଁ ଯାକ ଯିବା।

ଅଗଣାର ଖରା ଏବେ ଆହୁରି ଅଧିକ ତେଜମୟ ଏବଂ ତତଲା ହେବାକୁ ଲାଗିଥିଲା। ଜଗା ବୋଉ ତା'ର କାନ୍ଦ କାନ୍ଦ ମୁହଁ ବୁଲେଇ ବିକଳରେ ସେ ଆଡ଼କୁ ଚାହିଁଲା। ଭାବୁଥିଲା, ଦେଖନା! କାଲି ସକାଳେ ଫୋନ୍ କରିଥିଲା। ବାପାର ଔଷଧପତ୍ର କଥା ବୁଝିଲା। ଗାଁ ବସ୍‌ରେ ଲେମ୍ବୁ, ଆଚାର ଡବାଟେ ପଠେଇବାକୁ କହିଲା। ଫେରନ୍ତା ଗାଡ଼ିରେ କଣ୍ଡକ୍ଟର ହାତରେ ପଇସା ପଠେଇବ ବୋଲି କହିଲା ।ଆଉ ଦେଖିଲା ବେଳକୁ ଜରରେ ପଡ଼ିଗଲା।

ଗାଧୋଇ ସାରି ଗଳବସ୍ତ୍ର ହୋଇ ଚଉରାରେ ପାଣି ଦେଲା ବେଳେ, କାମସାରି ଘରେ କୋଇପ ଦବା ବେଳେ ଏବଂ ବସ୍‌ରେ ବସି ଯିବା ସମୟ ଯାକ ଜଗା ବୋଉର ସେଇ ଗୋଟିଏ କଥା ବାରମ୍ବାର ମନେ ପଡ଼ି ଯାଉଥିଲା। ଅବଶ୍ୟ ବସ୍‌ରୁ ଠିକଣା ଜାଗାରେ ଓହ୍ଲେଇଲା ବେଳକୁ ତା' ମନ ଟିକିଏ ଅଲଗା ପ୍ରକାର ହେଇ ଯାଇଥିଲା।

ସେ କେତେଥର ଭାବିଛି ଥରେ ଯାଇ ଦେଖନ୍ତା, ଖରାବର୍ଷାକୁ ଛାତିପାତି ଦେଇ ପୁଅ ତା'ର କୋଉଠି ବେପାର ପସରା ଖୋଲିଛି। କେମିତି ପିଆଜ, ଲଙ୍କା, ଆଚାର, ବାରମଜା, ସିଝାସୋଲା, ମିଶେଇ ମସଲା ମୁଢ଼ି ତିଆରି କରୁଛି। ଗରାଖଙ୍କ ମନ ଜିଣି ନଉଛି। ଆଜି ଏତେ ଦିନକେ ଆସିଚି ଯେତେବେଳେ ଥରେ ତା' ନିଶ୍ଚୟ ଦେଖିବି। ଛୁଆଟା ଭଲ ହେଇଯାଉ ଆଗ।

ଦିନ ଦ୍ୱିପ୍ରହର ବେଳକୁ ସେମାନେ ଆସି ପହଞ୍ଚିଯାଇଥିଲେ। ସଦର ହାସ୍‌ପାତାଲ୍ ସାମ୍ନାରେ । ଶୁଖିଲା ମ୍ରିୟମାଣ ମୁହଁଟି ମାନ ଧରି ସେଠି ଆତଯାତ ହଉଥିବା ଲୋକଙ୍କର ଗହଳି ଭିତରେ ଜଣେ ହେଇ ଛିଡ଼ା ହେଇଥିଲେ। କେଜାଣି କେତେବେଳେ ଏ ଅବସ୍ଥାରେ ଛିଡ଼ା ହେବା ପରେ ସେଠି ସରକାରୀ ବାବୁ ଜଣେ ଆସି ତାଙ୍କ ସାମ୍ନାରେ ଛିଡ଼ା ହେଲେ । ସେ ତାଙ୍କ ବା ହାତରେ ପିନ୍ଧିଥିବା ହାତ ଘଣ୍ଟାଟିକୁ ଆର ହାତରେ ବାରମ୍ବାର ସଜାଡୁ ଥିଲେ। ସତେ ଯେମିତି ସେ ସମୟକୁ ସାମ୍ନା କରିବାର ସାହସ ଜୁଟାଉ ଥିଲେ। ବହୁ ସମୟ କାଟିବା ପରେ ସେ ହୁଏତ ନିଜକୁ ପ୍ରସ୍ତୁତ କଲେ। ଜଗା ବାପାଙ୍କର ଗୋଟିଏ ବାହୁକୁ ଜାବୁଡ଼ି ଧରି କହିଲେ, "ମଉସା ଧୈର୍ଯ୍ୟ ଧରିବ। ତମେ ବାପ । ମାଉସୀଙ୍କୁ ସମ୍ଭାଳିବ। ଛାତିକୁ ଭିଡ଼ି ଦିଅ। ଶୁଣ, ପୁଅ ତମର ଆଉ ନାହିଁ।"

ଶବ୍ଦମାନେ ବିସ୍ଫୋରଣ କରନ୍ତି କି?? ବୋଧହୁଏ କରନ୍ତି। କାରଣ ଠିକ୍ ଏବେ କୁହାଯାଇଥିବା କେତୋଟି ଶବ୍ଦ ଯୋଡ଼ିଏ ନିରାଶ୍ରୟ ବାପାମାଆଙ୍କୁ ଗୁଣ୍ଡ ଗୁଣ୍ଡ କରି ଚୂନା କରିବା କେଇଟା କାପାସିଟର୍ ବେଶୀ ସମୟ ନେଇ ନଥିଲା। ସରକାରୀ ବାବୁଜଣଙ୍କ ଆଉରି କ'ଣ କ'ଣ କହୁଥିଲେ- "ସେଇଟା ଗୋଟାଏ ସାଢ଼େ ଚାରି ଟନ୍ କାପାସିଟର୍ ଅଣ୍ଡରଗ୍ରାଉଣ୍ଡ ଏଲ୍‌ପିଜି ଟ୍ୟାଙ୍କ। ସେଠି କ'ଣ ଛିଡ଼ା ହେଇ ବେପାର କରିବା କଥା। ଏ ଦୁର୍ଘଟଣାରେ ପରା କେତେ ବଡ଼ ବାବୁଙ୍କର କୋଠାବାଡ଼ିର ଗୁଡ଼ାଏ କ୍ଷତି ହୋଇଯାଇଛି।"

ମାତ୍ର ସେସବୁ ଏଇ ଦୁଇ ସର୍ବହରାଙ୍କୁ ଆଦୌ ଶୁଭୁ ନ ଥିଲା। ସେମାନଙ୍କର ମନେ ହଉଥିଲା ସତେ ଯେମିତି ତାଙ୍କ ପାଦ ତଳେ ମାଟି ଧସି ହେଇଯାଉଛି।

ଏବଂ ବିଧାତାର ଅଦୃଶ୍ୟ ହାତ ସେମାନେ ଦୁହିଁକୁ ଧରଣୀ ଗର୍ଭକୁ ଟାଣି ନଉଛି। ଏହା ସେମାନଙ୍କ ଶେଷଦିନ। ଏବଂ ସେଦିନ ଯେତେବେଳେ ଗଭୀର ରାତିର କାଳିମା ଚିରି ଗାଁ ମଶାଣିପଦାରେ ଲେଲିହାନ ଶିଖା ତେଜି ଜୁଇଟିଏ ଜଳିଥିଲା। ସେତେବେଳେ ଚାରିପାଖର ନିର୍ଜନତାକୁ ବିଦୀର୍ଣ୍ଣ କରି ଶୁଭିଥିଲା ନିଃସ୍ୱ ମାଆଟିର କରୁଣ ବିଳାପ – "କୁଆଡ଼େ ଗଲୁରେ ମୋ ନାରାୟଣ, ମୋ ଗଣ୍ଠିଧନ। ମତେ କାଙ୍ଗାଲୁଣୀ କରି କୁଆଡ଼େ ଚାଲିଗଲୁରେ ମୋ ଅନ୍ଧ ଲଉଡ଼ି !!"

ଯଦି ତମ ପାଖରେ ଏକାନ୍ତ ମନଟି ଥିବ, ତାହାଲେ ସେ ସ୍ୱର ଶୁଣି ତମେ ବି କହିବ ଅକିଞ୍ଚନ, ନିର୍ଦ୍ଧନଙ୍କ ପାଇଁ ସୁଖ ସ୍ୱପ୍ନ ପର୍ଯ୍ୟନ୍ତ ପହଞ୍ଚିଥିବାର ରାସ୍ତା ଏତେ ସହଜ ନୁହଁ। କାରଣ ତାଙ୍କ ପାଇଁ ସେ ରାସ୍ତାରେ ଗୋଟାଏ ବିରାଟ କାନ୍ଥ ଯୁଗ ଯୁଗ ଧରି ରହି ଆସିଛି, ଆଜି ବି ଅଛି। ■

ଜଗନ୍ନାଥ ସାହି, ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀ ଚୌକ, କଟକ-୨
ମୋ: ୯୪୩୭ ୬୦୪୨୮୦

## ମୋ ମା'ର ଉପାସ

କେଦାର ମିଶ୍ର

ଆଠକାଳି ବାରମାସୀ ମୋ ମା'ର ଉପାସ ।

ଅସୁମାରି ତା'ର ଓଷାବ୍ରତ
କେବେ ଏକାଦଶୀ, କେବେ ସଂକ୍ରାନ୍ତି
କେବେ କେଉଁ ଈଶ୍ୱର ଜନ୍ମ ନେଇଥିଲେ କେଉଁଠି
ହଜାର ବର୍ଷ ପରେ ମୋ ମା'
ଈଶ୍ୱରଙ୍କର ଜନ୍ମଦିନ ପାଳୁଛି
ଭୋକ ଉପାସରେ ଏଇଠି।

ଅନ୍ନରେ ନୁହେଁ ଅନାହାରରେ ଗଢ଼ା
ମୋ ମା'ର ପିଣ୍ଡ
ତା' ପେଟରେ ଭୋକ ବଦଳରେ ପୁଣ୍ୟ
ତା' ଆଖିରେ ଜଗତର
ସବୁ ସବୁ ମଙ୍ଗଳ ବିଧାନ।

ବେଳେ ବେଳେ ମୋତେ ଲାଗେ
ମୁଁ ଇ ମୋ' ମା'ର ଅପରାଧୀ
ମୋ ଲାଗି ତା'ର କେତେ କେତେ
କାଷ୍ଠା ଓ ନିର୍ଜଳା ଉପବାସ
ମୋ'ଠୁ ବେଶି ଅପରାଧୀ ମୋର ବାପା

ଯିଏ ଚାଳିଶ ବର୍ଷ ତଳୁ ପାଉଁଶ ହୋଇଗଲେଣି ମଶାଣିରେ
ତଥାପି ସେ ମୋ ମା'ର ପେଟରେ ଭୋକ ହୋଇ ଜଳୁଥାନ୍ତି
ପ୍ରତି ମାସ ବିଧବା ଉପାସରେ, ଏକାଦଶୀରେ ।

ମୋତେ ଦେବୀ ଦେବତାମାନେ ଘଣ୍ଟ ଘୋଡ଼େଇ ରଖନ୍ତୁ ବୋଲି
ନିରବଚ୍ଛିନ୍ନ ତା'ର ଉପାସ ଓ ଉପାସନା
ମୁଁ କିନ୍ତୁ ସନ୍ଦେହ କରି ଆସିଛି
ସବୁ ଦେବତାମାନଙ୍କୁ
ମୁଁ ଚିରକାଳ ଈଶ୍ୱରଙ୍କ ବିପକ୍ଷରେ ଠିଆ ହୋଇଥିବା କବି
ମୋ ମା' କିନ୍ତୁ ଈଶ୍ୱରଙ୍କ ଆଗରେ
ମୋତେ ଜୀବନ ଦେଉଥିବା
ଉପାସୀ ଦେହର ଦେବୀ। ■

ବିନୋଦିନୀ ନିବାସ, ୨୬୫/୧୭୩୬ ଏ
ଶାସ୍ତ୍ରୀ ନଗର, ୟୁନିଟ-୪, ଭୁବନେଶ୍ୱର-୧

## ଘର

ସୂର୍ଯ୍ୟସ୍ନାତ ତ୍ରିପାଠୀ

"ଘରଟିଏ ଗଢିବାର ଅଛି..."

ଏଇ ଗୋଟିଏ ସ୍ୱପ୍ନକୁ
ମାଂସଳ କୁଜଟିଏ ଭଳି
ପିଠିରେ ବୋହି, ସମୟର
ତତଲା ବାଲିରେ ଚାଲି ଆସିଲିଣି
କାହିଁ କେତେ ବାଟ!

ଏବେ, ଉତ୍ତରାକାଶରେ ଚମକୁଛି
ଯେଉଁ ଧ୍ରୁବତରା, ବୋଉର ଆଖିଦାଢ଼ରେ
ସେ ଢଳ ଢଳ ମୋତିଟିଏ ମାତ୍ର...

(ମାତ୍ର? ହାୟ,
ଏ ବହପ ଜିଭର...)

ବୋଉ ହୁଏତ ଜାଣେ ନାହିଁ,
ତା' ଓଠର ଧାରେ ଓଦା ହସ ପାଇଁ
ଖରାଠୁ ଲୁଚେଇ ମୁଁ ସାଇତି ରଖିଛି
ସବୁତକ ଶୋଷ ମୋର

ସେ ଜାଣେ ନାହିଁ,
ତା' କୋଳରେ ଏ ସଂସାରର
ଶେଷ ମରୁଝର!

ଓ ମରୀଚିକା?
ମରୀଚିକା ତ ବାହାନା କେବଳ,
ମୃତ୍ୟୁମୁହାଣକୁ ଏ ଯାତ୍ରା ମୋର!

ସେଇଠି ସ୍ୱପ୍ନଭଙ୍ଗ,
ସେଇଠି ହ୍ରଦଟିଏ ବହଳ
ରକ୍ତର... ■

ସିଦ୍ଧେଶ୍ୱରପୁର, କଟକ

## ପତ୍ରିକା ପରିଚୟ

### ପଞ୍ଚବଟୀ

**ସଂପାଦକ : ସୁଶାନ୍ତ କୁମାର ନାୟକ**

ବୃହତ୍ କଳେବର ନେଇ ସୁଶାନ୍ତ କୁମାର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଆମ ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ-୨୦୨୫ । ଓଡ଼ିଶାର ବହୁ ପ୍ରତିଷ୍ଠିତ କବି, କଥାକାର, ପ୍ରାବନ୍ଧିକ, ଗୀତିକବିଙ୍କ ସୃଜନ ସମ୍ଭାରରେ ସମୃଦ୍ଧ ହୋଇଛି 'ପଞ୍ଚବଟୀ'ର ଏହି ସଂଖ୍ୟାଟି । 'କାହାଣୀ' ବିଭାଗରେ ବିଭୂତି ପଟ୍ଟନାୟକ, ଗୌରହରି ଦାସ, ଜୟନ୍ତୀ ରଥ, କୃପାସାଗର ସାହୁ, ରବି ପଣ୍ଡା, ତରୁଣ କୁମାର ସାହୁ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କାଶୀନାଥ ନନ୍ଦୀ ପ୍ରମୁଖ କଥାକାରଙ୍କ ଗଳ୍ପରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷର ଦ୍ୱନ୍ଦ୍ୱ, ସଂଘର୍ଷ, ଜୀବନ ଯନ୍ତ୍ରଣାର କଥା ପ୍ରତିଫଳିତ ହୋଇଛି । ସେହିପରି କବିତା ବିଭାଗରେ ଫନୀ ମହାନ୍ତି, ବଂଶୀଧର ମହାନ୍ତି, ଅମରେଶ ପଟ୍ଟନାୟକ, ଭଗବାନ ଜୟସିଂହ, ଗାୟତ୍ରୀବାଳା ପଣ୍ଡା, ରକ୍ଷକ ନାୟକ, ପ୍ରୀତିଧାରା ସାମଲ ପ୍ରମୁଖଙ୍କ କବିତାରେ ମଣିଷ ମନର କଥା ଓ ବ୍ୟଥା ମାର୍ମିକ ଭାବେ ଚିତ୍ରିତ ହୋଇଛି । ପ୍ରବନ୍ଧ ବିଭାଗରେ ଡକ୍ଟର ସଂଘମିତ୍ରା ମିଶ୍ର, ଅଭୟ ଦ୍ୱିବେଦୀ, ଡକ୍ଟର ବିଜୟାନନ୍ଦ ସିଂହ, ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟ ଭିତ୍ତିକ ହୋଇଛି । ସେହିପରି ସାକ୍ଷାତକାର, ସ୍ମୃତି ଅନୁଭୂତି, ଅନୁବାଦ ଗଳ୍ପ, ଫିଚର, ଗୀତି କବିତା ଆଦି ପ୍ରତିଟି ବିଭାଗ ମନଛୁଆଁ ହୋଇଛି । 'ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼ା- ୭୬୫୦୦୧
ମୂଲ୍ୟ: ୩୦୦ ଟଙ୍କା

### ଶୋଭନା

**ସଂପାଦକ : ବିଧୁଭୂଷଣ ପଟ୍ଟନାୟକ**

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା' ଉତ୍ସବ ବିଶେଷ ପ୍ରକାଶ ପାଇଛି । ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଏହି ସଂଖ୍ୟାଟି ଓଡ଼ିଆ ସାହିତ୍ୟର ବହୁ ବରିଷ୍ଠ ଓ ଯୁବ କଥାକାରଙ୍କ ଗଳ୍ପରେ ପରିପୁଷ୍ଟ ହୋଇଛି । ବିଭୂତି ପଟ୍ଟନାୟକଙ୍କ 'ତମେ କେବେ ଆସିବ ନୟନା!', ତରୁଣକାନ୍ତି ମିଶ୍ରଙ୍କ 'ଆଗନ୍ତୁକ', ବନଜ ଦେବୀଙ୍କ 'ଫୁଲ ମନ ବୁଝେ', ଦାଶ ବେନହୁରଙ୍କ 'ବ୍ରହ୍ମରାକ୍ଷସ', ପରେଶ କୁମାର ପଟ୍ଟନାୟକଙ୍କ 'ସେମାନେ ହସୁଥିଲେ', ଶ୍ୟାମା ପ୍ରସାଦ ଚୌଧୁରୀଙ୍କ 'ପେଣ୍ଟିଂ', ସରୋଜିନୀ ସାହୁଙ୍କ 'କାଳପୁରୁଷ', କ୍ଷୀରୋଦ ଦାସଙ୍କ 'ମୋକ୍ଷ', ମଳୟ ମିଶ୍ରଙ୍କ 'ଧୂମକେତୁ', ସୁପ୍ରିୟା ପଣ୍ଡାଙ୍କ 'କୁଶବିଦ୍ଧ ଅଠାବନ', ରବି ପଣ୍ଡାଙ୍କ 'ଭଗ୍ନାବଶେଷ', ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ମନ ଦହନ', ଗିରୀଶ ସାହୁଙ୍କ 'କବିର ବ୍ୟଥା' ଗଳ୍ପଗୁଡ଼ିକରେ ସାଂପ୍ରତିକ ମଣିଷର ଜୀବନ ଯନ୍ତ୍ରଣା, ଭାବାବେଗ, ସଂଘାତ ଓ ସଂଘର୍ଷ, ଆଶା ଓ ଆକାଂକ୍ଷା ବଳିଷ୍ଠ ଭାବେ ଚିତ୍ରିତ ହୋଇଛି । କାହାଣୀ ମାଧ୍ୟମରେ ମଣିଷର ମନର ବେଦନାବୋଧକୁ କଥାକାରମାନେ ଅତି ସମ୍ବେଦନଶୀଳ ଭାବେ ପ୍ରକାଶ କରିଛନ୍ତି । ସେହିପରି ଯୁବ କଥା ପ୍ରଦୀପ ନାୟକ, ବିରଜା ରାଉତରାୟ, ଜାକିର ଖାନ୍, ଲିପ୍‌ସା ପଟେଲ, ଭାଗିରଥୀ ବେହେରା, ମାତୃଦତ୍ତ ମହାନ୍ତି, ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖଙ୍କ ଗପଗୁଡ଼ିକ ମଧ୍ୟ ମନଛୁଆଁ ହୋଇଛି । 'ଶୋଭନା' ବିଶେଷ ଉତ୍ସବର କାହାଣୀଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

କ୍ୱାର୍ଟର ନଂ: ୨ ଆର୍‌ଏଡ-୬୦,
ୟୁନିଟ୍-୯
ଭୁବନେଶ୍ୱର-୨୨
ମୂଲ୍ୟ: ୧୫୦ ଟଙ୍କା

## ମୁଁ କାହିଁକି ଲେଖେ

# "ମୋର ପ୍ରିୟ ପୃଥିବୀର ଋଣ ଶୁଝିବାକୁ ଲେଖୁଛି"

ଚିରଶ୍ରୀ ଇନ୍ଦ୍ରସିଂ

ମୋର ପ୍ରତି ମୁହୂର୍ତ୍ତର ବଞ୍ଚି ରହିବା, ଚାରିପଟର ମଣିଷମାନଙ୍କୁ କୌତୂହଳର ସହ ଦେଖିବା କେବଳ ମଣିଷ ନୁହେଁ, ମାନବେତର ଜୀବ ଜଗତକୁ ବୁଝିବାକୁ ଆଗ୍ରହ ରଖିବା, କଳ୍ପନାର ଉଡ଼ାଣ ଲଗାଇ ଦେଖି ପାରୁ ନଥିବା ବିଶ୍ୱବ୍ରହ୍ମାଣ୍ଡ ସହିତ ଯୋଡ଼ି ହୋଇ ରହିବାକୁ ଇଚ୍ଛା କରିବା, ନିଜର ସତ୍ତା ଓ ଅନ୍ୟ ଅନେକଙ୍କର ସମ୍ଭାବନାର, ସମୃଦ୍ଧିର, ସୁଖର ବାଟ ଓଗାଳି ଠିଆ ହୋଇଥିବା ଅନ୍ୟାୟ, ଅନୀତି, ଅନ୍ଧବିଚାର ଓ ବିଶ୍ୱାସମାନଙ୍କୁ ପ୍ରଶ୍ନ କରିବା, ଭିତରର ନାନା ଭୀରୁତା, ଭୟ, କ୍ରୋଧ ଓ କାରୁଣ୍ୟ ସତ୍ତ୍ୱେ ଆପାତତଃ ସ୍ୱାଭାବିକ ଜୀବନ ଯାତ୍ରା ଜାରି ରଖିବାର ଅଭିନୟ କରିବା - ଏମିତି ନାନା କଥା ସହ ଛନ୍ଦାଛନ୍ଦି ହୋଇ ରହିଛି ମୋର ଲେଖାଲେଖିର ଗୁମର ।

ସମାଜ ଓ ସାମାଜିକ ଘଟଣା ସବୁକୁ ମୁଁ ଦେଖିଛି ଖୋଲା ଆଖିରେ । ଆପ୍ରାଣ ଚେଷ୍ଟା କରିଛି କ୍ଷମତା ଓ ଖ୍ୟାତିର ଖାତା ଖତିୟାନା ଭରି ରହିଥିବା ଖମାର ଘର ପାଖରେ ନିଉଛାଳି ହୋଇ ଠିଆ ନହେବା ପାଇଁ । ମୋ ଗାଁ, କୈଶୋରରେ ବାପାଙ୍କ ସହ ତାଙ୍କର ଚାକିରି ଜାଗାମାନଙ୍କରେ ପାଠ ପଢ଼ିଥିବା ବିଦ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସ ସବୁର ପରିବେଶ, ମୋର ଚାକିରି ଜାଗା, ବିଭିନ୍ନ ଅବସରରେ ଭେଟିଥିବା କିଛି ଅସାଧାରଣ ଚରିତ୍ର, ମୋର ପରିଚିତ ଓ ପ୍ରିୟ ମଣିଷମାନେ, ମୋର ଜୀବନ ବଞ୍ଚିବାର ଅନୁଭୂତି ଓ ମୋର ସ୍ୱପ୍ନ ପ୍ରବଣତା- ଏସବୁ ମୋର ଲେଖାଲେଖିରେ ରହନ୍ତୁ ବୋଲି ମୁଁ ଇଚ୍ଛା କରିଛି । ରାତି ଅଧରେ, ସେତେବେଳେ ବିଜୁଳି ସଂଯୋଗ ହୋଇ ନଥିବା ମୋର ପଲ୍ଲୀ ଗାଁରେ,ଯେଉଁଠି ଥିଲା ଗଡ଼ଜାତି ମେଘ-ରାତିର ଅନ୍ଧାର ସେମିତି ସମୟରେ କେବେ କେବେ ମୋ ବୋଉ ଏକୁଟିଆ ମନକୁ ମନ ଗାଉଥିଲା 'ପ୍ରଣୟବଲ୍ଲରୀ', 'କୀଚକବଧ', 'ଚିଲିକା' ବା 'ଧୂପ'ର ପଦ ପରେ ପଦ । ସେଇ ଶିହରଣ ମିଶି ଯାଇଚି ମୋର ପ୍ରାଣ-ପବନରେ ଓ ମୁଁ ବି କବିତା ଗୁଣୁଗୁଣୁ ହୋଇଛି । ପଦ ଯୋଡ଼ିଛି, ସ୍ୱର ଖଞ୍ଜିଛି । ଲୋଡ଼ିଛି ବ୍ୟାକୁଳ ଭାବରେ, କବିତାରେ ରହୁ ବୋଲି ମୋର ଭଲ ପାଇବା, ମୋର ଭାବଅଭାବ, ମୋର ବିଦ୍ରୋହ ଓ ମୋର ବିଭୋରପଣର ବିନ୍ୟାସ ଓ ବିଳାସ ।

ବହୁତ ସାନ ବୟସରେ, ପଞ୍ଚମ ଷଷ୍ଠ ଶ୍ରେଣୀ ବେଳକୁ କବିତା ଲେଖିବା ଆରମ୍ଭ କରିଥିଲି । ଦୁଇ ତିନି ଧାଡ଼ି ଲେଖିସାରିଲା ବେଳକୁ ଅନାବନା କରି, ପାଦ ତଳେ ଫୁଟି ଯାଉଥିଲା ସତେ କି ଶହେ ଭାର ପଦ୍ମ । ଖୁସି, କେବଳ ଖୁସି । ସେ ଖୁସିର ତୁଳନା ନାହିଁ, ବିକଳ୍ପ ନାହିଁ । ଜାଣେ, ସେ ଖୁସି ଆଉ ଥରେ ଜୀବନକୁ ଫେରି ଆସିବାର ନାହିଁ । ସେଇ ଖୁସିକୁ କିନ୍ତୁ ମୁଁ ଏବେ ବି ଖୋଜେ, ଖୋଜୁ ଥାଏ ।

ଘରେ ବାପାବୋଉ ଅନେକ ପତ୍ରପତ୍ରିକା କିଣନ୍ତି । ଗାଁକୁ ଗଲେ ଛୁଟିରେ, ସନ୍ଧ୍ୟାରେ ପଢ଼ିବାକୁ ପଡ଼େ ଭାଗବତ । ଛପା ଅକ୍ଷରରେ ପୁରାଣ ହେଉ କି ପ୍ରେମକଥା, ମନରେ ଲୋଭ ଜଗାଏ। ମୋର ଗୀତ ବି ଛପା ହେଉ । ପଠେଇ ଦିଏ କେବେ କେବେ ଡାକରେ । କଟକ,ଭୁବନେଶ୍ୱର ଅନେକ ଦୂର । ଛପା ହେଲା କି ନାହିଁ ଜଣାପଡ଼େନି । ପୋଷ୍ଟକାର୍ଡରେ ଚିଠି ପହଞ୍ଚିଛି କେତେ ଥର ଭଲ ଲାଗିଲା ଗୀତ । କୋଉ ପତ୍ରକା, କ'ଣ, କିଛି ଜଣାପଡ଼େ ନାହଁ । ଦିନେ ଦେଇଗଲା ଡାକବାଲା - 'କୁନିକଥା' । ଭିତରେ ମୋର ଛପା ଅକ୍ଷରରେ ଲେଖା କବିତା - 'ଟିକି ଦିଅଁ ମୋର ଟିକି ଦିଅଁ' । ସେଦିନ ମୁଁ ଦ୍ୱିଜ ହେଲି, ଜନ୍ମ ନେଲି ଆଉ ଥରେ ।

ମୋ ବୋଉ ମୋର ଶବ୍ଦର ଠାକୁରାଣୀ । ଅତି ସାଧାରଣ ଘରକରଣା ଭିତରେ କେମିତି ଜଣେ ଶବ୍ଦ ଓ ସ୍ୱରର ବିଭବ ଓ ବିଚିତ୍ରତାକୁ ନିଜ ବ୍ୟକ୍ତିତ୍ୱରେ ଧାରଣ କରି ରାଜରାଣୀ ପରି ବଞ୍ଚେ, ବଞ୍ଚିପାରେ- ସେ ତା'ର ଉଜ୍ଜ୍ୱଳ ଉଦାହରଣ । ତା' ପରି ସହଜ ଖୁସି ଓ ସହଜ କଥା ନୁହେଁ ମୋ ପାଇଁ ଲେଖାଲେଖି । ମୋ କାମଟି ନିଜକୁ ଦର୍ପଣରେ ଦେଖିବାର ସହଜ ସ୍ମିତ ନୁହେଁ, ଏ କାମରେ ଅନ୍ୟର ମୁହଁ ପାଖରେ ବି କେବେକେବେ ମୁଁ ଥୋଇ ଦିଏ ଦର୍ପଣ, ଏ କାମରେ ଭଲ କଥାକୁ ଭୁଲ ବୁଝିବାର ଭୟ ଥାଏ, ଥାଏ ବି ଦର୍ପଣ ପଛପଟରୁ ପାରଦ ଖସି ଯାଇଥିବାର ବିକଳ ବିଡ଼ମ୍ବନା ।

ପେଟ ପୋଷିବା ପାଇଁ ମୁଁ ରାଜନୀତି ବିଜ୍ଞାନ ପ୍ରତିଦିନ ପଢ଼ାଏ। ରାଜନୀତି ବିଜ୍ଞାନ ଶାସ୍ତ୍ରଟିକୁ ଧର୍ମାଚାର ପରି ପ୍ରତିଦିନ ପଢ଼ିଛି ବୋଲି କହି ପାରିବି ନାହିଁ । କିନ୍ତୁ ଏଇ ସମାଜଶାସ୍ତ୍ର ସମାଜକୁ ବୁଝିବାରେ ମତେ ସାହାଯ୍ୟ କରିଛି । ମୋର ରହିବା ଜାଗା ସବୁ ଏମିତି ଯେ, ସେଠୁ ଗାଁ ବି ଦିଶେ, ସହର ବି ଦିଶେ । ଗାଁ ସବୁ ଦ୍ରୁତ ଗତିରେ ଧାଇଁ ଆଆନ୍ତି ସହର ମୁହାଁ । ଆଧୁନିକ ଜୀବନର ବାସ୍ତବତା, ଦୁନିଆଁର ଦୂଷଣ, ସୌଜନ୍ୟ ଓ ସୀମାବଦ୍ଧତାର ସଚେତନତା, ଭଲପଣର ଅସହାୟତା ଇତ୍ୟାଦିକୁ ଦେଖୁଥାଏ ମୁଁ । ଯାହା ଭାବିଛି, ଯାହା କହିବାକୁ ଚାହିଁଛି, କିଛି ଦଶନ୍ଧି ତଳେ ସବୁ କଥା କହିପାରିନି, ତେବେ ନିଜର କୁଣ୍ଠା ସବୁକୁ ଅତିକ୍ରମ କରିବାକୁ ଚେଷ୍ଟା କରିଛି ଅକ୍ଲାନ୍ତ । ଅନ୍ୟ କାହର ଚଷମା ପିନ୍ଧି ଦେଖି ନାହିଁ ଘଟଣାମାନଙ୍କୁ କି ନିଜକୁ। ଯୋଉଠି ଯାହା ଯେମିତି ଲୋଡ଼ା ପଡ଼ିଛି, ସେଇଭଳି ଭାଷା, ଶୈଳୀ, ବର୍ଣ୍ଣନା ଓ ଶବ୍ଦ ଖୋଜି ଆଣିବାକୁ ଅଣ୍ଟା ଭିଡ଼ି ବାହାରି ପଡ଼ିଛି । କଞ୍ଚା, ନିରୁତା, ଆଟୋପହୀନ, ଆଡ଼ମ୍ବରହୀନ ଅଥଚ ଜୀବନର ପାଖାପାଖି ରଖିବାକୁ ଚାହିଁଛି ମୋର ଅନୁଭବ- ମୋର ପାଠକମାନଙ୍କ ପାଖରେ ।

ପୃଥିବୀ ବଦଳି ଚାଲିଛି । ରାଜନୀତିର ବାମ, ଡାହାଣ ଓ ମଧ୍ୟମ ପନ୍ଥାର ପାଗଳାମୀ, ମହାବାତ୍ୟା, ମହାମାରୀ, ତୃତୀୟ ଲିଙ୍ଗ ବିଚାର, ଜଗତୀକରଣ- କେତେ ବିରୋଧାଭାଷ, ବିକଳ୍ପ ଓ ବିଭିନ୍ନତା । ନିଜେ ନାରୀ ହୋଇଥିବାରୁ ଏସବୁ ଭିତରେ ନାରୀର କଥା, ସୀମାନ୍ତରିତ ମଣିଷମାନଙ୍କର କଥା ଆସିଛି ମୋ ଲେଖାଲେଖି ଭିତରକୁ । ଯଥାସମ୍ଭବ ଏଡ଼େଇ ଯାଇଛି ଉତ୍ତାପ ଓ ଉତ୍ତେଜନା ଭରା କେଉଁ ଗୋଠଛଡ଼ା କଥାକୁ ଗୁରୁତ୍ୱ ଦେବା ।

ନାନାଦି ଦୁଃଖରେ ଭରା ମଣିଷର ଜୀବନ । ଅଳ୍ପ ମଣିଷ ବହୁ ମଣିଷଙ୍କୁ ଦୁଃଖ ପାଇବାର କାରଣ ହୁଅନ୍ତି । ମଣିଷଙ୍କୁ ଭଲ ପାଇ ସାହିତ୍ୟ ଲେଖିବାକୁ ଗଲେ ସେଇ ଦୁଃଖର ତୋଡ଼ ବି ଛାତିରେ ବାଜେ । ଦୋଷୀ ଦୋଷୀ ଲାଗେ ବୁଝି ପାରିଲାରୁ ଯେ, ଦ୍ରୋହ ଓ ଦରଦକୁ ଧରି ରଖିବାକୁ ଅକୁଳାଣ ହେଉଛି ମୋର ସାମର୍ଥ୍ୟ!

ଜୀବନରେ ଓ ଜଗତରେ ଅନେକ କ୍ଷତ ଚିହ୍ନ ।

କ୍ଷତିରେ ଚାଲିଛି ସମୟ।

ନିଜକୁ ଯଦି ପଚାରୁଛି ଯେ, କାହିଁକି ମୁଁ ଲେଖୁଛି (ଏ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ଏଡ଼େଇ ଯାଇଛି ବହୁ ଥର। ଭୟ ଲାଗିଛି ଯେ, ନିଜ ବିଷୟରେ କହିବା ହେଇପାରେ ଅତିଶୟୋକ୍ତି, ହେଇ ବି ପାରେ କୁଣ୍ଠିତ ଅର୍ଦ୍ଧସତ୍ୟ) ମତେ ଲାଗୁଛି ଯେ ସମୟର ପଲାରେ କିଛି ଭଲ ଅନୁଭବ ରଖିଦେବା ପାଇଁ ମୁଁ ଲେଖୁଛି । କ୍ଷତମାନଙ୍କରେ ଛୁଆଁଇ ଦେବା ପାଇଁ ଭଲ ପାଇବାର ମଲମ ଓ ସାହାଯ୍ୟ କରିବାକୁ ମଣିଷକୁ ଓହ୍ଲେଇ ଦେବାକୁ ତା' ଆଖିରୁ ଅନ୍ଧାର, ଲେଖୁଛି ମୁଁ । ମୋର ପ୍ରିୟ ପୃଥିବୀର ଋଣ ଶୁଝିବାକୁ ଲେଖୁଛି ମୁଁ, ଲେଖୁଛି ନିଜେ ବଞ୍ଚି ରହିଛି ବୋଲି ବୁଝି ପାରିବା ପାଇଁ । ■

ଅଡ଼ଶପୁର, କଟକ
ପିନ୍:୭୫୪୦୧୧
ମୋ:୮୦୧୮୪୨୦୫୧୭

# ଆଇଆଇଏମ୍ ଓଡ଼ିଶାର ବୌଦ୍ଧିକ ଓ ବ୍ୟାବସାୟିକ ଆବଶ୍ୟକତା ପୂରଣ କରିବ:ଧର୍ମେନ୍ଦ୍ର

ସମ୍ବଲପୁର, ୪।୧୦ (ସମିସ) : ଆଇଆଇଏମ, ସମ୍ବଲପୁର ଧୀରେଧୀରେ ବଟବୃକ୍ଷର ରୂପ ନେବା ଆରମ୍ଭ କରିଛି। ଆଗାମୀ ଦିନରେ ଏହା ଓଡ଼ିଶା ସମେତ ଭାରତବର୍ଷର ବୌଦ୍ଧିକ ଓ ବ୍ୟାବସାୟିକ ଆବଶ୍ୟକତାକୁ ପୂରଣ କରିବ ବୋଲି ଗୁରୁବାର ଆଇଆଇଏମ୍, ସମ୍ବଲପୁରର ୧୧ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଶ୍ରୀ ପ୍ରଧାନ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମରେ ମାଷ୍ଟର ବୁଣାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆଇଆଇଏମ ଦ୍ୱାରା ସ୍ଥାନୀୟ ବୁଣାକାରମାନଙ୍କୁ ସିଧାସଳଖ ବ୍ୟବସାୟ ସହ ଯୋଡ଼ିବା ଏବଂ ସେମାନଙ୍କ ଦକ୍ଷତା ବଢ଼ାଇବା ପାଇଁ ତିନିବର୍ଷିଆ ଏକ ଯେଉଁ ବିଶେଷ କାର୍ଯ୍ୟକ୍ରମ ହୋଇଥିଲା, ତାହାର ସମାପନ ହୋଇଛି। ପ୍ରତିଷ୍ଠା ଦିବସରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୫୦ରୁ ଅଧିକ ବୁଣାକାରଙ୍କୁ ଆଇଆଇଏମ ତରଫରୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। କେବଳ ବୁଣାକାର ନୁହେଁ, ନ୍ୟୁ ଏଜ୍ ଇକୋନୋମି ସମୟରେ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କ୍ଷେତ୍ରର ବ୍ୟବସାୟୀଙ୍କ ଦକ୍ଷତା ବଢ଼ାଇବା ପାଇଁ ପ୍ରଶିକ୍ଷଣ ଦେବା ଦିଗରେ ଯୋଜନା କରିବା ପାଇଁ ଆଇଆଇଏମକୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଚାଷୀ ଏବଂ ସବୁ ବର୍ଗର ବ୍ୟବସାୟୀଙ୍କୁ ଆଇଆଇଏମ ସହ ଯୋଡ଼ି ଏକ ନୂଆ 'ଭେଲ୍ୟୁ ଚେନ୍' ସୃଷ୍ଟି କରାଯିବାର କଳ୍ପନା ରହିଛି।



ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ ପରିସରରେ "ରଙ୍ଗବତୀ ମଞ୍ଚ', କାବେରୀ ଛାତ୍ରାବାସ ଓ କାଫେ ହବ୍ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଓଡ଼ିଶାର ଗୌରବ 'ରଙ୍ଗବତୀ' ଗୀତର ନାମରେ ନାମିତ ଏହି ମଞ୍ଚ ଆମ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର କଳା, ସଂସ୍କୃତି ଓ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ଦେବ। ଏହା ସମ୍ବଲପୁରର କଳା ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ସହାୟକ ହେବ।

## ଗାଧୋଇବା ବେଳେ ବୁଡ଼ିଗଲେ ଦୁଇ ଭାଇ

ରାଉରକେଲା, ୪।୧୦(ସମିସ): ସୁନ୍ଦରଗଡ଼ ହେମଗିରି ଥାନା ଝୁମ୍ପୁରୁଙ୍ଗା ଗାଁରେ ପୋଖରୀରେ ଗାଧୋଇବା ବେଳେ ଦୁଇଭାଇ ବୁଡ଼ି ପ୍ରାଣ ହରାଇଛନ୍ତି। ସେମାନେ ହେଲେ, ଗ୍ରାମର ଚିତ୍ତ ମାକର ଓ ଦେବାଶିଷ ମାକର। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୁଲିସ ଦୁଇଭାଇଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଏହି ଅଘଟଣ ଘଟିଥିଲା। ଚିତ୍ତ ଓ ଦେବାଶିଷ ଘରଠୁ ଅନତି ଦୂରରେ ଥିବା ଗାଁ ପୋଖରୀକୁ ଗୋଧୋଇବାକୁ ଯାଇଥିଲେ। ଗୋଧୋଇବା ବେଳେ ଦେବାଶିଷ ବୁଡ଼ି ଯାଉଥିବା ଦେଖି ବଡ଼ ଭାଇ ଚିତ୍ତ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ ସେ ମଧ୍ୟ ବୁଡ଼ି ଯାଇଥିଲେ। ପରିବାରଲୋକେ ସେମାନଙ୍କୁ ଖୋଜାଖୋଜି କରି ନ ପାଇବାରୁ ପୁଲିସକୁ ଜଣାଇଥିଲେ। ହେମଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମବାହିନୀ ସହାୟତାରେ ରାତି ପ୍ରାୟ ୧୦ଟାରେ ୨ ଭାଇଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଡ଼ବଡ଼ିଆଙ୍କୁ ହାତ...

ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଲା ଓ ଅନ୍ୟପକ୍ଷରେ ସିଲିକନ୍ ଟେକ୍‌ଲାବ୍ କିପରି ପଞ୍ଚସଫ୍ଟକୁ ସବ୍ କଣ୍ଟ୍ରାକ୍ଟ ଦେଇଛି ତାହା ସନ୍ଦେହ ଘେରରେ। ଏହି ସବ୍‌ଲେଟିଂ ଘଟଣା ସମ୍ପର୍କରେ ଓପିଆର୍‌ବିକୁ ସୂଚନା ମିଳିଥିଲା କି ନାହିଁ ଓ ଯଦି ମିଳିଥିଲା, ତେବେ ସରକାରଙ୍କ କେଉଁ ନିର୍ଦ୍ଦେଶ ବଳରେ ଓପିଆର୍‌ବି ଏହି ଅନୁମତି ଦେଇଥିଲା ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାକିରି ବିକ୍ରି ଘଟଣାରେ ସିଲିକନ୍ ଓ ପଞ୍ଚସଫ୍ଟର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ମାତ୍ର ସିଲିକନ୍‌ର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ, ସଂଗ୍ରାମ କେଶରୀ ମହାନ୍ତି, ଶାଶ୍ୱତୀ ମିଶ୍ର, ଶ୍ରୀନିବାସଭେଙ୍କଟରମଣା ଇରାଙ୍କି ଓ ସମୀର କୁମାର ରଥ, ପଞ୍ଚସଫ୍ଟର ନିର୍ଦ୍ଦେଶକ ଥିବା ଶଙ୍କର ପୃଷ୍ଟି ଓ ଦିପ୍ତିମୟୀ ସାହୁଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆ ଯାଇ ପାରିନାହିଁ। ଘଟଣାକୁ ୫ଦିନ ଅତିକ୍ରମ କରିଥିଲେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ପାରିନି। ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ିଆଙ୍କ ହାତ ଥିବାରୁ ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ହୋଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ୯୩୩ଟି ଏସ୍‌ଆଇ ପଦ ମଧ୍ୟରୁ ପ୍ରାୟ ୫୦୦ ପଦ ବିକ୍ରି କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିପାଇଁ ସାରା ରାଜ୍ୟରେ ଚାକିରି ଦଲାଲମାନଙ୍କୁ ସକ୍ରିୟ କରାଯାଇଥିଲା। ଗଞ୍ଜାମଠାରୁ ଆରମ୍ଭ କରି ବାଲେଶ୍ୱର, ବଲାଙ୍ଗିର ଓ ମାଲକାନଗିରି ପର୍ଯ୍ୟନ୍ତ ଜାଲ ବିଛାଇ ପରୀକ୍ଷାର୍ଥୀ ଯୋଗାଡ଼ କରିଥିଲେ। ବୌଦ୍ଧ ଜିଲ୍ଲା ବୁଟୁପାଲିର ପ୍ରଭୁଦତ୍ତ ମହାରଣା ଓ ତାଙ୍କ ସାନ ଭାଇ ସମ୍ୟକ ମହାରଣା ଟଙ୍କା ଦେଇ ଚାକିରି କରିବାକୁ ଉଦ୍ୟମ କରିଥିବାବେଳେ ବଲାଙ୍ଗିର ଜିଲ୍ଲା ମୁରିବାହାର ଥାନା ପତ୍ରାପାଲିର ମୁନ୍‌କି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ନାଗ ମଧ୍ୟ ଧରା ପଡ଼ିଛନ୍ତି। ସେହିପରି ଏକାଧିକ ରାଜନୈତିକ ବ୍ୟକ୍ତି ମଧ୍ୟ ଚାକିରି କରିବା ପାଇଁ ଯାଉଥିବାବେଳେ ଧରାପଡ଼ିଛନ୍ତି। କଟକ ଜିଲ୍ଲାରୁ ସର୍ବାଧିକ ୩୩ଜଣ ଆଶାୟୀ ପ୍ରାର୍ଥୀ ଧରାପଡ଼ିଥିବାବେଳେ ଗଞ୍ଜାମରୁ ୨୫, ଢେଙ୍କାନାଳରୁ ୧୨, ଖୋର୍ଦ୍ଧାରୁ ୯, ବରଗଡ଼ରୁ ୭, ନୟାଗଡ଼ରୁ ୫, ପୁରୀରୁ ୪, ବୌଦ୍ଧ ଓ କେନ୍ଦ୍ରାପଡ଼ାରୁ ୩ ଲେଖାଏଁ ଏବଂ ସୋନପୁର, ଭଦ୍ରକ, ଯାଜପୁର, ବାଲେଶ୍ୱର, କଳାହାଣ୍ଡି ଓ ବଲାଙ୍ଗିରରୁ ୨ ଜଣ ଲେଖାଏଁ ଆଶାୟୀ ଧରା ପଡ଼ିଛନ୍ତି। ସେହିପରି ଅନୁଗୋଳ, କେନ୍ଦୁଝର, ରାୟଗଡ଼ା ଓ ନୂଆପଡ଼ାରୁ ଜଣେ ଲେଖାଏଁ ପ୍ରାର୍ଥୀ ବନ୍ଧା ହୋଇଛନ୍ତି।

## ପଞ୍ଚସଫ୍ଟର ୩ଟି ଅଫିସ ସିଲ୍

ଚାକିରି ବେପାର ଘଟଣାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ଚଳାଇଥିବାବେଳେ ଏସ୍‌ପି ଅନୀଲ ବେହୁରିଆ ଏହାର ତତ୍ତ୍ୱାବଧାନ କରୁଛନ୍ତି। ତେବେ ଏହାର ତଦନ୍ତ ଦାୟିତ୍ୱ ଡିଏସ୍‌ପି ରତ୍ନପ୍ରଭା ଶପତଥୀଙ୍କୁ ପ୍ରଦାନ କରାଯାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓପିଆରବିଠୁ କାମ ନେଇଥିବା ସଂସ୍ଥା ସିଲିକନ୍ ମାଲିକ ସମେତ ୫ଜଣଙ୍କୁ ପଚରାଉଚରା କରିଛି ଆଜି କ୍ରାଇମ୍‌ବ୍ରାଞ୍ଚ ଜେରା କରିଛି। ଏହା ସହ ବ୍ରହ୍ମପୁର ଏବଂ ଭୁବନେଶ୍ୱରରେ ଥିବା ପଞ୍ଚସଫ୍ଟ ସହ ଅନ୍ୟ ୩ ଅଫିସ ସିଲ କରିଛି କ୍ରାଇମ୍‌ବ୍ରାଞ୍ଚ। ଫେରାର ଥିବା ଶଙ୍କର ପୃଷ୍ଟି ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ବୋଲି କୁହାଯାଉଛି। ଶଙ୍କର ଘର ଗଞ୍ଜାମ ଶେରଗଡ଼ ଅଞ୍ଚଳରେ ବୋଲି ସୂଚନା ମିଳିଛି।

## ମିଛ ଧରାଇଦେଲା...

ଯାତ୍ରୀମାନେ ପ୍ରକୃତରେ ସାଧାରଣ ଯାତ୍ରୀ ନୁହଁନ୍ତି, ବରଂ ପୁଲିସ୍ ଏସ୍‌ଆଇ ଚାକିରି ଆଶାୟୀ ଥିବା ଶ୍ରୀକାକୁଲମ୍ ପୁଲିସ ଜାଣିବାକୁ ପାଇଥିଲା। ସେମାନେ ବିଜୟନଗରମ୍‌ରେ ପରୀକ୍ଷା ନିମନ୍ତେ ମକ୍ ଟେଷ୍ଟ ବା ପ୍ରଶ୍ନପତ୍ର ଅଭ୍ୟାସ କରିବାକୁ ଯାଉଥିଲେ ବୋଲି ବିବେକାନନ୍ଦ କହିଥିଲେ। ଶ୍ରୀକାକୁଲମ୍ ପୁଲିସ୍‌ର ଏହି ତଥ୍ୟ ଓଡ଼ିଶାରେ ଶାସକ ଦଳକୁ ସୁରକ୍ଷା ଦେବା ନିମନ୍ତେ ଚାଲିଥିବା ପ୍ୟାଚ ପକା ଉଦ୍ୟମକୁ ପାଣିଚିଆ କରି ଦେଇଛି।

## ଭସାଣିରେ ଗୋଷ୍ଠୀ...

୩ କନେଷ୍ଟବଲଙ୍କ ମୁଣ୍ଡ ଫାଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କମିଶନର ଏସ୍. ଦେବଦତ୍ତ ସିଂ ଏବଂ ଅତିରିକ୍ତ କମିଶନର ନରସିଂହ ଭୋଳ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛନ୍ତି। ସେଠାରେ ୨କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପକ୍ଷରେ କଟକ ସହର ଏବଂ ପାର୍ବଣ ପରିଚାଳନାରେ ଅଭିଜ୍ଞତା ଥିବା ଦାୟିତ୍ୱସମ୍ପନ୍ନ ପୁଲିସ ଅଧିକାରୀଙ୍କୁ ଭସାଣି ଶୋଭାଯାତ୍ରାରେ ନିୟୋଜିତ କରା ନଯିବାରୁ ଏଭଳି ଭୟାନକ ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ବିଶେଷକରି ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ ଭସାଣି ପରିଚାଳନା ଗଣ୍ଡଗୋଳର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ସୋସିଆଲ୍ ମିଡିଆରେ ଏହି ଗଣ୍ଡଗୋଳ ଘଟଣାକୁ ନେଇ ପରସ୍ପର ମଧ୍ୟରେ ଆକ୍ଷେପ ଓ ପ୍ରତିଆକ୍ଷେପ କରାଯାଉଥିବା ବେଳେ ପୁଲିସ ପାଇଁ ଏହା ଚିନ୍ତା ବଢ଼ାଇ ଦେଇଛି।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୨ଟାରେ ଝାଞ୍ଜିରମଙ୍ଗଳା ଭାଗବତ ପୂଜା କମିଟିର ପ୍ରତିମା ଶୋଭାଯାତ୍ରାରେ ବାହାରି ବିସର୍ଜନ ପାଇଁ ଦେବୀଗଡ଼ା ଅଭିମୁଖେ ଯାଉଥିଲା। ଶୋଭାଯାତ୍ରାରେ ବାଜୁଥିବା ନିର୍ଦ୍ଦିଷ୍ଟ ଗୀତକୁ ଦରଘାବଜାର ଅଞ୍ଚଳରେ ସ୍ଥାନୀୟ କିଛି ଲୋକ ବିରୋଧ କରିଥିଲେ। ଏହାପରେ ଦରଘାବଜାର ଜେଲ୍ ରୋଡ୍‌ର ଏକ ନିର୍ଦ୍ଦିଷ୍ଟ ଦିଗରୁ ହଠାତ୍ କାଚ ବୋତଲ ଓ ଢେଲା ପଥର ମାଡ଼ ହୋଇଥିଲା। ଶୋଭାଯାତ୍ରାକାରୀ ମଧ୍ୟ ଢ଼େଲା ପଥର ମାଡ଼ କରିଥିଲେ। ଫଳରେ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଘଟଣାସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସେଠାରେ ଥିବା ଗାଡ଼ି ମୋଟର ଭାଙ୍ଗିରୁଜି ଯାଇଥିଲା। କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡ଼ିବା ପରେ ମଧ୍ୟ ଉତ୍ତେଜନା ଲାଗି ରହିଥିଲା। ରାଉସାପାଟଣା ମେଢ଼ ଆସିବା ବେଳେ ଦରଘାବଜାର ଅଞ୍ଚଳରେ ପୁଣି ଢେଲା ପଥର ମାଡ଼ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ପୁଲିସ ଲାଠିଚାର୍ଜ କରିବାକୁ ବାଧ ହୋଇଥିଲା। ପୁଲିସର ମାଡ଼ରେ ଗଣ୍ଡଗୋଳକାରୀ ଛତ୍ରଭଙ୍ଗ ଦେଇଥିଲେ। ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଛକାପଞ୍ଝା ଲାଗି ରହିଥିଲା। ପୁଲିସ ଭୟରେ ଉଭୟ ଗୋଷ୍ଠୀ ଗଣ୍ଡଗୋଳରୁ ନିବୃତ୍ତ ରହିଥିଲେ। ତଥାପି ଉତ୍ତେଜନା କମି ନଥିଲା। ଏହି ଗଣ୍ଡଗୋଳରେ ଊଣାଅଧିକେ ୩୦ରୁ ଅଧିକ ଶୋଭାଯାତ୍ରାକାରୀ ଓ ଜନସାଧାରଣ ଆହତ ହୋଇଥିବା ସୂଚନା ମିଳିଛି।

କଟକ ଇତିହାସରେ ଭସାଣି ଶୋଭାଯାତ୍ରାରେ ଏଭଳି ବଡ଼ଧରଣର ଭୟଙ୍କର ଗୋଷ୍ଠୀ ସଂଘର୍ଷ ଘଟିନଥିଲା। ଏହି ଗଣ୍ଡଗୋଳ ପ୍ରତିବାଦରେ ଶୋଭାଯାତ୍ରାରେ ଆସୁଥିବା ଲୋକ ରାସ୍ତା ଉପରେ ଧାରଣାରେ ବସିବା ସହ ଭସାଣ ଶୋଭାଯାତ୍ରା ବନ୍ଦ କରି ଦେଇଥିଲେ। ବିସର୍ଜନ ନ ହୋଇ ଅନେକ ମେଢ଼ ରାସ୍ତା ଉପରେ ଅଟକି ରହିଥିଲା। ଆଜି ପୁଲିସର ସ୍ୱତନ୍ତ୍ର ସୁରକ୍ଷାବଳୟ ମଧ୍ୟରେ ସମସ୍ତ ମେଢ଼କୁ ଦେବୀଗଡ଼ାରେ ବିସର୍ଜନ କରାଯାଇଛି। ସେହିପରି ନିମ ସାହିରେ ରାଉସପାଟଣା ଦୁର୍ଗା ମେଢ଼ ଅଟକି ରହିଥିଲା। ଗତ ରାତିରେ ଆକ୍ରମଣକୁ ନେଇ ଆଜି ଶତାଧିକ ପୂଜା କମିଟି ସଦସ୍ୟ ଧାରାଣାରେ ବସି ରହିଥିଲେ। ଆଜି ପୁଲିସ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଏବଂ ଗଣ୍ଡଗୋଳକାରୀଙ୍କ ବିରୋଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଏଭଳି ନିନ୍ଦନୀୟ ଘଟଣାର ଦୃଢ଼ ନିନ୍ଦା କରି ଆସନ୍ତା ସୋମବାର କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ। ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିଷଦ ଦୃଢ଼ ଦାବି କରିଛି। ଏହି ବନ୍ଦକୁ ବିଜେପି ସମର୍ଥନ କରିଛି।

## ୪ ଦିନ ହେଲା...

ଆଶଙ୍କା ରହିଛି। ବିଭିନ୍ନ ଦେଶ ଉପରେ ଟ୍ରମ୍ପଙ୍କ ଅତ୍ୟଧିକ ଶୁଳ୍କ ନୀତି ଯୋଗୁଁ ଆମେରିକାର ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବା ବେଳେ 'ସଟ୍ ଡାଉନ୍' ପରିସ୍ଥିତିକୁ ଆହୁରି ବିଗାଳି ଦେବ। ତେବେ ବର୍ତ୍ତମାନ ଯେଉଁ ସଙ୍କଟ ସୃଷ୍ଟି ହୋଇଛି, ସେଥିରେ ବିଶେଷ କରି ଅଣ-ଅତ୍ୟାବଶ୍ୟକ ସେବା ବନ୍ଦ ହୋଇଯାଇଛି। ଯେଉଁ ସରକାରୀ କର୍ମଚାରୀଙ୍କ କାମ ଅତ୍ୟାବଶ୍ୟକ ସେବାରେ ଯାଉନି, ସେମାନଙ୍କୁ ଛୁଟିରେ ଯିବାକୁ କୁହାଯାଇଛି। ଦେଶରେ ସମସ୍ତ ପାର୍କ ଓ ମ୍ୟୁଜିୟମ ବନ୍ଦ ହୋଇଯାଇଛି। ଅନେକ ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ହୋଇଯିବ। ବିକାଶମୂଳକ କାମରେ ଲାଗିଥିବା ଠିକା ସଂସ୍ଥା ସେମାନଙ୍କର କାମ ବନ୍ଦ କରିଦେଇଛନ୍ତି। ପାସପୋର୍ଟ ଓ ଭିସାରେ ନିୟୋଜିତ ଅଧିକାଂଶ କର୍ମଚାରୀଙ୍କୁ ଛୁଟିରେ ଯିବାକୁ କୁହାଯାଇଥିବାରୁ ଏହି ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ପାସପୋର୍ଟ ଏବଂ ଭିସା ସେବା ଜାରି ରହିଥିଲେ ମଧ୍ୟ ଏହି ପ୍ରକ୍ରିୟା ବିଳମ୍ବିତ ହେଉଛି। ଏବେ ସମସ୍ତ ଗବେଷଣା ପ୍ରକଳ୍ପକୁ ମଧ୍ୟ ବନ୍ଦ କରି ଦିଆଯାଇଛି। କେବଳ ଏତିକି ନୁହେଁ, ଦେଶର ମହାକାଶ ଗବେଷଣା ସଂସ୍ଥା 'ନାସା'କୁ ମଧ୍ୟ ବର୍ତ୍ତମାନ ପାଇଁ ବନ୍ଦ କରିଦିଆଯାଇଛି। କେବଳ ଉପଗ୍ରହ ଓ ମହାକାଶରେ ଥିବା କେନ୍ଦ୍ରକୁ ଚାଲୁ ରଖିବା ପାଇଁ କ୍ରିଟିକାଲ୍ ଅପରେସନ୍ ଜାରି ରହିବ। ହସପିଟାଲ ଭଳି ଅନେକ ଅତ୍ୟାବଶ୍ୟକ ସେବା ଜାରି ରହିଥିଲେ ମଧ୍ୟ କର୍ମଚାରୀଙ୍କୁ ଏବେ ଦରମା ମିଳିବାର ସମ୍ଭାବନା କମ୍ ବୋଲି କୁହାଯାଉଛି।

## ବିମାନବନ୍ଦରରୁ ପୁଣି...

ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ଦେଇ ବିଦେଶରୁ ବ୍ୟାପକ ପରିମାଣରେ ଏହିଭଳି ନିଶାଦ୍ରବ୍ୟ ଚାଲାଣ ହେଉଛି। କଷ୍ଟମ ବିଭାଗ ଯଦିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ତଥାପି ଆହୁରି ଅନେକ ନିଶାଦ୍ରବ୍ୟ ଚାଲାଣକାରୀ ଖସିଯାଉଥିବାର ସନ୍ଦେହ କରାଯାଉଛି। ଗତ ଅଗଷ୍ଟ ୨୩ ତାରିଖରେ ମଧ୍ୟ ଭୁବନେଶ୍ୱର ବିମାନବନ୍ଦରରୁ କଷ୍ଟମ୍ ଅଧିକାରୀମାନେ ୪ କୋଟି ଟଙ୍କାର ନିଷିଦ୍ଧ ଡ୍ରଗ୍ସ ମାରିଜୁଆନା ଜବତ କରିଥିଲେ। ବ୍ୟାଙ୍କକରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଏହା ଜବତ ହୋଇଥିଲା। ବିମାନରେ ଜଣେ ଯୁବକ ଓ ଜଣେ ଯୁବତୀ ନିଶାଦ୍ରବ୍ୟ ଆଣୁଥିବା ସଂପର୍କରେ ଗୁଇନ୍ଦା ସୂଚନା ମିଳିବା ପରେ କଷ୍ଟମ୍ ଅଧିକାରୀମାନେ ଚେକିଂ କରିଥିଲେ। ପ୍ରକାଶଯୋଗ୍ୟ ଯେ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଅଗଷ୍ଟ ମାସରେ ମାସ ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ (ମାରିଜୁଆନା) ଜବତ ହୋଇଥିଲା। ଥାଇଲାଣ୍ଡରୁ ଇଣ୍ଡିଗୋ ବିମାନରେ ଆସୁଥିବା ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ହାବୁଡ଼ରେ ପଡ଼ିଥିଲା ଏହି ଉତ୍କଟ ନିଶାଦ୍ରବ୍ୟ। ଗୁଜୁରାଟ ଅହମଦାବାଦର ଜଣେ ଯୁବକଙ୍କୁ ଏହି ମାମଲାରେ ଅଟକ ରଖିଥିଲା କଷ୍ଟମ୍ ବିଭାଗ। ଏହି ଘଟଣାର ଦୁଇଦିନ ପୂର୍ବରୁ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଥିଲା। ସେହିପରି ଗତ ଜୁଲାଇ ୩୦ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ୩୦ କେଜି ମାରିଜୁଆନା ଜବତ କରାଯାଇଥିବା ବେଳେ ଉତ୍ତରପ୍ରଦେଶର ୩ ଜଣ ଯୁବକ ଗିରଫ ହୋଇଥିଲେ। ପୁଣି ଥରେ ମାରିଜୁଆନା ଚାଲାଣ ଘଟଣା ପଦାକୁ ଆସିବା ପରେ ଭୁବନେଶ୍ୱରକୁ ନିଶା ହବ୍ ପରିଣତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚକ୍ରାନ୍ତ ଚାଲିଥିବା ସ୍ପଷ୍ଟ ହୋଇଛି।

## ■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟରେ ପୁଞ୍ଜିଲାଲ

କଟକ, ୪।୧୦(ସମିସ): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ମେ' ୨୮ ତାରିଖରେ ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍ ଏହି ଘଟଣାରେ ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଯାବତ୍‌ଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ରହିବା ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ରାୟ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ପୁଞ୍ଜିଲାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ସ୍ଥିତ ଏକ ବିବାହ ଭୋଜିରେ ଉପହାର ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣିଙ୍କ ମୃତ୍ୟୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଭଇଁସା କଲେଜରେ ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେର ଏହି ଘଟଣା ଘଟାଇଥିଲେ। ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୨୦୧୮ ଏପ୍ରିଲ ୨୫ରେ ଗିରଫ କରିଥିଲା ବେଳେ ଏହି ଘଟଣାରେ ତାଙ୍କ ଜାମିନ ଆବେଦନ ଏକାଧିକବାର ଖାରଜ ହୋଇଥିଲା।


### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ETCECONIIBBS2025040, ତା. 12.09.2025 ରିଖ ର

**ଶୁଦ୍ଧିପତ୍ର-1**

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା ର ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ଆବଶ୍ୟକ ରୂପାନ୍ତରଣ କରାଯାଇଅଛି।

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
| --- | --- |
| 14.10.2025, 1200 ଘଟିକା | 24.10.2025, 1200 ଘଟିକା |

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି www.ireps.gov.in ଅବଲୋକନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-122/CI/25-26

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.MCS/Stores/E-Procure/ Tender Notice/Coupler/339, ତା.23.09.2025ରିଖ

ଟେଣ୍ଡର ସଂ.92255842, ସାମଗ୍ରୀଗୁଡ଼ିକର ବିବରଣୀ: RDSO ବିନିର୍ଦ୍ଦେଶ ସଂ RDSO/2011/CG-03 (ସଂଶୋଧନ-3) ଜାନୁଆରୀ, 2019 ଅନୁଯାୟୀ ଭାରତୀୟ ରେଳପଥର ବୋର୍ଡ଼ ଗେଜ୍ (BG) ପାସେଞ୍ଜର କୋଚ୍ ଗୁଡ଼ିକର ଫିଟମେଣ୍ଟ ନିମନ୍ତେ AAR H ହେଡ୍ ଏବଂ ବାଲାନ୍ସ ଡ୍ରାଫ୍ଟ ଗିଅର (Head and Balanced Draft Gear) ସହିତ ହାଇ ଟେନ୍ସାଇଲ ଟାଇଟ୍ ଲକ୍ ସେଣ୍ଟର ବଫର କପଲର (High Tensile Tight Lock Centre Buffer Coupler), ପରିମାଣ: 100 ଗୋଟି।

ଆନୁମାନିକ ମୂଲ୍ୟ(ଟଙ୍କାରେ): 2,44,26,000/-, EMD (ଟଙ୍କାରେ): 4,88,520/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.10.2025ରିଖ 1500 ଘଟିକାରେ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର

PR-653/Q/25-26

### ହଜିଛି

ମୁଁ, ପୂଜା ଅଗ୍ରୱାଲ, ପିତା: ୰ ଅଶୋକ କୁମାର ଅଗ୍ରୱାଲ, ସା: ଗୋଶାଳା, ପୋ.: କଳାମାଟି, ଜିଲ୍ଲା: ସମ୍ବଲପୁର, ଓଡ଼ିଶା। ପୂଜା ଅଗ୍ରୱାଲ, ପବନ କୁମାର ଅଗ୍ରୱାଲ, ରଞ୍ଜୁ ଅଗ୍ରୱାଲ ନାମରେ ଥିବା ମୂଳ ବିକ୍ରୟ ଦଲିଲ୍ ନଂ.: ୨୦୬/୧୯୯୯, ତା୨୭.୦୧.୧୯୯୯ରିଖର ଜେରକ୍ସ କପି ଏବଂ ଲାମିନେସନ ନିମନ୍ତେ ମୁଁ ଯାଉଥିବା ସମୟରେ ସମ୍ବଲପୁରରୁ ଗୋଶାଳା ରୋଡ଼ ମଧ୍ୟରେ ତା ୦୨.୦୧.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକାରୁ ୫.୦୦ ଘଟିକା ମଧ୍ୟରେ କେଉଁଠାରେ ହଜିଯାଇଛି। ଏହି ଦଲିଲ୍ କୌଣସି ବ୍ୟାଙ୍କ/ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖାଯାଇନାହିଁ। ଏ ବାବଦରେ ସତ୍ୟ ପାଠ ମଧ୍ୟ ପ୍ରକାଶିତ ହୋଇଛି। ଗୃହ ଋଣ ନେବା ପାଇଁ ଏ ବାବଦରେ ବୁର୍ଲା ଥାନାରେ ଷ୍ଟେସନ ଡାଏରୀ ଦିଆଯାଇଛି। ଉପରୋକ୍ତ ବିବରଣୀ ସତ୍ୟ ଅଟେ। ଯଦି ମିଥ୍ୟା ପ୍ରମାଣିତ ହୁଏ ତେବେ ବ୍ୟାଙ୍କ ମୋ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଯୋଗାଯୋଗ :୭୪୭୦୪୩୩୨୧୩

### OFFICE OF THE NOTIFIED AREA COUNCIL, JUNAGARH

email-nacjunagrh@g111ail.com

LETTER NO. 1644, DATE - 03.10.2025

**NOTICE INVITING TENDER FOR LEASE OF GYMNASIUM OF NAC JUNAGARH**

Details terms and Conditions are available at Office of the Notified area council Junagarh. www.junagarhnac.in or visit website - www.Kalahandi.odisha.gov.in

Sd/- Executive Officer
N.A.C., Junagarh

OIPR-13133/11/0021/2526 C-1204

### OFFICE OF THE PRINCIPAL
### DADHIBAMAN HIGHER SECONDARY SCHOOL, TURUMUNGA,
AT/PO-TURUMUNGA, DIST-KEONJHAR, PIN-758046

Ph: 06766-238025, 238035 e-mail: dadhibamantmg@gmail.com

Advt.No-03/25 Date-03.10.2025

**A Walk-in-interview for engagement of Guest Faculties**

A Walk-in-interview will be held for the post of Guest Faculties in subjects Physics, Mathematics and Botany on engagement basis. Candidates who have secured minimum 55% marks in PG for PGT must come with all original certificates (both original and Xerox) on **12.10.2025(Sunday) at 10.00 AM.**

**Contact No: - 9438162760, 6371399442**

Sd/- Principal

OFFICE OF THE DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG,DIST-KHURDA,PIN-754005
PHONE NO- 9437022023
Email: deputydirector.kanan@gmail.com
Web: www.nandankanan.org

NANDANKANAN
CONSERVE | EDUCATE INSPIRE

TENDER NOTICE

Notice No. 22 /NKZP/2025-26 Date: 03.10.2025

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockists/ firms for the Supply of laboratory chemicals, glass and plastic wares for the financial year, 2025-26 use in Centre for Conservation Research and Training, Nandankanan Zoological Park (CCRT). The detailed terms and conditions alongwith tender documents shall be available at the website: www.nandankanan.org from **04.10.2025** onwards. The last date of submission of bid is 13.10.2025 at 05.00 PM and date of opening of Bid will be on 14.10.2025 at 11.30 AM.

Deputy Director
Nandankanan Zoological Park

OIPR-08070/11/0118/2526 MM-215

### AFFIDAVIT

I, Dilip Kumar Sahu, S/o-Alia Sahoo, Resident of Upimara, PO: Tangi, PS: Tangi, Dist.: Khordha, Odisha PIN-752023 declared by this Affidavit No.: 1102/2025, Dated.: 03.10.2025. That now onwards I shall be known as **DILLIP KUMAR SAHOO** for all future Purposes.

### AFFIDAVIT

I Prashanna Kumar Barik, S/o.: Bisunu Barik, At-Kespania, PO.: Bhaliadihi, Ps- Sarankul, Dist.: Nayagarh, Pin-752092, Odisha. Declare by this Affidavit No-7515, Dated-04/10/2025 that now onwards I shall be known as **Prasanna Kumar Barik** for all future Purpose.

### Affidavit-cum-Undertaking

I Dasharathi Sahoo, S/o- Sankar Sahoo, aged about 75 Years residing At/Po- Derang,Angul, Odisha, Pin-759117, I have purchased and lawful owner of Khata No - 746/50and sale deed has been lost during photocopy of the original. I had put FIR for lost my original property document. I undertake that if my original document received then I will submit the mutation ROR to ICICI Bank Ltd.

**Dasharathi Sahoo**

### PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

### AFFIDAVIT

I, Chandrakanta Mohanty, S/o- Alekha Chandra Mohanty, Resident of Mahulaburi Sahi, Kandasar (Part), PO: Kandasar, PS: Nalco Angul, Dist.: Angul, Odisha, Pin-759145 declared by this Affidavit No.1103/2025 Dated.03.10.20205 hat now onwards I shall be known as **CHANDRA KANT MOHANTY** for all future Purposes.

### AFFIDAVIT

I Rupasree Sahoo D/o Sanjukta Jena, Resident of At-Badagada Jena Sahi, PO- Badagada Brit, PS-Badagada, Bhubaneswar, Dist- Khorda, Odisha, declare by this affidavit No.44611 dtd 23.09.2025 that now onwards I shall be known as **RUPASREE JENA** for all future purposes.

### AFFIDAVIT

I, Sanu Khatun, D/o Sk Usman, Resident of Village-Panisanda, PO-Sukhasandapatna, PS-Bhograi, Dist-Balasore, Odisha-756036, declare by this affidavit No.2966 dtd 04.10.2025 that now onwards I shall be known as **SANU BIBI** for all future purposes.

### AFFIDAVIT

By virtue of an affidavit sworn before Notary Public, Sinapali on date 11/10/2025, I Hemanta Harijan have changed my Surname from Harijan to Harpal. Henceforth I shall be known as **Hemanta Harpal** for all purposes.

### AFFIDAVIT

I, Ghanshyam Patra, S/o- Debendra Patra, resident of At/Po-Jangalpadu, Paralakhemundi, Dist-Gajapati, PIN- 761210, Odisha declared by this affidavit No. 799, dtd-30/09/2025 that now onwards I shall be known as **GHANASHYAM PATRA** for all future purposes.

### VEHICLE FOR SALE

EICHER PRO 2059, Model - 2022, Registration No-OD-02-CB-0749, in as is where is condition, Contact: M/S Sundaram Finance Limited, BHUBANESWAR BRANCH Ph:0674-2544772 within 7 days

### AFFIDAVIT

By Virtue of an affidavit before Executive Magistrate, Angul, **I, Prangyashree Pradhan,** D/o.: Prakash Pradhan, Permanent & Current Address At: Rajanipal, PO.: Kukudang, P.S.: Sadar, Dist: Angul (Odisha), PIN-759123 have changed my name from Pragyan Parimita Pradhan to **Prangyashree Pradhan.** Henceforth I shall be known as **Prangyashree Pradhan** for all purposes.

### AFFIDAVIT

I Suchismita Deo, W/o-Pramod Kumar Deo, At-Bhansar, Po-Kadamchhanda, Ps-Tirtol, Dist- Jagatsinghpur, Pin-754135, Odisha. Declare by this Affidavit No-7517, Dated- 04/10/2025 that now onwards I shall be known as **SUCHISMITA JENA** for all future Purpose.

### AFFIDAVIT

By virtue of an Affidavit before Notary Public, Malkangiri, I, **Burunda Darli**, aged about 43 years, W/o.: Laba Darli resident of Village: Godipti, PO: Biralaxmanpur, P.S./Dist.: Malkangiri, Odisha, declare by this Affidavit No.: 1641/2025, Dated: 25.09.2025 that I have changed my & my husband name from Burunda Barali, W/o.: Lab Barali to **Burunda Darli, W/o.: Laba Darli.** Henceforth I shall be known as **Burunda Darli, W/o.: Laba Darli** for all future purposes.

### AFFIDAVIT

By virtue of an Affidavit sworn before the Executive Magistrate, Bhadrak, affidavit no. 16AA139458, dated-3/10/25.I Ajay Kumar Siyal, F/o-Rajalaxmi Siyal of At/Po-Kushaleswar, Dist-Keonjhar, Odisha do hereby declare that I have add the surname to my daughter's name as Rajalaxmi Siyal. Henceforth, my daughter shall be known as **RAJALAXMI SIYAL** for all purposes.

**Sd/- AJAY KUMAR SIYAL**

### AFFIDAVIT

By virtue of an affidavit sworn before Notary Public, Sinapali on date 11/10/2025, I Bidyadhar Harijan have changed my Surname from Harijan to Bidyadhar Nial. Henceforth I shall be known as **Bidyadhar Nial** for all purposes.

### AFFIDAVIT

By virtue of an affidavit sworn before Notary, Cuttack, Dtd 22.08.2025 I, Bishnu Ganju, resident of At/Po- Aulajodi, P.S.-Bahalda, Mayurbhanj, Odisha (presently residing at At-Naranpur, G.P.-Belagachia, P.S.-Barang, Cuttack, Odisha), have changed my name from Bishnu Ganju to Bishnu Mohanta. Henceforth, I shall be known as **Bishnu Mohanta** for all purposes.

**Sd/- Bishnu Mohanta**

### AFFIDAVIT

I, Ashok Rath, S/o-Late Saroj Chandra Rath, resident of Plot No- 1364, Daya Bhawan, Shastry nagar, Bhubaneswar, Dist- Khordha, Odisha, PIN- 751001 declare by this affidavit Sl No. 1996, dtd- 03/10/2025 that now onwards I shall be known as **ASHOK KUMAR RATH** for all future purposes.

### AFFIDAVIT

I, Suprava Patra, W/o-Debendra Patra, resident of At/Po-Jangalpadu, Paralakhemundi, Dist-Gajapati, PIN- 761210, Odisha declared by this affidavit No. 800, dtd-30/09/2025 that now onwards I shall be known as **SUPRABHA PATRA** for all future purposes.

# ୩୦୦ ବର୍ଷର ପ୍ରାଚୀନ ଲୋକପରମ୍ପରା: କୋଲାବିରା ଦଶହରା ବଏଲ ଯାତ୍ରା

**କୋଲାବିରା, ୪।୧୦(ସମିସ)**

ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଶାକ୍ତ ପରମ୍ପରା ବହୁ ପୁରାତନ। ଶାକ୍ତ ପରମ୍ପରାରେ ଜୟପୁର ଇଷ୍ଟେଟ (କୋଲାବିରା) ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣକାଳୀଙ୍କ ପ୍ରତି ଜନସାଧାରଣଙ୍କ ରହିଛି ଅଗାଧ ବିଶ୍ୱାସ, ଭକ୍ତି ଓ ଭୟ। କଳା ଓ ସଂସ୍କୃତିର ପରିଚୟ ତଥା ନିଷ୍ଠା ଓ ଭକ୍ତିର ଅନନ୍ୟ ପରମ୍ପରା ଏଠାକାର ବଏଲ ଯାତ୍ରା। କୋଲାବିରାର ଅଧିଷ୍ଠାତ୍ରୀ ଦେବୀ ମାଁ ଦକ୍ଷିଣକାଳୀଙ୍କ ପୀଠରୁ ପ୍ରସିଦ୍ଧ ଏହି ବଏଲ ଯାତ୍ରା ଦଶମୀ ତିଥିରେ ସମ୍ପନ୍ନ ହୋଇଛି। ପ୍ରତିବର୍ଷ ପରି ଏ ବର୍ଷ ମଧ ପଶୁବଳିରେ ରକ୍ତରଞ୍ଜିତ ହୋଇଛି ଯାତ୍ରା ପଥ। ଆବାହମାନ କାଳରୁ ସ୍ଥାନୀୟ ରାଜପ୍ରାସାଦ ପରେ ସମଲେଶ୍ୱରୀ ମନ୍ଦିର ଏବଂ ବର୍ତ୍ତମାନ ଦକ୍ଷିଣକାଳୀ ପୀଠରେ ଆୟୋଜିତ ହୋଇଆସୁଥିବା ଅଞ୍ଚଳର ଏକମାତ୍ର ପୀଠ ପୂଜାରେ ଜାତି, ଧର୍ମ ନିର୍ବିଶେଷରେ ସବୁ ବର୍ଗର ଲୋକେ ମିଳିତ ଭାବେ ପୂଜାର୍ଚ୍ଚନା କରି ଏକ ଅନନ୍ୟ ପରମ୍ପରା ସୃଷ୍ଟି ହୋଇ ପାରିଛି।

ଏଥର ଦକ୍ଷିଣକାଳୀ ଦେବୀଙ୍କ ପ୍ରତୀକ ବା ଚଳନ୍ତି ସ୍ୱରୁପ ବରୁଆଙ୍କ ଦର୍ଶନ ପାଇଁ କୋଲାବିରା ଗାଁର ଗଳିକନ୍ଦି ଜନସମୁଦ୍ର ହୋଇଥିଲା। ବହୁ ସଂଖ୍ୟକ ମାନସିକଧାରୀ ଶହଶହ ସଂଖ୍ୟାରେ ଛାଗ ବଳି ଦେଇଥିଲେ। ହଜାର ହଜାର ଭକ୍ତଙ୍କ ଗହଳିରେ ବୀରବାଦ୍ୟ ପଞ୍ଚବାଦ୍ୟର ତାଳେତାଳେ ମାଁଙ୍କ ଶକ୍ତି ସମ୍ବଳିତ ବଏଲ ନଗର ପରିକ୍ରମା କରିଥିଲା। ବିଭିନ୍ନ ସ୍ଥାନରେ ମାନସିକଧାରୀମାନେ ବୋଦା ବଳି ଦେବା ଫଳରେ ଗାଁର ରାସ୍ତାଗୁଡିକ ରକ୍ତରଞ୍ଜିତ ହୋଇ ଉଠିଥିଲା। ରାତିରେ ପାରମ୍ପରିକ ଗୁପ୍ତପୂଜା ହୋଇଥିଲା ଏବଂ ପଞ୍ଚବାଦ୍ୟ ସହ କାଳିଶି ବାହାରିଥିଲା। ଦାୟିତ୍ୱରେ ଥିବା ପୂଜକ ଏବଂ ସେବାୟତ ମାନେ ମାଁଙ୍କ ହାତଧରି ପରିକ୍ରମା ଆରମ୍ଭ କରିଥିଲେ। ବଏଲଯାତ୍ରା ପାଇଁ କୋଲାବିରା ବସ୍ତି ଅଞ୍ଚଳ ଜନସମୁଦ୍ରରେ ପରିଣତ ହୋଇଥିଲା। ତଥାପି ବଏଲଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ବଳିପ୍ରଥା ବନ୍ଦ କରାଯିବା ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ତଥାପି ଆସ୍ଥା ବିଶ୍ୱାସ ଓ ଶ୍ରଦ୍ଧାରୁ ରହି ଆସିଥିବା ପରମ୍ପରାକୁ ଏଥର ବି ବଜାୟ ରଖାଯାଇଥିଲା। ଚଳିତ ବର୍ଷ ଦେବୀ ବାହନ ବରୁଆ ଭାବେ ଯୋଗୀ ଯୋଗେନ୍ଦ୍ର ରାଏ ଦାୟିତ୍ୱ ସମ୍ପାଦନ କରିଥିଲେ। ଜମିଦାର ବଂଶଜ ରୁଦ୍ର ପ୍ରତାପ ସିଂହ ଓ ତାଙ୍କର ଧର୍ମପତ୍ନୀ ମଉନାବତୀ ସିଂହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ପ୍ରଦ୍ୟୁମ୍ନ ପୁରୋହିତ ଓ ବିଜୟ ପୂଜାରୀ, ସହପୂଜକ ସ୍ମୃତି ରଞ୍ଜନ ରାଏ ସମସ୍ତ ପୂଜା ଯଜ୍ଞାଦିକାର୍ଯ୍ୟ ଆଗେଇ ନେଇଥିବା ବେଳେ ପ୍ରଫୁଲ୍ଲ ପାଣିଗ୍ରାହୀ ଚଣ୍ଡୀପାଠ କରିଥିଲେ। ଦେବୀଙ୍କ ସେବାୟତ ସନ୍ତୋଷ ଦଲାଇ, ଆଲୋକ ମହାପାତ. ଲଳିତ ସାହୁ, ସରୋଜ କୈବାର, ସୁଶିଳ ମଲ୍ଲିକ ପ୍ରଫୁଲ୍ଲ ଖରସେଲ, ଅଫୁଆ ରଣା ପ୍ରମୁଖ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିନୟ ମହାପାତ୍ର, ଆଲୋକ ମହାପାତ୍ର, ସଚିନ ମହାପାତ୍ର, ଦେବାଶିଷ ସିଂ ଠାକୁର, ସୁବ୍ରତ ଦାସ, ଦୀପକ ରାୟ, ପ୍ରବୀଣ ସାହୁ, ବସନ୍ତ ସାହୁ, ଅସିତ ବହିଦାର, ଚିନ୍ମୟ ବହିଦାର, କୁନାଲ ବହିଦାର, ଚିତ୍ରସେନ ସମର୍ଥା, ସିମନ୍ତ ସାହୁ, ବୁଲୁ ମହାପାତ୍ର, ମନୋଜ ପଧାନ, ଭିମସେନ ଭଞ୍ଜ, ବସନ୍ତ ଉମାକାନ୍ତ ରଣା, ଫକିର





ସାହୁ, ଶ୍ରୀପ୍ରସାଦ ସାହୁ, ଉମା ରଣା, ଶଚିନ ମହାପାତ୍ରଙ୍କ ସମେତ ପୂଜାକମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

କୋଲାବିରା ଠାରେ ବଏଲଯାତ୍ରା ଜମିଦାର ସଂସାଧର ସିଂହଙ୍କ ସମୟରୁ ଆରମ୍ଭ ହୋଇଥିବାର ଜନାଶ୍ରୁତି ରହିଛି। ଏହିକ୍ରମରେ ରାଜ ଉଆସରୁ ବାହରିଥାଏ ତରବାରୀ, ଖଣ୍ଡା, ଭାଲ୍ଲା, ଛୁରି, ଝଂଜର ଆଦି ବିଭିନ୍ନ କିସମର ଯୁଦ୍ଧାସ୍ତ୍ର। ରାତିରେ ରଣଜିତା ଶୋଭାଯାତ୍ରା ଅବସରରେ ରାଜବାଟୀରୁ ଢ଼ୋଲ, ନିଶାନ, ତାଶା, ଓ ଅନ୍ୟାନ୍ୟ ବାଜାଗାଜା ସହ ଜମିଦାର, ଗୋଣ୍ଡବୀର ସମାଜର ପ୍ରତିନିଧି ତଥା ଗାଁବାସୀ ଷୋହଳ ଖଣ୍ଡା ଓ ଗଦା ସହିତ ସୁସଜ୍ଜିତ ହୋଇ ପଟୁଆରରେ ବାହାରି ଗାଁର ମୁଖ୍ୟ ଛକ ମାନଙ୍କରେ ଆଖଡା, ନାଚ, ସାହସିକ ଅଗ୍ନିବଳୟ କସରତ, କୁସ୍ତି, ବାଡିଖେଳ ଆଦି ପ୍ରଦର୍ଶିତ କରିଥାନ୍ତି। ବାଣ ଫୁଟା ଜରିଆରେ ଗାଁର ଅନ୍ୟ ମୁଣ୍ଡ କୁମ୍ଭାରପଡ଼ାର ଶେଷଭାଗକୁ ପହଞ୍ଚି ବିଜୟର ପ୍ରତୀକ ଚିହା (ନୀଳକଣ୍ଠ) ପକ୍ଷୀ ଦେଖିବା ପରେ ଦେବୀ ପୀଠ ପରେ ରାଜ ଉଆସକୁ ଫେରିଥିଲେ। ଏହା ବିଜୟର ପ୍ରତିକରଣ ଜିତା ପର୍ବ। ରାଜବାଟୀରୁ ବାହାରି ଗାଁ ମୁଣ୍ଡରେ ଥିବା ରଞ୍ଜିତା ଦେବୀଙ୍କ ସ୍ଥାପନା ସ୍ଥଳୀକୁ ଯାଇ ପୂଜାର୍ଚ୍ଚନା ସହ ଶୋଭାଯାତ୍ରା ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ମାଁଙ୍କ ଚାଚେରୀ ଖେଳ ସହିତ ମନ୍ଦିର ପ୍ରତ୍ୟାବର୍ତ୍ତନ ହୋଇଥିଲା। ମନ୍ତ୍ରତନ୍ତ୍ର ପରେ ଦେବୀବାହନ ବରୁଆଙ୍କ ଦେହରୁ ଦୈବୀଶକ୍ତି ଅପସାରିତ ହେବାପରେ ବଏଲଯାତ୍ରାର ପରିସମାପ୍ତ ଘଟିଥିଲା।

ଏହି ବଏଲଯାତ୍ରା ଅଞ୍ଚଳର ଇତିହାସ, ସାଂସ୍କୃତିକ ଚେତନା, ଧର୍ମୀୟ ବିଶ୍ୱାସ, ସାମାଜିକ ମୂଲ୍ୟବୋଧର ବାର୍ତ୍ତା ବହନ କରି ପୁରପଲ୍ଲୀରେ ଖ୍ୟାତିଲାଭ କରିପାରିଛି। ଦେବୀ ଦକ୍ଷିଣେଶ୍ୱରୀଙ୍କ ପୂଜାସହ ପ୍ରତିବର୍ଷ ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ଫୁଲୋରୀ ଓଷା ଦିନ ବଏଲଯାତ୍ରା ଆରମ୍ଭ ହୁଏ। ଦଶମୀ ତିଥିରେ ବଳିଯାତ୍ରା ଉଦ୍‌ଯାପିତ ହେଲେ ହେଁ ପୂଜାବିଧି ଆଦି ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲିଥାଏ। ଜୟପୁର ଇଷ୍ଟେଟ ଅଧୀନରେ ରହିଥିବା କୋଲାବିରା ଜମିଦାରୀରେ ଦୁର୍ଦ୍ଦାନ୍ତ ସର୍ଦ୍ଦାର ସଂସାଧର ସିଂହ ପ୍ରଥମ ଜମିଦାର ରୂପେ ଅଭିସିକ୍ତ ହୋଇଥିଲେ। ଏହି ଜମିଦାରୀ ପ୍ରାୟ ପାଖାପାଖି ୩ଶହ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିବାର କୁହାଯାଏ। ଯାତ୍ରାରମ୍ଭର ଅମାବାସ୍ୟା ଦିନ ମାଁ ସମଲେଇଶ୍ୱରୀଙ୍କ ପୀଠରେ ମନୋନୟନ କମିଟି ଦ୍ୱାରା ଚୟନ କରଯାଇଥିବା ବରୁଆ ଦେବୀଙ୍କ ପୀଠରେ ମୁଣ୍ଡପାତି ଯୋଡ ହସ୍ତରେ ବସନ୍ତି। ଢୋଲ, ନିଶାନ, ତାଶା, ମହୁରୀ, ଟିମଟିମି ଓ ଲୋକଙ୍କ ହୁଳହୁଳି ହରିବୋଲର ତାଳେତାଳେ ଏକାଗ୍ର ଚିତ୍‌ରେ ଦେବୀଙ୍କ ପୂଜାର୍ଚ୍ଚନା ପରେ ମାଁ ବିରାଜମାନ କରନ୍ତି ବରୁଆଙ୍କ ଶରୀରରେ। ପୂଜାରୀଙ୍କ ଦ୍ୱାରା ମାଁଙ୍କ ସିନ୍ଦୁର, ଫୁଲ, ଅରୁଆ ଚାଉଳ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ବରୁଆଙ୍କ କପାଳରେ ଟିକା ଦେଇ ମନ୍ତ୍ରତନ୍ତ୍ର ଉଚ୍ଚାରଣ ପରେ ବରୁଆଙ୍କ ଶରୀରରେ ଦେବୀ ସବାର ହେବା ପରଠାରୁ ଆରମ୍ଭ ହୁଏ ବଏଲ ଯାତ୍ରା। ମନସ୍କାମନା ପୂର୍ଣ୍ଣ ପାଇଁ ଦେବୀଙ୍କ ଆଗରେ ପୟରନ ପଡ଼ି ଭକ୍ତମାନେ ତାଙ୍କର ଭକ୍ତି ଜଣାଇବା ସହ ବୋଦାବଳି ଦେଇ ରକ୍ତପାନ କରିଥାନ୍ତି। ସପ୍ତମୀ ଠାରୁ ପୂଜା ଆରମ୍ଭ ହୋଇ ଘିଅ ଓ ଡୁରି ତେଲରେ ଦୁଇଟି ଦମ୍ପ୍ରୋ(ଦୀପ) ଜଳାଯାଏ। ଏହାସହିତ ମାନସିକ କରିଥିବା ଓ ମନୋସ୍କାମନା ପୂର୍ଣ୍ଣ ପାଇଁ ଅନେକେ ମାଁଙ୍କ ଆଗରେ ଦମ୍ପ୍ରୋ ଜଳାଇଥାନ୍ତି। ଯାହାକି ଦଶମୀ ଦିନ ପୂର୍ଣ୍ଣାହୁତୀ ପର୍ଯ୍ୟନ୍ତ ଅନବରତ ଜଳିଥାଏ। ସେବାୟତମାନେ ଦମ୍ପ୍ରୋ ଯେପରି ନଲିଭିବ ତାହାର ଯତ୍ନ ନେଇଥାନ୍ତି। ଦଶମୀଦିନ ପୂର୍ଣ୍ଣାହୁତି ବେଳେ ଦମ୍ପ୍ରୋ ଲିଭାଇବା ସହ ବୋଦାବଳୀ ଦିଆଯାଏ। ଅମାବାସ୍ୟା ଦିନଠାରୁ କର୍ତ୍ତା, ବରୁଆ, ପୁରୋହିତ ଏବଂ ସେବାୟତମାନେ ହବିଷରେ ରହିଥାନ୍ତି। ଦଶମୀ ଦିନ ପୂର୍ଣ୍ଣାହୁତି ପରେ ସନ୍ଧ୍ୟାରେ ପୁଣି ବରଣ କରାଯାଇ ଦେବୀଙ୍କୁ ଉଠାଯାଏ। ବରୁଆ ଉପରେ ଦେବୀ ସବାର ଥାଇ ଗାଁ ପରିକ୍ରମା ଆରମ୍ଭ ହୋଇଥାଏ। ଶାନ୍ତିଶୃଙ୍ଖଳା ସହ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଦୀପାଳି ଦାସ୍, ପୂର୍ବତନ ବାଚସ୍ପତିଙ୍କ ପୁଅ ପୁରୁଷୋତ୍ତମ ମହାନ୍ତି ପ୍ରମୁଖ ଦେବୀଙ୍କ ଦର୍ଶନ କରିଥିବା ବେଳେ ବଏଲଯାତ୍ରା ପାଇଁ ପଡୋଶୀ ଜିଲ୍ଲା ଓ ଜିଲ୍ଲା ବାହାରର ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। କମିଟି ଆଉ ସେବାୟତ ପରିବାର ପକ୍ଷରୁ ବଏଲ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଦୁଲଦୁଲି ବାଦ୍ୟ ସାଙ୍ଗକୁ ଘଣ୍ଟ, ନିଶାନ ଦଳ ସମେତ ସାଂସ୍କୃତିକ ଦଳଗୁଡିକ ପ୍ରସ୍ତୁତ ହୋଇଥିଲେ। ଯାତ୍ରାକୁ ଦୃଷ୍ଟିରେ ରଖି କୋଲାବିରା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଚଳିତ ବର୍ଷ ଜନଗହଳି ସାଙ୍ଗକୁ ପୂର୍ବ ବର୍ଷଠାରୁ ଅଧିକ ବଳି ପଡ଼ିଥିଲା।

## କିର୍ମିରା ଏକଲବ୍ୟ ବିଦ୍ୟାଳୟରେ ଆଭାସୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ଓ କେନ୍ଦ୍ରମନ୍ତ୍ରୀଙ୍କ ସ୍କିଲ ଲ୍ୟାବ ଉଦ୍‌ଘାଟନ

**ଝାରସୁଗୁଡ଼ା/କିର୍ମିରା, ୪।୧୦(ସମିସ):** ଶନିବାର ସକାଳେ ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ପ୍ରିନ୍ସପାଲଙ୍କ ଦ୍ୱାରା ଏକ ଆଭାସୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ସମ୍ମାନୀୟ ଅତିଥି ଜିଲ୍ଲାପାଳ କୁନାଲ ଚହ୍ୱାଣଙ୍କ ସମେତ ବହୁ ମାନ୍ୟଗଣ୍ୟ ଯୋଗ ଦେଇଥିଲେ। ଜୁମ ସାହାଯ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରୁ ଛାତ୍ରଛାତ୍ରୀଙ୍କ ଦକ୍ଷତା ତଥା ଜନସାଧାରଣଙ୍କ ପାଇଁ ଦେଶର ପ୍ରଗତିପଥେ ଉଦବୋଧନ ଦେଇଥିଲେ।

### କନଭେସନ ଅନ୍ ଜିଏସଟି ରିଫର୍ମ ୨୦୨୫

## ଜିଏସ୍‌ଟି ସଂସ୍କାର ୨.୦ ଦ୍ୱାରା ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି: ଧର୍ମେନ୍ଦ୍ର ପ୍ରଧାନ

**ଝାରସୁଗୁଡ଼ା, ୪।୧୦(ସମିସ):** ଝାରସୁଗୁଡ଼ା ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ ଜିଏସଟି ସଂସ୍କାର ସମ୍ପର୍କିତ 'କନଭେସନ ଅନ୍ ଜିଏସଟି ରିଫର୍ମ ୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଏସଟି ସଂସ୍କାର ୨.୦ ଦ୍ୱାରା 'ସହଜ ଜୀବନଯାପନ' ଓ ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଜିଏସଟି ସଂସ୍କାର ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମାର୍ଗ ପ୍ରଶସ୍ତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି। ୨୦୧୩-୧୪ ପରେ ଦେଶର ରପ୍ତାନୀ ପରିମାଣ ୭୭%





ବଢ଼ି ୮୨୪.୯ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଭାରତର ଆର୍ଥିକ ଅଭିବୃଦ୍ଧି ୬.୩% ରୁ ୬.୮% ହୋଇଛି। ଦେଶରେ ନିବେଶକଙ୍କ ସଂଖ୍ୟା ୧୩.୨ କୋଟି ହୋଇଛି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ଠାରୁ ଦୁଇ ଗୁଣା ବୃଦ୍ଧି ପାଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ତିନିଗୁଣା ବଢ଼ି ୩୩୧.୦୩ କୋଟି ହୋଇଛି। ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି। ୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢ଼ି ୨୨ ଲକ୍ଷ କୋଟି ହୋଇଛି। ଜିଏସଟି ସଂସ୍କାର ୨.୦ ଦ୍ୱାରା ଲୋକଙ୍କ ସଞ୍ଚୟ ବଢୁଛି। ଏହି ଜିଏସଟି ପ୍ରକ୍ରିୟାରେ ସଂସ୍କାର ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବିଶେଷ ଭାବେ ଦୈନନ୍ଦିନ ବ୍ୟବହୃତ ଜିନିଷରେ ଜିଏସଟି କମିବା ଦ୍ୱାରା ସାଧାରଣ ଲୋକମାନେ ଲାଭବାନ ହେବେ। ଏହାବ୍ୟତୀତ ଝାରସୁଗୁଡ଼ାରେ ବ୍ୟବସାୟ କ୍ଷେତ୍ରରେ ଥିବା ସମ୍ଭାବନା ଉପରେ ଚର୍ଚ୍ଚା କରିବା ସହ ଶିଶୁମାନଙ୍କ ପୋଷଣକୁ ଠିକ୍ କରିବା ପାଇଁ ଆଗେଇ ଆସିବା ପାଇଁ ଝାରସୁଗୁଡ଼ା ଚାମ୍ବର୍ସ ଅଫ କମର୍ସର ସଦସ୍ୟମାନଙ୍କୁ ସେ ଆହ୍ୱାନ ଦେଇଥିଲେ।

## ବାପାକୁ ହତ୍ୟା କରି ପୁଅ ଗିରଫ

**ଝାରସୁଗୁଡ଼ା, ୪।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଧୀନ ବାରତାପ ଗାଁରେ ବାପାକୁ ପୁଅ ହତ୍ୟା କରିବା ସୂଚନା ରହିଛି। ମୃତକଙ୍କ ନାମ ବିମ୍ବାଧର ପଟ୍ଟା ବୋଲି ଜଣାପଡ଼ିଛି। ଗତ ୩୦ ତାରିଖ ସାମାନ୍ୟ କଳହରେ ଉତ୍ତ୍ୟକ୍ତ ହୋଇ ପୁଅ ବିଦ୍ୟାଧର ପଟ୍ଟା (୨୯) ଡାଇନିଙ୍ଗ ଟେବୁଲର ଏକ ଗୋଡ଼ରେ ବାପା ବିମ୍ବାଧରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଆକ୍ରମଣରେ ଘଟଣାସ୍ଥଳରେ ବିମ୍ବାଧରଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ବାପାଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ମୂଳ ଗାଁ ଦେବଗଡ଼ ଜିଲ୍ଲାର ଚିଲାଣ୍ଟିଖୋଲକୁ ନେଇ ପୋତି ଦେଇଥିଲା। ବିମ୍ବାଧରଙ୍କ ମୃତ୍ୟୁ ସିଡ଼ିରୁ ପଡ଼ିଯିବାରୁ ହୋଇଥିବା ପୁଅ ବିଦ୍ୟାଧର ସମସ୍ତଙ୍କୁ କହିଥିଲା। ହେଲେ ଏନେଇ ବିଦ୍ୟାଧରଙ୍କ ବଡ଼ ଭଉଣୀଙ୍କୁ ସନ୍ଦେହ ହେବାରୁ ସେ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ପୁଅ ବିଦ୍ୟାଧରକୁ ଗିରଫ କରି କୋର୍ଟଚାଲାଣ କରିଛି। ଏବଂ ହତ୍ୟାରେ ବ୍ୟବହୃତ ଡାଇନିଂ ଟେବୁଲର ଗୋଡ଼କୁ ମଧ ଜବତ କରିଛି। ଏହାସହ ମୃତ ବିମ୍ବାଧରଙ୍କ ପୋତାଯାଇଥିବା ଶବ ବାହାର କରି ବ୍ୟବଚ୍ଛେଦ ପରେ ପୁଣି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ପୁଲିସ।

## ନିର୍ଦ୍ଦେଶକ ଝସକେତନ ସାହୁଙ୍କୁ ଭଗବତୀ ପ୍ରତିଭା ସମ୍ମାନ

**ଝାରସୁଗୁଡ଼ା, ୪।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଅଢ଼ାପଡ଼ା ଗାଁରେ ସାର୍ବଜନୀନ ଦୁର୍ଗାପୂଜା ପ୍ରତିବର୍ଷ ପରି ଏଥର ମଧ ଧୁମଧାମରେ ପାଳିତ ହୋଇଯାଇଛି। ଅଢ଼ାପଡ଼ା ଦୁର୍ଗାପୂଜା ୭୯ ତମ ବର୍ଷରେ ପଦାର୍ପଣ କରିଥିବା ସଭାପତି ସୂଚନା ଦେଇଥିଲେ। ଏ ବର୍ଷ ମଧ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଯେପରି କି ଉନ୍ନତ କୃଷକ, ନାଟ୍ୟକାର, କବି, କଳାକାର, ସମାଜ ସେବୀ, ଓ ଗୁରୁ ମାନଙ୍କୁ ଭଗବତୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥାଏ। ଏ ବର୍ଷ ମଧ ଚାରି ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେ ମାନଙ୍କ ମଧ୍ୟରୁ ନାଟ୍ୟ ନିର୍ଦ୍ଦେଶକ ଗୁରୁ ଝସକେତନ ସାହୁ ମଧ ସମ୍ମାନିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଲଖନପୁର ଖୋଲା ମୁହଁ କୋଇଲା ଖଣିର ମହା ପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ ଯୋଗ ଦେଇଥିବା ବେଳେ କୁସରାଲୋଇ ପଞ୍ଚାୟତର ସରପଞ୍ଚ ରଘୁ ମଣି ପ୍ରଧାନ, ଦୁର୍ଗା ପୂଜା କମିଟିର ସଭାପତି ସେନାପତି ପ୍ରଧାନ ପ୍ରତିଭା ମାନଙ୍କୁ ଉପଢୌକନ୍ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସନ୍ତୋଷ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଦୁଇଟି ନାଟକ 'ରାମ ବନବାସ କାହାଣୀ ଶେଷ' ଓ 'ଏ ଆଖି କାନ୍ଦୁଛି ତୋରି ପାଇଁ' ମଞ୍ଚସ୍ଥ ହୋଇଥିଲା।



## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦିନଟିଏ

**ଝାରସୁଗୁଡ଼ା, ୪।୧୦(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡା ପକ୍ଷରୁ ଆନ୍ତର୍ଜାତୀୟ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦିବସ ଜିଲ୍ଲା ଓ ଦୌରାଜଜଙ୍କ ତଥା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସୁଳଧିଆ ପଡ଼ା ସ୍ଥିତ ଶ୍ରୀ ସାଇ ଡିଗ୍ନିଟି ହୋମ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ତେବାସୀ ମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଦେୱାନୀ ଜଜ୍ ମୋନାଲିସା ପ୍ରଧାନ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ୱାର୍ଡ ନଂ ୭ର କାଉନସିଲର ସୁଷମା ବରାଡ ଯୋଗ ଦେଇଥିଲେ।

## ବିପିଏମ୍ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଇଁ ଅଞ୍ଚଳବାସୀଙ୍କ ସହ ରାଜସ୍ୱ ମନ୍ତ୍ରୀଙ୍କ ଆଲୋଚନା



**ଝାରସୁଗୁଡ଼ା, ୪।୧୦(ସମିସ):** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଝାରସୁଗୁଡ଼ା ଜିଲ୍ଲା ଭଅଁରଖୋଲ ବିପିଏମ ହାଇସ୍କୁଲ ଗସ୍ତ କରିଛନ୍ତି। ଏହି ଅବସରରେ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଭଅଁରଖୋଲରେ ପୂର୍ବତନ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଡିସେମ୍ବର ୨୦ ଏବଂ ୨୧ ତାରିଖ ଦିନ ବିପିଏମ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ। ଏହାକୁ ଭବ୍ୟ ରୂପେ ପାଳିବା ପାଇଁ ସମସ୍ତ ବିଷୟରେ ଆଲୋଚନା କରାଯାଇଛି। ଶିକ୍ଷାର ବିକାଶ ପାଇଁ ବିପିଏମ ହାଇସ୍କୁଲକୁ ଆବଶ୍ୟକ ସମସ୍ତ ସୁବିଧା ସରକାର ଯୋଗାଇ ଦେବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାସହ ବିଦ୍ୟାଳୟକୁ ଆବଶ୍ୟକ ଜମି, ଖେଳ ପଡ଼ିଆ, ପୂର୍ବତନ ଛାତ୍ରଛାତ୍ରୀଙ୍କ ପାଇଁ ଏକ କୋଠରୀ, ବିଦ୍ୟାଳୟର ପାଚେରୀ, ଶିକ୍ଷକ ଅଭାବ ଦୂରୀକରଣ, ସ୍ମାର୍ଟ କ୍ଲାସରୁମର ମରାମତି ଆଦି ବିଷୟରେ ମଧ ଅଞ୍ଚଳବାସୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ସମସ୍ୟା ଦୂର କରିବା ସହ ଆବଶ୍ୟକ ଭିତ୍ତିଭୂମିର ନିର୍ମାଣ ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ବ୍ରଜରାଜନଗର ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ



**ଝାରସୁଗୁଡା, ୪।୧୦(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବ୍ରଜରାଜନଗର ବିଜେଡି ସଭାପତି ତପନରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଗାନ୍ଧୀଛକ ଠାରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ବିଜେଡିର ସମସ୍ତ ବରିଷ୍ଠ, ମହିଳା ଯୁବ ଛାତ୍ର ନେତୃବୃନ୍ଦ ମାଲ୍ୟାର୍ପଣ କରି ଦଳର ଜନସମ୍ପର୍କ ପଦଯାତ୍ରା ଅଭିଯାନର ସଙ୍କଳ୍ପ କାର୍ଯ୍ୟକ୍ରମରେ ସଙ୍କଳ୍ପ ନେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା କୁଳମଣି ଦାସ, ଗୋବିନ୍ଦ ସାହୁ, ନୃପ ତାଣ୍ଡି, ଚିନ୍ତାମଣି ଦାସ, ଅବତାର ସିଂ, ରାମନାରାୟଣ ରାଏ, ସୁରଜ୍ କଣ୍ଟା, ଶଙ୍କର ତାଣ୍ଡି, ଆଲୋକ ପଟନାୟକ, ବଳରାମ ପାତ୍ର, ଜୟରାମ ବଗାର, ଗିରିଧାରୀ ଗରୁଡ, ଆକାଶ ବଢ଼ାଇ, ସୁନିଲ ଭୋଇ, ଶରତ ତନ୍ତୀ, ଅନନ୍ତ କୁମ୍ଭାର, ଶୁରୁ ସେନାପତି, ବିକ୍ରମ ଦାସ, ବାବୁଲା ମିଶ୍ର, ଜିତେନ୍ଦ୍ରରାଏ ଘାଡୁ, ଲଳିତ ଗିଦିଲି, ନଳିନୀ ପ୍ରଧାନ, କୁମୁଦିନୀ ଗରୁଡ, ସୁଷମା ସିଂହ, ବିନି ଦାସ, ଖିରୋଦିନି ସେନାପତି, ରୁକ୍ମିଣୀ ସୁନା, ଭୂମିଶୁତା ତନ୍ତୀ, ପ୍ରମୁଖଙ୍କ ସମେତ ବିଜେଡିର ଅନେକ ନେତା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ଘର ବାହୁଡ଼ା ଉତ୍ସବରେ ଅନ୍ତେବାସୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା, ୪।୧୦(ସମିସ)**

ଜିଲ୍ଲା ପ୍ରଶାସନ, ଜିଲ୍ଲା ଖଣିଜ ପାଣ୍ଠି ଓ ପିପୁଲ୍ସ ଫୋରମ୍ ଦ୍ୱାରା ପରିଚାଳିତ ହଂ.କଟାପାଲି, ସ୍ଥିତ ୨ନମ୍ବର ମିଶନ ଆଶ୍ରାରେ ଘର ବାହୁଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଗତ ୬ମାସ ତଳେ ପ୍ରିୟଙ୍କା ବାଇଗା ନାମକ ଜଣେ ମାନସିକ ବିକାର ଗ୍ରସ୍ତ ମହିଳାଙ୍କୁ ମିଶନ ଆଶ୍ରାର କର୍ମଚାରୀ ମାନେ ଉଦ୍ଧାର କରି ହଂ.କଟାପାଲି ସ୍ଥିତ ମିଶନ ଆଶ୍ରା -୨ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାପରେ ସେବା ଯତ୍ନ, କାଉନସେଲିଂ ଓ ନିୟମିତ ଔଷଧ ସେବନ ଦ୍ୱାରା ମହିଳାଙ୍କ ମାନସିକ ସ୍ଥିତିର ସୁଧାର ଆସିଥିଲା। ସେ ନିଜ ଘରର ଠିକଣା ମଧ ପ୍ରଦେଶର, ଜିଲ୍ଲା




ଉମାରିଆ, ସଲାଇଆ ଗାଁର ବୋଲି କହିଥିଲେ ଏବଂ ସିଏ ତାଙ୍କର ଭାଇଙ୍କର ଫୋନ୍ ନମ୍ବର ମଧ ଜଣାଇଥିଲେ। ମହିଳାଙ୍କ ପରିଚୟ ଜାଣିବା ପରେ କେନ୍ଦ୍ରର କର୍ମଚାରୀ ମାନେ ତାଙ୍କର ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲେ। ଏହାପରେ ତାଙ୍କର ସାନଭାଇ ଝାରସୁଗୁଡ଼ାରେ ପହଞ୍ଚି ଏତେ ମାସ ପରେ ତାଙ୍କୁ ଦେଖି ଖୁସିରେ ଆସ ବିଭୋର ହୋଇ ଯାଇଥିଲେ। ଗତ ୨୦୨୨ ମସିହାରୁ ମହିଳାଙ୍କ ମାନସିକ ସ୍ଥିତିରେ ଅସନ୍ତୁଳନ ଦେଖା ଦେଇଥିଲା। ସେ ୨୦୨୪ ମସିହାରୁ ଘରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଏହି ଘର ବାହୁଡା କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାୟକ, ପିପୁଲସ୍ ଫୋରମ୍ ମିଶନ ଆଶ୍ରା-୨ର କେନ୍ଦ୍ର ମୁଖ୍ୟା କିରନ୍ ଗୁପ୍ତା ଓ ଅନ୍ୟ କର୍ମଚାରୀ ମାନେ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ରାଧାକୃଷ୍ଣଙ୍କର ଫଟୋ ଚିତ୍ର ଜିଲ୍ଲା ସୁରକ୍ଷା ଅଧିକାରୀ ମହିଳାଙ୍କୁ ଅର୍ପଣ କରିଥିଲା।

# କଳାହାଣ୍ଡିରେ ବର୍ଷା ତାଣ୍ଡବ

## ଘାଟିରୁ ଖସିଲା ପଥର, ଯାତାୟାତ ବାଧାପ୍ରାପ୍ତ



**ମ.ରାମପୁର, ୪।୧୦(ସମିସ):** ଗତ ଦୁଇଦିନର ଲଗାଣ ବର୍ଷାରେ କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ଦେଢଶୁଲି ପଞ୍ଚାୟତର ଜାମୁଲିରୁ ମୋହନଗିରୀ ଗାଁକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ କୁଡିସୁରୁ ଘାଟିରୁ ଖସିଲା ପଥର।ଯାହାଫଳରେ ଲୋକମାନଙ୍କ ଯାତାୟତ ବାଧାପ୍ରାପ୍ତ ହୋଇଛି। ଜାମୁଲି ଠାରୁ ମୋହନଗିରି ରାସ୍ତା ବନ୍ଦ ହୋଇଛି। ଏହି ଗାଁର ପ୍ରାୟ ୩୦୦୦ ଲୋକ ମୋହନଗିରି ଉପରେ ନିର୍ଭର କରୁଥିବା ବେଳେ ମ.ରାମପୁର ବ୍ଲକ ମୁଖ୍ୟାଳୟ। ହେଲେ ପଥର ରାସ୍ତା ଉପରେ ପଡ଼ିଛି। ଫଳରେ ଲୋକମାନଙ୍କ ଯିବା ଆସିବାରେ ବାଧା ଉପୁଜିଛି। ପ୍ରଥମେ ମୋହନଗିରିକୁ ଆସିବା ପରେ ବିଭିନ୍ନ ସରକାରୀ, ରୋଗୀକୁ ମେଡିକାଲ ଚିକିତ୍ସା ପାଇଁ ଏମ ରାମପୁର ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତେଣୁ ତୁରନ୍ତ ପଥର ରାସ୍ତାରୁ ହଟେଇବାକୁ ପ୍ରଶାସନକୁ ଜଣେଇଛନ୍ତି।

## ଚାଲିଗଲା ଦୁଇଜଣଙ୍କ ଜୀବନ: ବାସହରା ଅନେକ ପରିବାର

**ଭବାନୀପାଟଣା, ୪।୧୦(ସମିସ)**

ଗତ ଏକ ତାରିଖ ରାତିରୁ ଦୁଇ ତାରିଖ ଉତ୍ସବ ମୁଖର ପବିତ୍ର ଦଶହରାରେ ଦିନତମାମ ଲଘୁଚାପଜନିତ ଲଗାଣ ବର୍ଷା କଳାହାଣ୍ଡିରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଲଘୁଚାପ ବର୍ଷାର ତାଣ୍ଡବ ବିଶେଷଭାବେ ଥୁଆମୂଳ ରାମପୁର ଓ ଏମ.ରାମପୁର ସମେତ ଜୁନାଗଡ଼ ଓ ଲାଞ୍ଜିଗଡ଼ ବ୍ଲକରେ ଅନୁଭୂତ ହୋଇଛି। ଏପରିକି ମୁଷଳ ଧାରାରେ ବର୍ଷାଯୋଗୁଁ ନାଳରେ ଭାସିଯାଇ ଦୁଇଜଣଙ୍କ ଜୀବନ ଚାଲିଯାଇଛି। ଏଭଳି ଜୀବନ ମୃତ୍ୟୁର ସନ୍ଧିକ୍ଷଣରେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା





ଯୋଗାଇବା ଅପରିହାର୍ଯ୍ୟ। କେଉଁଠି ପାହାଡ଼ ଧସି ରାସ୍ତା ଅବରୋଧ ହୋଇଛି ତା ଅନ୍ୟ କେଉଁଠି ଘର ଭାଙ୍ଗି ଅନେକ ପରିବାରଙ୍କୁ ବାସହରା କରିଦେଇଛି। ଚାଷ ଜମି ମାଟି କାଦୁଅରେ ଭର୍ତ୍ତି ହୋଇଥିବାବେଳେ ପର୍ଯ୍ୟଟନସ୍ଥଳୀ ଫୁର୍ଲି ଝରଣରେ ବୋହୁଥିବା ଝରଣା ଜଳ ଭୟଙ୍କର ରୁପ ନେଇଛି। ଲଗାଣ ବର୍ଷାରେ ଗରିବ ଓ ଦୁର୍ବଳଶ୍ରେଣୀର ଲୋକେ ବେଶୀ ହନ୍ତସନ୍ତ ହୋଇଛନ୍ତି। ଲାଞ୍ଜିଗଡ଼, ଜୁନାଗଡ଼, ଏମ ରାମପୁର ଓ ଥୁଆମୂଳରାମପୁର ବ୍ଲକର ୬୨ ପଞ୍ଚାୟତର ୧୪୮ଟି ଗାଁ ଏବଂ ଜୁନାଗଡ଼ ଏନ୍ଏସି ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଥିବା ସରକାରୀ ରିପୋର୍ଟ ଦର୍ଶାଉଛି।ପ୍ରଶାସନ ପକ୍ଷରୁ ୩ଟି ଆଶ୍ରୟ ସ୍ଥଳୀରେ ୪୫୧ଜଣଙ୍କ ଥଇଥାନ ବ୍ୟବସ୍ଥା ଠାରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଦଶହରା ଦିନ ଥୁଆମୂଳ ରାମପୁରରେ ୩୫୨ମିମି ବର୍ଷାହୋଇ ରେକର୍ଡ ସୃଷ୍ଟି କରିଥିବା ବେଳେ ଲାଞ୍ଜିଗଡ଼ରେ ୧୧୦, ଏମ ରାମପୁରରେ ୧୦୯, ଜୁନାଗଡ଼ରେ୨୧୦, ନର୍ଲାରେ ୧୦୬, କଳମପୁର ବ୍ଲକ ରେ ୧୦୮ ଏବଂ ଗୋଲାମୁଣ୍ଡା ବ୍ଲକରେ ୮୧ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

## ଧୋଇ ହୋଇଗଲା ରାସ୍ତା

**ଧର୍ମଗଡ଼, ୪।୧୦(ସମିସ):** ଗତ ଦୁଇ ଦିନ ଧରି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେଉ ଥିବାରୁ ବ୍ଲକର ଅନେକ କ୍ଷୟକ୍ଷତି ହୋଇଛି, ବିଶେଷ କରି ବ୍ଲକ ଓ ଗ୍ରାମପଞ୍ଚାୟତ ଅଧିନ ରେ ଥିବା ମୁରୁମ



ମେଟାଲ ଗାର୍ଡୱାଲ ରାସ୍ତା ଧୋଇ ହୋଇଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଥିଲା। ଲଘୁଚାପର ପ୍ରଭାବରେ ଗତକାଲି ତାରିଖ ଗୋଲାମୁଣ୍ଡା ବ୍ଲକରେ ୮୧ ମିମି ବର୍ଷ ରେକର୍ଡ କରାଯାଇଛି। ଆଜି ସକାଳୁ ମଧ୍ୟ ବର୍ଷା ଲାଗି ରହିଛି। ଏହାର ପ୍ରଭାବରେ ବ୍ଲକର ୨୮ଟିପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ବିଶେଷ କରି ମାନଝରି, ଉଦେଶୃଙ୍ଗ, ବଡଚେରଗାଁ, ଚହକା, ରେଙ୍ଗସାପାଲି, କୁହୁରା, ବୋର୍ଡି, ମହାଲିଙ୍ଗ, ଲେତେର ପଞ୍ଚାତର ଅନେକ ଗ୍ରାମ୍ୟ ରାସ୍ତା ଧୋଇଯାଇଥିବା ଦେଖିବାକୁ ମିଳିଛି। ରେଙ୍ଗସାପାଲିକୁ ସଂଯୋଗ କରୁଥିବା ରସ୍ତାର ଏକ ପାର୍ଶ୍ୱ ପାଣି ଧୋଇ ଦେଇଥିବାରୁ ଉକ୍ତ ରାସ୍ତା ଦେଇ ବଡ ବଡ ଗାଡି ଯିବା ଆସିବା ବନ୍ଦ ହୋଇଯାଇଛି। ଗ୍ରାମ୍ୟ ରସ୍ତା ସାଙ୍ଗକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ ରାସ୍ତା ମଧ୍ୟ ଲଘୁଚାପ ବର୍ଷାରେ ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ବ୍ଲକର ଅନେକ ଚାଷୀଙ୍କ ପନିପରିବା କପା ଧାନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ତେଲ ନଦୀ ଓ ଉଦନ୍ତି ନଦୀରେ ଚଳିତ ବର୍ଷ ସର୍ବାଧିକ ଜଳ ପ୍ରବାହିତ ହୋଇ ତଳିଆ ଚାଷ ଜମିମାନଙ୍କରେ ବଢ଼ିପାଣି ପଶିଥିବା ଦେଖିବାକୁ ମିଳିଛି। ବନ୍ୟା ଜଳ ଯୋଗୁଁ ଲେତେର, ଚପ୍ରିଆ, କେଗାଁ, ସିନାପାଲି, ବୋର୍ଡି, ବଡଚେରଗାଁ, ଉଛୁଲା ଗ୍ରାମପଞ୍ଚାୟତର ଅନେକ ଚାଷୀଙ୍କ ଚାଷ ଜମିରେ ବାଲିଚର ହୋଇଥିବା ଚଷୀମାନେ ଅଭିଯୋଗ କରିଛନ୍ତି। ଲଗାଣ ବର୍ଷାରେ ଚାଷ ଜମି, ପନିପରିବା ଚାଷ ତଥା ଅନେକ ରାସ୍ତାଘାଟ କ୍ଷୟକ୍ଷତି ହୋଇଥିବାରୁ ସରକାର ଏଦିଗରେ ଯତ୍ନବାନ ହୋଇ ଯଥା ଶିଘ୍ର ଚାଷୀଙ୍କ କ୍ଷତିପୁରଣ ସାଙ୍ଗକୁ କ୍ଷତିଗ୍ରସ୍ତ ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବୀ ହେଉଛି।

## ଭାଙ୍ଗିଲା ପୋଲ

**ଗୋଲାମୁଣ୍ଡା, ୪।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ରେଙ୍ଗାସାପାଲି ଗ୍ରାମ ବସ୍ଷ୍ଟପ ଛକ ଠାରୁ ସଂକ୍ରୀପାଲି ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହୋଇଥିବା ପୋଲ ଲଘୁଚାପ ଜନିତ ଲଗାଣ ବର୍ଷାରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏନେଇ ଜନସାଧାରଣଙ୍କ ଯାତାୟାତ ଠପ୍ ହୋଇଯାଇଛି। ଉକ୍ତ ରାସ୍ତା ଉପରେ ସଂକ୍ରିପାଲି, ବୋଦେଲପାଲି, ପିତାଗୁଡ଼ା, ଲୋକେ ନିର୍ଭର କରନ୍ତି। ଏପଟେ ଏହି ରାସ୍ତା ଲତାବାଞ୍ଜି ଦେଇ ବଡଚେରଗାଁକୁ ମଧ୍ୟ ସଂଯୋଗ ହୋଇଛି। ପୋଲଟି ଭାଙ୍ଗିବା ଫଳରେ ଗ୍ରାମ ଗୁଡିକ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦନ୍ତ କରି ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



## ସ୍କୁଲ ପାଚେରି ପଡ଼ି ଘର ଭାଙ୍ଗିଲା

**ଧର୍ମଗଡ଼, ୪।୧୦ (ସମିସ):** ଲଘୁଚାପ ଜନିତ ବର୍ଷାରେ ବିଦ୍ୟାଳୟର ବାଡ଼ ଭାଙ୍ଗି ଘର ଉପରେ ଚାପି ହୋଇ ଯାଇଥିବା ଭଳି ଅଭାବନୀୟ ଘଟଣା ଧର୍ମଗଡ଼ ବ୍ଲକ ଡୁମେରଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଡୁମେରଗୁଡା ଗ୍ରାମର ଶଶି ଭୂଷଣ ଗହୀର ଏକ ଭଙ୍ଗା ଦଦରା କୁଡ଼ିଆ କରି ପରିବାର ସହ ରହି ଆସୁଥିଲେ। ତାଙ୍କ ଘର ଦେଇ ବିଦ୍ୟାଳୟ ବାଡ଼ ଲାଗି ରହିଥିଲା। ହେଲେ ଘର ଠାରୁ ବାଡ଼ ଢେର ଉଚ୍ଚତା ରେ ରହିଥିବା ବେଳେ କାଳେ ଭୁଶୁଡି ପଡ଼ି ଘର ଭାଙ୍ଗି ଯିବା ବହୁ ପୂର୍ବରୁ ଆଶଙ୍କା କରି ଆସୁଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ସରପଞ୍ଚ ମେମ୍ବରଙ୍କୁ ଜଣାଇ ଥିଲେ। କେହି ତାଙ୍କ କଥା କୁ ଗୁରୁତ୍ୱ ଦେଇ ନ ଥିଲେ। ଶେଷରେ ତାଙ୍କ ଆଶଙ୍କା ସତରେ ପରିଣତ ହୋଇଛି। ଲଗାଣ ବର୍ଷା ଯୋଗୁଁ ସେହି ବାଡ଼ ଭାଙ୍ଗି ତାଙ୍କ ଛୋଟିଆ କୁଡ଼ିଆ କୁ ଚାପି ଦେଇଥିଲା। ଅଳ୍ପକେ ବର୍ତ୍ତି ଯାଇଥିଲେ ପରିବାର। ବର୍ତ୍ତମାନ ସର୍ବ ହରା ହୋଇ ନାହିଁ ନ ଥିବା ଅସୁବିଧାରେ ପରିବାର ରହୁଥିବା ଜଣାପଡ଼ିଛି। ଘର ଚୁରମାର ହୋଇଥିବା ବେଳେ ସଜାଡିବାକୁ ଅର୍ଥ ସାଜିଛି ବାଧକ। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଯୁଦ୍ଧ କାଳୀନ ସ୍ଥିତିରେ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ ବିଧିବ୍ୟବସ୍ଥା ଉପରେ ସହାୟତା କରାଯିବ ବୋଲି ପ୍ରକାଶ କରିଛନ୍ତି।



## ଭୁଶୁଡ଼ିଲା ଘର ଭାଙ୍ଗିଲା ଗଛ ଅନେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ

**କେସିଙ୍ଗା, ୪।୧୦(ସମିସ):** କଳାହାଣ୍ଡି ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଥିବା ବେଳେ ଜିଲ୍ଲାର କେସିଙ୍ଗା ବ୍ଲକରେ ବର୍ଷାର ପରିମାଣ ବୃଦ୍ଧି ପାଇଛି। କେସିଙ୍ଗା ପାଣିପାଗ ବିଭାଗର ରେକର୍ଡ ଅନୁଯାୟୀ ଗତ ସେପ୍ଟେମ୍ବର ମାସ ୨୩ ତାରିଖରୁ ଚଳିତ ଅକ୍ଟୋବର ମାସ ୩ ତାରିଖ ପର୍ଯ୍ୟନ୍ତ କେସିଙ୍ଗାରେ ସମୁଦାୟ ୧୮୧.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ଓ ସେପ୍ଟେମ୍ବର ମାସରେ ସମୁଦାୟ ୨୧୩.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏତେ ବର୍ଷାରେ କେସିଙ୍ଗା ବ୍ଲକ ଏନ୍ଏଚ ୨୬ କୁ ସଂଯୋଗ କରୁଥିବା ଯୋଲକୋରୁ କାଣ୍ଡେଲ ଯିବା ବରଘାଟ ଜୋର ନିକଟରେ ନିର୍ମିତ ବାଇପାସ୍ ରାସ୍ତା ଉପରେ ୩ ଫୁଟ୍ ଉଚ୍ଚତାରେ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସୂଚନା ପାଇ କେସିଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି, ନାଳର ଉଭୟ ପାର୍ଶ୍ୱରେ ବାରିକେଟ ନିର୍ମାଣ ସହିତ ଜେସିବି ମାଧ୍ୟମରେ ପଥର ପକାଇ ରାସ୍ତା ବନ୍ଦ କରିଥିଲେ ଏବଂ ଲୋକଙ୍କୁ ଯିବାଆସିବାକୁ ବାରଣ କରିଥିଲେ। ଏହାସହିତ ବ୍ରିଜ ନିର୍ମାଣ କରୁଥିବା ଠିକା



ସଂସ୍ଥା ଉପରେ ବର୍ଷିଥିଲେ। ସୂଚନା ଅନୁସାରେ ଦୀର୍ଘ ବର୍ଷ ଧରି ବରଘାଟ ବ୍ରିଜ ନିର୍ମାଣ ହେଉଥିବାବେଳେ ଏପର୍ଯ୍ୟନ୍ତ ନିର୍ମାଣ ଅସମ୍ପୂର୍ଣ୍ଣ ରହିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯେନତେନ ପ୍ରକାରେ ବାଇପାସ୍ ରାସ୍ତା ନିର୍ମାଣ କରି ଚୁପ୍ ରହିଥିବା ବେଳେ ଦୁଇ ଦିନ ତଳର ଲଗାଣ ବର୍ଷାରେ ଉଭୟ ପ୍ରଶାସନ ଏବଂ ଅଞ୍ଚଳବାସୀଙ୍କୁ ହଇରାଣ

**୧୦ ଦିନରେ ୧୮୨ ମିଲିମିଟର ବର୍ଷା**

ହେବାକୁ ପଡ଼ିଛି।ଏପଟେ ସୂଚନା ଅନୁଯାୟୀଲଗାଣ ବର୍ଷାରେ କାଣ୍ଡେଲ ଗ୍ରାମର ଅସହାୟ କୈକେୟୀ ମାଝୀଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ, ଅଳ୍ପକେ ବର୍ତ୍ତି ଯାଇଛନ୍ତି ସେ ଏବଂ ତାଙ୍କ ୩ ବର୍ଷର ନାତୁଣୀ। ଖବର ପାଇ କେସିଙ୍ଗା ତହସିଲଦାର ତ୍ୱରାନ୍ୱିତ ଭାବେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଲଇତରା ଆର ଆଇ ମଧ୍ୟ କାଣ୍ଡେଲ ଆସି କୈକେୟୀଙ୍କ ଭଙ୍ଗା ଘରେ ପହଞ୍ଚି, ପଲିଥିନର ବ୍ୟବସ୍ଥା କରିଛନ୍ତି। କାଣ୍ଡେଲ ପଞ୍ଚାୟତ ପିଇଓ ଚିନ୍ମୟୀ ନାୟକ ଏବଂ ସରପଞ୍ଚ ପାର୍ବତୀ ଶର୍ମା ମଧ୍ୟ ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି।ଅନ୍ୟପଟେ କେସିଙ୍ଗା ବ୍ଲକ ପାଷ୍ଟିକୁଡ଼ି ପଞ୍ଚାୟତର ଠେମରା ଗ୍ରାମରେ ମଧ୍ୟ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି ସେଠାରେ ମଧ୍ୟ ଦୁଇଦିନ ତଳେ ହୋଇଥିବା ବର୍ଷାରେ ଚାଷ ବାସ ସହିତ ଅନେକ ଘରଦ୍ୱାର ମଧ୍ୟ ଭାଙ୍ଗି ଯାଇଛି। ବିଦ୍ୟୁତ୍ ପୋଲ ସହିତ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ି ରାସ୍ତା ବନ୍ଦ ହୋଇ ଯାଇଛି। ଖବର ପାଇଁ ସଦର ବିଧାୟକ ସାଗର ଚରଣ ଦାସ ଜିଲ୍ଲା ପ୍ରଶାସନ ଓ ଏସଆରସିକୁ ଯଥା ଶୀଘ୍ର ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ର ଆକଳନ କରି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି।ଅନ୍ୟପଟେ କେସିଙ୍ଗା ତହସିଲଦାର ଓ ବିଡ଼ିଓ ସଙ୍ଗେ ସଙ୍ଗେ ଅଞ୍ଚଳକୁ ଯାଇ ଯଥା ସମ୍ଭବ ସାହାଯ୍ୟର ପ୍ରତିଶ୍ରୁତି ଦେଇଛନ୍ତି।

## ଛତର ଯାତ୍ରାରେ ଚୋର ଆତଙ୍କ; ଯୁବତୀଙ୍କ ସମେତ ୭ ଗିରଫ

**ଭବାନୀପାଟଣା, ୪।୧୦ (ସମିସ):** ପ୍ରସିଦ୍ଧ ଛତର ଯାତ୍ରା ଅବସରରେ ଗତ ବର୍ଷ ଠାରୁ ପ୍ରବଳ ଭିଡର ସୁଯୋଗ ନେଇ ଚୋରମାନେ ମୋବାଇଲ ଚୋରି କରି ଖସି ପଳାଉଥିବା ନଜିର ରହିଛି। ଗତ ଛତରଯାତ୍ରା ସମୟରେ ଶତାଧିକ ମୋବାଇଲ ଲୁଟିଥିଲେ ଚୋରମାନେ। ଏଥର ମଧ୍ୟ ସେହି ସମାନ କଥା। ତେବେ ଭବାନୀପାଟଣା ଟାଉନ ଥାନା ପୁଲିସ ଚୋରି ଅଭିଯୋଗରେ ୭ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଚୋରଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଅଭିଯୁକ୍ତଙ୍କ ଠାରୁ ୩୮ ଟି ମୋବାଇଲ, ୪ ଟି ବାଇକ, ଗୋଟିଏ ସୁନାର ମଙ୍ଗଳସୂତ୍ର, ରୁପା ସାମଗ୍ରୀ ଓ ନଗଦ ୧୨ ହଜାର ୪୯୨ ଟଙ୍କା ପୁଲିସ ଜବତ କରିଛି। ଛତର ଯାତ୍ରାରେ ଅଭିଯୁକ୍ତ ମାନେ ଏହିସବୁ ସାମଗ୍ରୀ ଚୋରି କରିଥିଲେ। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ମହାସମୁଦ୍ର ଅଞ୍ଚଳର ଭୀମଖୋଜ ଗ୍ରାମର ଲକ୍ଷ୍ମୀ ନେତନ(୨୦), କରଣ



ନେତନ(୨୧), ସଚିନ ଧ୍ରୁବ (୨୩), ଉତ୍ତମ ନେତନ(୨୧), ମଧ୍ୟପ୍ରଦେଶ ରାଜ୍ୟ ବାଲିଘାଟର ଚିରଞ୍ଜିବୀ ଯାଦବ (୨୧) ଓ ସୁରଜ ଶଙ୍କର ଯାଦବ (୨୧) ବୋଲି ଜଣାପଡ଼ିଛି। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ମାମଲା ନଂ ୩୯୨/୨୫ରୁଜୁ ହୋଇଛି। ଜିଲ୍ଲା ତଥା ରାଜ୍ୟ ବାହାର ଚୋରମାନେ ସହରରେ ପହଁଛି ଏଭଳି କାଣ୍ଡ ଘଟାଉଥିବା ଦେଖାଯାଇଛି। ପ୍ରାୟ ୩କିମି ରାସ୍ତାରେ ୩୫ଟି ସିସି କ୍ୟାମେରା ଲଗାଯାଇଥିଲା।ପୁଲିସ କୌଶଳକ୍ରମେ ଚୋର ନିକଟରେ ପହଁଛି ଚୋରି ସାମଗ୍ରୀ ଉଦ୍ଧାର କରିଥିଲେ।

### ଟ୍ରକ୍ ଓ ଯାତ୍ରୀବାହୀ ବସ୍ ମୁହାଁମୁହିଁ

## ଟ୍ରକ୍ ଡ୍ରାଇଭର ମୃତ, ୩୦ ଯାତ୍ରୀ ଆହତ

**କୋକସରା, ୪।୧୦(ସମିସ) :** କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲା ସୀମାନ୍ତ ମୈଦଲପୁର ଥାନା ଅଧିନ ଆମପାଣି ଘାଟି ରାସ୍ତାର ଖଡକା ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଟ୍ରକ୍ ଓ ଯାତ୍ରୀବାହୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଯୋଗୁଁ ଘଟଣାସ୍ଥଳରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବାବେଳେ ୩୦ରୁ ଉଠରୁ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯାତ୍ରୀମାନେ ମୈଦଲପୁର ଓ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ଏସବିଏମଏସ ନାମକ ଏକ ଘରୋଇ ବସ କଳାହାଣ୍ଡି ଦେଇ ଜୟପୁର ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ମାଲ୍ ବୋଝେଇ ଟ୍ରକ ସହ ଆମ୍ବପାଣି ଘାଟି ରାସ୍ତାର ଏକ ବୁଲାନି ନିକଟରେ ମୁହାମୁହି ଧକ୍କା ହୋଇଥିଲା। ଦୁର୍ଘଟଣା ଫଳରେ ବସରେ ଥିବା ଯାତ୍ରୀମାନେ ଆହତ ହୋଇଥିବାବେଳେ ଘଟଣାସ୍ଥଳରେ ହିଁ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଘଟଣା ସ୍ଥଳରେ ମୈଦଲପୁର ପୁଲିସ ଓ କଳାହାଣ୍ଡିରୁ ଅଗ୍ନିଶମ ବିଭାଗ ପହଞ୍ଚି ମୃତୁ ଡ୍ରାଇଭରଙ୍କୁ ଉଦ୍ଧାର କରିବାରେ ଲାଗିଛନ୍ତି। ଏହା ସହ ଆହତ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇ ଥିବା କରାଯାଇଛି।

## ସ୍ତ୍ରୀକୁ ଗଳା ଚିପି ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

**ଲାଞ୍ଜିଗଡ଼, ୪।୧୦(ସମସି):** ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ସର୍ଗିଗୁଡା ଗ୍ରାମର ପୁଲସିଙ୍ଗ ମାଝୀ (୫୯) ନିଜ ସ୍ତ୍ରୀ ବୁତ୍ରୀ ମାଝୀ (୫୫)କୁ ସୋମବାର ରାତିରେ ତଣ୍ଟିଚିପି ହତ୍ୟା କରିଥିଲା। ସୂଚନାନୁସାରେ ଫୁଲସିଙ୍ଗ ମାଝୀ ଓ ସ୍ତ୍ରୀ ବୁତ୍ରୀ ମାଝୀ ପରିବାର ସହିତ ସର୍ଗିଗୁଡାରେ ରହୁଥିଲେ। ଫୁଲସିଙ୍ଗର ପାଞ୍ଚଟି ଝିଅ ଦୁଇଟି ପୁଅ ଥିବା ବେଳେ ଚାରିଗୋଟି ଝିଅ ବାହା ହୋଇଯାଇଛନ୍ତି। ଫୁଲସିଙ୍ଗ ସ୍ତ୍ରୀଙ୍କ ସହିତ ନିକଟସ୍ଥ ଜଙ୍ଗଲ ନିକଟରେ ଏକୁଟିଆ ଘର କରି ରହୁଥିଲା। ସୋମବାର ବିଳମ୍ବିତ ରାତିରେ କୌଣସି କାରଣରୁ ପୁଲସିଙ୍ଗ ନିଜ ସ୍ତ୍ରୀ ବୁତ୍ରୀ ମାଝୀକୁ ତଣ୍ଟିଚିପି ହତ୍ୟା କରି ଫେରାର ହୋଇ ଯାଇଥିଲା। ମଙ୍ଗଳବାର ସକାଳେ ଖବରପାଇ କଳାହାଣ୍ଡି ଜିଲ୍ଲା ସିଲେଟ ପଞ୍ଚାୟତ କର୍ଲାପାଟ ଥାନା ଅନ୍ତର୍ଗତ କାରାବାଲି ଗ୍ରାମରୁ ମୃତ ବୁତ୍ରୀର ଭାଇ ବାନାଙ୍ଗ ମାଝୀ ପହଞ୍ଚି ବିଜେପୁର ଥାନାରେଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପରେ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ପୁଲିସ ବଳ ସହିତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼କୁ



ପଠାଇଥିଲେ। ମଙ୍ଗଳବାର ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନଥିବା ବେଳେ ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ବୁଧବାର ପୁଲିସ କୌଣସି ସୂତ୍ରରୁ ଖବର ପାଇ କେନ୍ଦୁପେଟ ଗ୍ରାମରେ ଲୁଚିଥିବା ଅଭିଯୁକ୍ତ ପୁଲସିଙ୍ଗକୁ ଗିରଫ କରି ଥାନାକୁ ନେଇ ପଚରା ଉଚୁରା କରିଥିଲେ। ପଚରା ଉଚୁରା ପରେ ଅଭିଯୁକ୍ତ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ବିଜେପୁର ଥାନା କେଶ ନଂ୨୮/୨୫ ରେ ଅଭିଯୁକ୍ତ ପୁଲସିଙ୍ଗକୁ ବୁଧବାର କୋର୍ଟ ଚାଲାଣ କରିଥିବା ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନି ପ୍ରକାଶ କରିଛନ୍ତି।

## ମାଁ ମାଣିକେଶ୍ୱରୀଙ୍କ ଲାଖମରା ପର୍ବ



**ଭବାନୀପାଟଣା, ୪।୧୦ (ସମିସ)**

କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ଲାଖମରା ପର୍ବ ଗୁରୁବାର ବିଜୟା ଦଶମୀ ଅବସରରେ ସ୍ଥାନୀୟ ନକଟିଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଲାଖମରା ପର୍ବ ମାଧ୍ୟମରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ବିଜୟ ଯାତ୍ରା ବା ରାଜ୍ୟଜୟର ପ୍ରତୀକ ଭାବେ ପର୍ବ ପାଳିତ ହୁଏ। ଏହି ଅବସରରେ ଅପରାହ୍ନରେ ଛତ୍ର ବାହକ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତରକୁ ଧରି ବାହୁକ, ମୁଣ୍ଡଛିନା, ସେବାୟତ ସହ ଜେନାବାଦ୍ୟ, ଘୁମୁରା ଓ ଘଣ୍ଟ ଘଣ୍ଟାର ତାଳେ ତାଳେ ମନ୍ଦିରରୁ ବାହାରି ପଶ୍ଚିମ ଉପକଣ୍ଠରେ ଥିବା ନକଟିଗୁଡା ଲାଖମରା ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଥିବା ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଛତ୍ରକୁ ସ୍ଥାପନ କରାଯିବା ସହ ବିଧି ବିଧାନ ପୂର୍ବକ ପୂଜାର୍ଚ୍ଚନା ଓ ଛାଗଳ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି ରାଜ ପରିବାର ସଦସ୍ୟ ଛତ୍ରକୁ ବନ୍ଦାପନା କରିବା ପରେ ଆରମ୍ଭ ହୋଇଥିଲା ଲାଖମରା ପର୍ବ। ଏକ ସୁଉଚ୍ଚ ଖମ୍ବରେ ବନ୍ଧା ଯାଇଥିବା ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ ପାଇଁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା। ମାଟି ହାଣ୍ଡିରେ ମାଣିକେଶ୍ୱରୀଙ୍କ ପ୍ରସାଦ ଥାଏ। ଚଳିତ ବର୍ଷ ପ୍ରତିଯୋଗିତାରେ ଅନେକ ଯୁବକ ସାମିଲ ହୋଇଥିଲେ।ସେଥିମଧ୍ୟରୁ ଭବାନୀପାଟଣା ରିଜର୍ଭ ପୋଲିସ ଡିଭିଏଫ ପୋଲିସ କର୍ମଚାରୀ ବିଶ୍ୱଜିତ ପାତ୍ର ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ କରି ପାରିଥିଲେ। ପରେ ଛତରକୁ ଛତ୍ର ବହାକ ଜେନା ବାଦ୍ୟ ତାଳେ ତାଳେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ରୀତିନୀତି ଅନୁଯାୟୀ ରାଜ ପରିବାର ସଦସ୍ୟଙ୍କୁ ଅଭିଷିକ୍ତ ବ୍ରାହ୍ମଣମାନେ ଅପରାଜିତା ମନ୍ତ୍ରରେ ରାଜ୍ୟାଭିଷେକ କରାଇଥାନ୍ତି। ଲାଖମରା ପର୍ବକୁ ନେଇ ଶ୍ରଦ୍ଧାଳୁ ଓ ପ୍ରତିଯୋଗୀଙ୍କ ମଧ୍ୟରେ ବେଶ ଆନନ୍ଦ ଓ ଉତ୍ସାହ ଦେଖାଦେଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି।କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ, କୁମାର ସାହେବ ଅର୍କ କେଶରୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ରାତୁଲରେ ଅଗ୍ନି ଭୈରବଙ୍କ ଝାମୁଯାତ୍ରା

**ଭବାନୀପାଟଣା, ୪।୧୦(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବଢ଼ଧରପୁର ପଞ୍ଚାୟତର ରାତୁଲ ଗାଁରେ ଅଗ୍ନି ଭୈରବଙ୍କ ଝାମୁ ଯାତ୍ରା ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାତୁଲ ଗାଁରେ ଆୟୋଜିତ ହୋଇଆସୁଛି ଏହି ଯାତ୍ରା। ରାତୁଲ ଗାଁର ଅଗ୍ନି ଭୈରବୀ ବଡ଼ ପ୍ରତ୍ୟକ୍ଷ ଦେବତା, ତାଙ୍କ ଉପରେ ଅଞ୍ଚଳର ଜନସାଧାରଣଙ୍କ ଗଭୀର ଆସ୍ଥା ରହିଛି।



ତେଣୁ ଅନ୍ୟ ବର୍ଷ ପରି ଚଳିତବର୍ଷ ମଧ୍ୟ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଝାମୁଯାତ୍ରାରେ ସାମିଲ ହୋଇ ଅଗ୍ନି ଭୈରବୀଙ୍କ ଆଶିଷ ଭିକ୍ଷା କରିଥିଲେ। ଉଦ୍ଧବ ଦୋରା, ମଧୁସୂଦନ ଦୋରା, ପରମେଶ୍ୱର ମାଝୀ, ଅକ୍ଷୟ ମାଝୀ, ମୋହନ ଦୋରା, ଜଗତ ରାମ ମାଝୀ, ସନ୍ତୋଷ ପତ୍ର, ଟିକେଚନ ଗହିରଙ୍କୁ କାଳିସୀ ଲାଗିଥିଲା। ଅଗ୍ନି ଭୈରବ ନିଆଁରେ ଚାଲି ନିଜ ଶକ୍ତି ପ୍ରଦର୍ଶନ କରିଥିଲେ। ଯାତ୍ରାର ମୁଖ୍ୟ ହେଉଛନ୍ତି ବଳ ଦୋରା, ନରେନ୍ଦ୍ର ଦୋରା, ଜୟରାମ ଦୋରା। ସେମାନେ କାଳିସୀ ମାନଙ୍କ ଦାୟିତ୍ୱରେ ରହନ୍ତି। ଏହି ଅବସରରେ ମାନସିକଧାରୀମାନେ ଦେବତାଙ୍କ ପାଖରେ ଭୋଗ ଅର୍ପଣ କରିଥିଲେ। ଅଗ୍ନି ଭୈରବ ମନ୍ଦିର ନିକଟରେ ଏକ ଶିବ ମନ୍ଦିର ଅଛି। ଏଣୁ ଏହି ଦୁଇ ମନ୍ଦିରକୁ ସରକାରୀ ସହାୟତା ଯୋଗାଇ ଦେଲେ ଆଗକୁ ଝାମୁଯାତ୍ରା ଓ ଶିବରାତ୍ରି ସୁରୁଖୁରୁରେ ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ଏବଂ ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ତେବେ ଚଳିତବର୍ଷର ଝାମୁଯାତ୍ରା ପରିଚାଳନାରେ ଗାଁର ନୀଳକଣ୍ଠ ଦୋରା, ଫକୀର ଦୋରା, ଭେକା ଦୋରା, ଚଇତୁ ଦୋରା, ଗିରିଧାରୀ ଗଉଡ଼, ଗୋବର୍ଦ୍ଧନ ଗଉଡ଼, ମଦନ ସାହୁ, ଘାସିରାମ ହରିଜନ, ଟୁନୁ ପବିତ୍ର ଗହିର, ନେପାଳ ଦୋରା, ଯାନୀ ଦୋରା, ବୁଦୁ ମାଝୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଥୁଆମୂଳରାମପୁର ଅଞ୍ଚଳରେ ବର୍ଷା ବିପ୍ରାତ

# ବାଇକ୍ ସହ ନାଳରେ ଭାସିଗଲେ ଦୁଇଭାଇ

**ଥୁଆମୂଳରାମପୁର/ଭବାନୀପାଟଣା, ୪।୧୦(ସମିସ)**

କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକରେ ଲଘୁଚାପ ଜନିତ ବର୍ଷାର ବିପ୍ରାତ ଦେଖିବାକୁ ମିଳିଛି। ଜିଲ୍ଲାର ଥୁଆମୂଳରାମପୁର ବ୍ଲକରେ





୨୪ ଘଣ୍ଟାରେ ୩୫୨ ମିଲିମିଟରର ରେକର୍ଡ ବର୍ଷା ହୋଇଛି। ୨୦୧୭ ମସିହା ପରେପରେ ଏଭଳି ବର୍ଷା ହୋଇଥିବା ଜଣାପଡ଼ିଛି। ଫଳରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହେବା ଦ୍ୱାରା ମାଟି ଅତଡା ଖସି ଗମନାଗମନରେ ବାଧାସୃଷ୍ଟି ହୋଇଥିବା ଜଣାପଡ଼ିଛି। ଅନେକ ଲୋକଙ୍କ ଚାଷ ଜମି ବାଲି ମାଟିରେ ପୋତି ହୋଇଯାଇଥିବା ଯୋଗୁଁ ଫସଲହାନୀ ଘଟିଛି। ଅନେକ ଗରିବ ଲୋକଙ୍କ ଘର ମଧ୍ୟ ନଷ୍ଟ ହୋଇଥିବା ସୂଚନା ରହିଛି। ଜନଜୀବନ ପ୍ରଭାବିତ ହୋଇପଡ଼ିଛି। ହେଲେ ଗୁରୁବାର ଦିନ ହୋଇଥିବା ଲଗାଣ ବର୍ଷାରେ ଘଟିଥିଲା ଏକ ଦୁଃଖଦ ଘଟଣା। ଗୋଟିଏ ବାଇଟକ୍‌ରେ ଦୁଇ ଭାଇ ଯାଉଥିବା ବେଳେ ବନ୍ୟାଜଳର କ୍ଷିପ୍ର ସ୍ରୋତରେ ଭାସିଯାଇଥିଲେ। ବ୍ଲକର ହାଡ଼ଖୁର୍ସି ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦାଶ ଓ ତାଙ୍କ ବଡ଼ ଭାଇ ଦିଲ୍ଲୀପ କୁମାର ଦାଶ ଯିଏକି ଥୁଆମୂଳରାମପୁର ବ୍ଲକରେ ତାଙ୍କର ଶିକ୍ଷକ ଚାକିରୀ ଜୀବନ ବିତାଇଥିଲେ। ଦୁହେଁ ସାଇସୁରୁନି ରେଞ୍ଜ ଅଫିସରେ ବିଜୟା ଦଶମୀ ପୂଜା ସାରି ଭବାନୀପାଟଣା ଫେରୁଥିବା ବେଳେ କର୍ଲାପାଟ ଥାନା ଅନ୍ତର୍ଗତ ସେମେଲପଦର ନିକଟ ଏକ ନାଳରେ ୨ ଜଣ ଭାସି ଯାଇଥିଲେ। ଶିକ୍ଷକ ପ୍ରଦୀପ ଦାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ବଡଭାଇ ଦିଲ୍ଲୀପ କୁମାର ଦାଶ ଏବେବି ନିଖୋଜ ଥିବା ଜଣାପଡ଼ିଛି। ଭବାନୀପାଟଣା ଓଡ୍ରାଫ ଟିମ୍ ଏବଂ କର୍ଲାପାଟ ପୋଲିସ ଖୋଜୁଥିବା ଜଣାପଡ଼ିଛି।ଶନିବାର ଏତେ ଖୋଜାଖୋଜି ବେଳେ ତାଙ୍କ ବାଇକ୍ ଉଦ୍ଧାର କରିଥିବା ନେଇ କର୍ଲାପାଟ ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ସୂଚନା ଦେଇଥିବା ବେଳେ ଆଗକୁ ଉଦ୍ଧାର କାର୍ଯ୍ୟ ଜାରି ରହିବା ନେଇ ସୂଚନା ଦେଇଛନ୍ତି।

ଅନ୍ୟପଟରେ ସେହିଭଳି ବର୍ଷା ଯୋଗୁଁ କିଆପଦର ଗ୍ରାମର ନୀଳକଣ୍ଠ ମାଝୀଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଧାନ, ଚାଉଳ ଓ ଅନ୍ୟାନ୍ୟ ଜରୁରୀ କାଳୀନ ଜିନିଷ, ଆସବାପତ୍ର ସବୁ ପାଣିରେ ଭାସି ଯାଇଛ। ବ୍ଲକର ଶତାଧିକ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଥିବା ବେଳେ ଲଘୁଚାପ ଜନିତ ବର୍ଷା ଯୋଗୁଁ ବିଭିନ୍ନ ରାସ୍ତା ଉପରେ ମାଟି ଅତଡା ଖସିବା ସହିତ ବଡବଡ ଗଛ ଉପୁଡି ରାସ୍ତା ଅବରୋଧ କରିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଉଦ୍ୟମରେ ଯୁଦ୍ଧକାଳୀନ ଭିତ୍ତିରେ ଗଛ ହଟାଇ ଗମନାଗମନକୁ ସ୍ୱାଭାବିକ କରିବାରେ ସହଯୋଗ କରିଛନ୍ତି। ଥୁଆମୂଳ ରାମପୁର-ମହୁଲପାଟଣା, ଥୁଆମୂଳ ରାମପୁର- କାଶୀପୁର- ଗୋପୀନାଥପୁର, ନାକରୁଣ୍ଡି, କେରପାଇ, ସିଲେଟ ପ୍ରମୁଖ ଅଞ୍ଚଳ ବାହ୍ୟ ଜଗତ ବିଚ୍ଛିନ୍ନ ହୋଇଛି। ବର୍ଷା ଯୋଗୁଁ ହେକ୍ଟର ହେକ୍ଟର ଚାଷଜମି ଉପରେ ପାଣି ଥିବା ବେଳେ ଚାଷ ମଧ୍ୟ ନଷ୍ଟ ହୋଇଯାଇଛି। ସେହିଭଳି ସିଙ୍ଗାରି ଘାଟି ରାସ୍ତା ମଧ୍ୟ ମାଟି ଅତଡା ଖସିଥିବା ଦେଖିବାକୁ ମିଳିଥିଲା। ଥୁଆମୂଳରାମପୁର ବ୍ଲକରେ ବର୍ଷା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ପୂର୍ବକ ପ୍ରଶାସନ ତୁରନ୍ତ ସହାୟତା ଯୋଗାଇବାକୁ ସାଧାରଣରେ ଦାବି ହେଉଛି। ଅଞ୍ଚଳରେ ଏପରି ସ୍ଥିତି ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ କି ଶିକ୍ଷା ବିଭାଗ ପକ୍ଷରୁ କୌଣସ ପଦକ୍ଷେପ ନନେବା ସାଧାରଣରେ ତ୍ରୀବ ଅସନ୍ତୋଷ ପ୍ରକାଶ ପାଇଛି।

- ସାନର ମୃତଦେହ ଓ ବାଇକ୍ ଉଦ୍ଧାର,
- ବଡ ଏବେବି ନିଖୋଜ
- ଖୋଜିବାରେ ଲାଗିଛନ୍ତି ଓଡ୍ରାଫ ଟିମ୍ ଓ ପୁଲିସ

## ଗାଁକୁ ନିଶାମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ



**କୋକସରା, ୪।୧୦(ସମିସ):** ଗାଁରେ ବେଆଇନ୍ ଭାବେ ମଦ ବିକ୍ରି ହେଉଛି। ଏଥିପାଇଁ ମଦୁଆଙ୍କ ଉତ୍ପାତ ବଢ଼ିବା ସହିତ ବିଶୃଙ୍ଖଳା ଦେଖାଦେଉଛି। ଘରର ପୁରୁଷମାନେ ମଦ୍ୟପାନ କରୁଥିବାରୁ ପରିବାରରେ ମଧ୍ୟ ଅଶାନ୍ତି ଦେଖାଦେଉଛି। ତେଣୁ ଗାଁକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି କୋକସରା ବ୍ଲକ ମହିମା ଗ୍ରାମ ପଞ୍ଚାୟତ ତେନ୍ତୁଳିପଦ୍ରାର ମହିଳା ଗୋଷ୍ଠୀ ଓ ଜୟ ହିନ୍ଦ୍ ୱାରି ଆର୍ମୀ ସଂଘର କର୍ମକର୍ତ୍ତା। ଏନେଇ ଶନିବାର ଗ୍ରାମର ଶତାଧିକ ମହିଳାଙ୍କ ସହିତ ଉଭୟ ସଂଗଠନର ସଦସ୍ୟମାନେ ନିଶାମୁକ୍ତ ନିମନ୍ତେ ସଚେତନତା ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲେ। ପରେ ଗାଁ ମୁଣ୍ଡରେ ବିକ୍ରୀ କରୁଥିବା କୁଟିଆ ମଦ ବେପାରୀଙ୍କୁ ତାଗିଦ୍ କରିବା ସହ ଆଗକୁ ମଦ ବିକ୍ରି ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ମଦବିକ୍ରୀ କରୁଥିବା କୁଟିଆ ବେପାରି ମଧ୍ୟ ରବିବାରଠାରୁ ମଦ ବିକ୍ରୀ ବନ୍ଦ କରିବା ପାଇଁ ସେମାନଙ୍କୁ କହିଥିବା ଜଣାପଡ଼ିଛି। ଏହି ନିଶାମୁକ୍ତ ସଚେତନ ଶୋଭାଯାତ୍ରାରେ ୱାର୍ଡସଭ୍ୟା ଗୀତା ଭରତିଆ, ମହିଳା ଗୋଷ୍ଠୀର ସଦସ୍ୟା ରଜନୀ ପାଣିଗ୍ରାହୀ, କ୍ଷିତିସୁତା ମେହେର, ଲିଲା ସୁନାନୀ, ଜୟନ୍ତୀ ବାଣ୍ଡୁଆ, ତ୍ରିପୁରା ସୁନାନୀ, ସେବତୀ ନାଏକ, ଲକ୍ଷ୍ମୀ ବାଣ୍ଡୁଆ, ମିଥିଳା ବାଣ୍ଡୁଆ, ଜନନୀ ମେହେର, ମଣିରାମ ମେହେର, ରାମନାଥ ମେହେର, ସନାତନ ସୁନାନୀ, ତାରାଚନ ମେହେର, ରବି କିଶୋର ବାଣ୍ଡୁଆ, ଦୈତାରୀ ସୁନାନୀ, ବଳରାମ ବାଣ୍ଡୁଆ, ପୁରୁନ ସୁନାନୀ, ନେତ୍ର ନାଏକ, ଜଗଦୀଶ ମେହେର, ଜୟଲାଲ ସୁନାନୀ, ଲୋକନାଥ ମେହେର ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

## କାଙ୍କେରୀରେ ବୁଢ଼ାରାଜା ଦେବଙ୍କ ବାର୍ଷିକ ଯାତ୍ରା



**ଧର୍ମଗଡ଼, ୪।୧୦ (ସମିସ):** ବାର୍ଷିକ ଦଶହରା ପାଇଁ ଉତ୍ସବ ମୁଖର ୩୩ କୋଟି ଦେବା ଦେବୀଙ୍କ ଗାଁ। ଛତିଶଗଡ଼ ସୀମାନ୍ତ ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଦୁଇଟି ପାହାଡ଼ ପାଦ ଦେଶରେ ଅବସ୍ଥିତ କାଙ୍କେରୀ ଗାଁ। ଗାଁର ଇଷ୍ଟ ଦେବତା ବୁଢ଼ାରାଜା ଦେବଙ୍କ ବାର୍ଷିକ ଯାତ୍ରା ଆଜି ପାଳିତ ହାଇଯାଇଛି।ବୁଢ଼ାରାଜା ଦେବଙ୍କ ବାର୍ଷିକ ଯାତ୍ରା ପାଇଁ ସମଗ୍ର ଗାଁ ଚଳଚଞ୍ଚଳ ହୋଇପଡ଼ିଥିଲା। ମା'ମାଣିକେଶ୍ୱରୀଙ୍କ ଛତର ଯାତ୍ରାର ଗୋଟିଏ ଦିନ ପରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ବୁଢାରଜା ମନ୍ଦିର ନିକଟରେ ବଳି ଦିଆଯାଇ ସେଠାରୁ ବିଭିନ୍ନ ପାରମ୍ପରିକ ବାଦ୍ୟ ବାଦନ କରି ଗ୍ରାମ ର ବୁଢାରଜା, ଡୋକ୍ରିବୁଢ଼ି, ମା ଡୁମେର ମୁଡେନ, ସମେତ ବିଭିନ୍ନ ଦେବା ଦେବୀଙ୍କୁ ଗାଁ ପରିକ୍ରମା ପୂର୍ବକ ପୁଣି ମନ୍ଦିରକୁ ଅଣାଯାଇଥିଲା। ଏହି ପର୍ବ ସମ୍ପୂର୍ଣ୍ଣ ଆଦିବାସୀ ରୀତିନୀତିରେ ସମାପନ ହୋଇଥିଲା। କଳାହାଣ୍ଡି ସମେତ ପଡୋଶୀ ରାଜ୍ୟ ଛତିଶଗଡ଼, ପଡୋଶୀ ଜିଲ୍ଲା ନବରଙ୍ଗପୁର ଓ ନୂଆପଡ଼ାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ନିଜ ନିଜ ମନୋସ୍କାମନା ନେଇ ଦେବଦେବୀଙ୍କ ଦର୍ଶନ ପାଇଁ ସମାବେଶ ହୋଇଥିଲେ। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଏବଂ ନବରଙ୍ଗପୁର ପୂର୍ବତନ ଲୋକସଭା ସାଂସଦ ରମେଶ ମାଝୀ ପ୍ରଭୁ ବୁଢାରଜାଙ୍କ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କାଙ୍କେରୀ ସରପଞ୍ଚ ମମତା କେତକୀ, ଲଳିତ ବାଗ, ଡୁମେର ମୁଡେନ ଯୁବକ ସଂଘ ସଭାପତି ମହେଶ୍ୱର ସୁନାନୀ, ଦିନେସ ପ୍ରଧାନ, ଚିନ୍ମୟ ବାଗ, ଛବିଲାଲ ଜଗତ, ଲୋକନାଥ ସୁନାନୀ, ହାରିଲାଲ ଜଗତ, ଚକିତ ଜଗତ, ଯଇନ୍ଦ୍ର ପଟେଲ, ଶ୍ୟାମଘନ କତେକି, ଦେବରାଜ କୈବର୍ତ୍ତ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ସିନ୍ଦୂର ଖେଳ ସହ ମାଆଙ୍କୁ ମେଲାଣି

**ବଣାଇଁ, ୪।୧୦ (ସମିସ):** ବଣାଇଁ ଶାରଦୀୟ ଦୁର୍ଗାପୂଜା ପୂଜାର ଅନ୍ତିମ ଦିବସରେ ବଙ୍ଗୀୟ ରୀତିନୀତି ଅନୁଯାୟୀ ସଧବା ମହିଳାମାନେ ସିନ୍ଦୂର ଲଗାଇ ମାଆ ଦୁର୍ଗାଙ୍କୁ ଆଜି ମେଲାଣି ଜଣାଇଥିଲେ। ଶ୍ରୀଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟି ବଣାଇଁଗଡ଼ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ମନ୍ଦିରଠାରେ ଷଷ୍ଠୀଠାରୁ ପୂଜା ଆରମ୍ଭ କରାଯାଇଥିଲା।



ବିଜୟାଦଶମୀରେ ସୋମନାଥ ବ୍ରତ, ଅପରାଜିତା ବନ୍ଧନ, ଘଟ ବିସର୍ଜନ, ବେଢ଼ା ପରିକ୍ରମା ଓ ଶାନ୍ତି ଜଳ ସିଞ୍ଚନ କରାଯାଇ ପୂଜା ସମାପ୍ତି କରାଯାଇଥିଲା। କର୍ତ୍ତା ଭାବେ ସତ୍ୟନାରାୟଣ ମିଶ୍ର କାର୍ଯ୍ୟ ତୁଲାଇଥିବାବେଳେ ପୂଜକ ଭାବେ ଅଜୟ କୁମାର ମିଶ୍ର, ଚିନ୍ମୟ ତ୍ରିପାଠୀ, ଅଭିନନ୍ଦନ ମିଶ୍ର, ଶୁଭମ୍ ରଥ ଓ ପଣ୍ଡିତ ଅଜୟ ପ୍ରହରାଜ ଚଣ୍ଡୀ ପାଠ କରିଥିଲେ।

## ବିଜୟା ଦଶମୀ ଉତ୍ସବ ପାଳିତ

**ଗୋଲାମୁଣ୍ଡା, ୪।୧୦(ସମିସ):** ଗୋଲାମୁଣ୍ଡା ଖଣ୍ଡର ଗୋଲାମୁଣ୍ଡା ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ଗୋଲାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ବିଜୟା ଦଶମୀ ଉପଲକ୍ଷେ ଗୋଲାମୁଣ୍ଡା ନଗରରେ ୫୭ ଜଣ ସ୍ୱୟଂ ସେବ ସହିତ ସଞ୍ଚଳନ ହୋଇ ଶିଶୁ ମନ୍ଦିରରେ ବିଜୟା ଦଶମୀ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଙ୍କ ଅଧକ୍ଷତାରେ କଳାହାଣ୍ଡି ବିଭାଗ ପ୍ରଚାରକ ଶ୍ରୀମାନ ଆର୍ ଚକ୍ରଧର ରାଓ ଓ ଗୋଲାମୁଣ୍ଡା ଖଣ୍ଡ ସଂଘ ଚାଳକ ନବରତ୍ନ ରାଉତ ଉପସ୍ଥିତରେ ଶତାଧିକ ସେବକ ଉପସ୍ଥିତ ଥିଲେ।

## ୬ରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

# ବରିଷ୍ଠ ନେତାଙ୍କ ମଧ୍ୟରେ ସନ୍ତୁଳନ ଆଣିବାକୁ କସରତ

**ନୂଆପଡ଼ା, ୪।୧୦(ସମିସ):** ନିର୍ବାଚନୀ ତାରିଖ ଘୋଷଣା ହୋଇନଥିଲେ ବି ଆଗକୁ ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଛି ଏହା ନିଶ୍ଚିତ ହେଲାଣି। ଉପ-ନିର୍ବାଚନମନ୍ତ୍ରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ବ୍ୟଥା ହେଲାଣି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ଅବ୍ୟବହିତ ପୂର୍ବରୁ ଜିଲ୍ଲାକୁ ତୁହାକୁ ତୁହା ମନ୍ତ୍ରୀ, ନେତାଙ୍କ ଗସ୍ତ ଚାଲିଥିବା ବେଳେ ବିଭିନ୍ନ ବାହାନାରେ ମାସକରେ ଦୁଇ ଥର ହେବ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନୂଆପଡ଼ା ଗସ୍ତ। ଆସନ୍ତା ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ ଚୂଡାନ୍ତ ହୋଇଛି।ଅଦିନିଆ ଗସ୍ତକୁ ନେଇ ନାନାଦି ଜଳ୍ପନା କଳ୍ପନା ଚାଲିଛି। ନୂଆପଡ଼ା ପାଇଁ କଅଣ ସବୁ ନିର୍ବାଚନୀ ତୋଫା ନେଇଆସୁଛନ୍ତି ତାକୁ ନେଇ ଲୋକେ ଆଶାବାଦୀ ମଧ୍ୟ ଅଛନ୍ତି। ସୂଚନା ଯୋଗ୍ୟ ଯେ ଗତ ମାସ ୨୧ତାରିଖ ଦିନ ମୁଖ୍ୟମନ୍ତ୍ରୀ ମାଝୀ ନୂଆପଡ଼ା ବିଧାୟକ ରାଜେନ୍ଦ୍ର କୋଲକିଆଙ୍କ ଦଶାହ ବା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଆସିଥିଲେ। ବର୍ତ୍ତମାନ ପୁଣି ଥରେ ଆସୁଥିବାରୁ ଲୋକେ ଏହାକୁ ଏକ ଭିନ୍ନ ଦୃଷ୍ଟି ଭଙ୍ଗିରେ ଦେଖୁଛନ୍ତି। ସୂଚନାଯୋଗ୍ୟ ଯେ ଢୋଲକିଆଙ୍କ ମୃତ୍ୟୁ ପରେ ସମସ୍ତ ତିନିଗୋଟି ଦଳରେ ଏକ ପ୍ରକାର କମ୍ପନ ସୃଷ୍ଟି ହୋଇଛି। ଏଥିରେ ପୁଣି ଢୋଲକିଆଙ୍କ ପାର୍ଥିବ ଶରୀର ସଂସ୍କାର



କାର୍ଯ୍ୟକ୍ରମ ହେଉକି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ଭିଡ ତଥା ଲୋକ ସମର୍ଥନକୁ ଅନ୍ୟଦଳ ସବୁ ହଜମ କରିପାରୁନାହାନ୍ତି। ସେବେଠାରୁ ଜିଲ୍ଲାକୁ ତୁହାକୁ ତୁହା ମନ୍ତ୍ରୀ ନେତାଙ୍କ ଗସ୍ତ ଚାଲିଛି। ଏଥିରୁ ବିଜେପି ମଧ୍ୟରେ ଥିବା ଅସନ୍ତୋଷ ଏବଂ ଟିକେଟ ଦୌଡକୁ ପ୍ରସମିତ କରିବାକୁ ଏଭଳି ହେଉଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।। ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଆସିବାକୁ ପଡୁଛି। ଏଥିରେ ଜିଲ୍ଲା ପାଇଁ କାର୍ଯ୍ୟାନ୍ୱୟନ ହେଉ ନହେଉ ଏକ ବିରାଟ ପ୍ୟାକେଜ ନେଇ ଆସୁଥିବା ଆଶଙ୍କା କରାଯାଉଛି। ବିଶେଷ କରି ଗତ ସରକାର ସମୟରେ ୩୨କୋଟି ଟଙ୍କାରେ ନିର୍ମାଣ କରିଥିବା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସେତେବେଳେ ମେଡିକାଲ କଲେଜ କରିବାର ଭିତି ନିର୍ମାଣ କରାଯାଇଥିଲା। ଏହାକୁ ମୋହନ ମାଝୀ ଘୋଷଣା କରିପାରନ୍ତି ବୋଲି ଗଣିତ କଷା ଚାଲିଛି। ଏହିଭଳି କୋମନାକୁ ଏକ ଏନଏସି ମାନ୍ୟତା, ଉଦ୍ୟାନବନ୍ଧରେ ହସ୍ପିଟାଲ ସ୍ଥାପନ ସହ ଅନ୍ୟାନ୍ୟ ପ୍ୟାକେଜ ଘୋଷଣା ସହ ନୂଆପଡ଼ାରେ ପୁରୁଣା ବିଜେପିର ରୁଷାଫୁଲା କରୁଥିବା ନେତାଙ୍କୁ ନେଇ ମିଶ୍ରଣ ପର୍ବ କରି ପାରନ୍ତି ବୋଲି ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଚାଲିଛି। ଉଲ୍ଲେଖଯୋଗ୍ୟ ଯେ ଶନିବାର ଦିନ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ଦୁଇ ଜଣ ମନ୍ତ୍ରୀ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ କରିଛନ୍ତି।

## ଶ୍ରମିକ ଶୋଷଣ ବିରୋଧରେ ଐକ୍ୟବଦ୍ଧ ସଂଗ୍ରାମ ପାଇଁ ଆହ୍ୱାନ

**ରାଉରକେଲା, ୪।୧୦(ସମିସ):** ବିଶ୍ୱ ଟ୍ରେଡ ୟୁନିୟନ ସମୂହ (ଡବ୍ଲୁଏଫଟିୟୁ)ର ୮୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ସିଆଇଟିୟୁ କେନ୍ଦ୍ରୀୟ କମିଟି ଆହ୍ୱାନରେ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ବିଶ୍ରା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଜିଲ୍ଲା ବରିଷ୍ଠ ଉପ ସଭାପତି ଶ୍ରୀମନ୍ତ ବେହେରା, ବି ପି ମହାପାତ୍ର, ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ଦାଶ, ହୃଦୟାନନ୍ଦ ଯାଦବ, ଭାଗିରଥି ଟୁଡୁ, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ପ୍ରଦୀପ ସେଠୀ, ଯଜ୍ଞେଶ୍ୱର ସାହୁ, ଅଜୟ ଶର୍ମା, ଦିବାକର ମହାରଣା ପ୍ରମୁଖ କହିଥିଲେ, ବିଶ୍ୱ ସାମ୍ରାଜ୍ୟବାଦ, ପୁଞ୍ଜିବାଦ ଓ ନବ୍ୟ ଫାସୀବାଦ ଯାହା ବିଶ୍ୱ ଶ୍ରମିକ ଶ୍ରେଣୀର ପ୍ରମୁଖ ଶତ୍ରୁ ତାହା ବିରୁଦ୍ଧରେ ବିଶ୍ୱର ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ହେବା ସହିତ ଶୋଷଣ, ଅତ୍ୟାଚାର, ଯୁଦ୍ଧଖୋର ନୀତୀ, ସନ୍ତ୍ରାସବାଦ ବିରୋଧରେ, ଆକାଶଛୁଆଁ ଦରବୃଦ୍ଧି ପ୍ରତିବାଦରେ ଶ୍ରମିକ ଶ୍ରେଣୀର ଏକ ସମ୍ମାନ ଓ ସୁନ୍ଦର ଜୀବନ ଯାପନ ପାଇଁ ଓ ଜନଗଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ଭଳି ମୌଳିକ ସୁବିଧା ଯୋଗାଇ ଦେବା ଦାବିରେ ବିଶ୍ୱ ଟ୍ରେଡ ୟୁନିୟନ ସମୂହ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରିବାକୁ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଏନ୍.କେ. ରାଉତରାୟ, ବଛିରାମ ବେହେରା, ବସନ୍ତ ପାଢ଼ୀ, କୁଳମଣି ରାଉତ, ଶତ୍ରୁଘ୍ନ ବେହେରା, ତଲତ ମେହେମୁଦ, ଜନ୍ମେଜୟ ଘୋଷ, ସୁରେଶ ଜେନା, ରାଜୀବ ବସନ୍ତ ରାୟ ପ୍ରମୁଖ ପରିଚାଳନା କରିଥିଲେ।

## ଚାଷ ନଷ୍ଟ କରୁଛି ଜଙ୍ଗଲି ବରହା

# ଚୁପ୍ ବସିଛି ବନ ବିଭାଗ

**କେସିଙ୍ଗା, ୪।୧୦(ସମିସ)** ଜଙ୍ଗଲି ବରାହ ଆତଙ୍କରେ ଚାଷୀ। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କେସିଙ୍ଗା ବନାନଞ୍ଚଳ ଅଧିନସ୍ଥ ଗୌଡ଼ତୁଳା ଗାଁରେ। ସୂଚନା ଅନୁଯାୟୀ ଗୌଡ଼ତୁଳା ଗାଁ ନିକଟସ୍ଥ ବିରିପୁରା ପାହାଡ଼ ରୁ ଅଧିକାଂଶ ସମୟରେ ଜଙ୍ଗଲି ବରାହ ଆସି ଚାଷ ନଷ୍ଟ କରୁଥିବା ରୁ ଚାଷୀ ମୁଣ୍ଡ ରେ ଚଡକ ପଡ଼ିଛି।ଅନେକ ଥର ବନ ବିଭାଗକୁ ଉକ୍ତ ବିଷୟ ରେ ଅଭିଯୋଗ କରିଥିଲେ ସୁଦ୍ଧା ବନବିଭାଗ ତଦନ୍ତ ପାଇଁ ଆସୁନାହାନ୍ତି ବୋଲି ଚାଷୀ ଅର୍ଜୁନ ସାହୁ, ବିଷ୍ଣୁ ସାହୁ, ଶୁକ୍ରୁ ମାଝୀ, ପ୍ରାମାନନ୍ଦ ସାହୁ ଅଭିଯୋଗ କରିଥିବା ବେଳେ ତାଙ୍କର ୪ ଏକରରୁ ଊର୍ଦ୍ଧ୍ୱ କପାଚାଷ ନଷ୍ଟ ହୋଇଥିବା କହିଛନ୍ତି। ପ୍ରକାଶ ଥାଉକି ବିରିପୁରା ଜଙ୍ଗଲ ଓ ପାହାଡ଼ରୁ ବନ୍ୟଜନ୍ତୁଙ୍କୁ ଚାଷୀଙ୍କ କବଳରୁ ଓ ଚାଷୀ ଓ ଗ୍ରାମବାସୀଙ୍କୁ ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ପାହାଡ଼ର ପାଦ ଦେଶ ରେ ତିଆରି ହୋଇଥିବା ତାର ବାଡ଼ ନିମ୍ନ ମାନର ବୋଲି ଅଭିଯୋଗ ହୋଇଛି। ତାରବାଡ କାମ ନିମ୍ନମାନର ହୋଇଥିବା ଯୋଗୁଁ କମ ଦିନ ମଧ୍ୟରେ ତାହା ନଷ୍ଟ ହୋଇଥିଲା।ଫଳରେ ଜଙ୍ଗଲୀ ଜୀବଜନ୍ତୁଙ୍କ ଉପଦ୍ରବରେ କଲବଲ ହେଉଛନ୍ତି ଉଭୟ ଚାଷୀ ଓ ଗ୍ରାମବାସୀ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ତାରବାଡ଼ ରକ୍ଷଣା ବେକ୍ଷଣ ଠିକ ଭାବେ ବନବିଭାଗ ପକ୍ଷରୁ ହେଉନାହିଁ ବୋଲି ଏମିତି ପରିସ୍ଥିତି ଉପୁଜୁଛି ବୋଲି ଅଭିଯୋଗ ହେଉଛି। ଅଭିଯୋଗକୁ ନେଇ କେସିଙ୍ଗା ବନପାଳ ଏବଂ ବନାନଞ୍ଚଳ ଅଧିକାରିଣୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ।

# ଲାଞ୍ଜିଗଡ଼ ଅଞ୍ଚଳରେ ବେଆଇନ ଭାବେ ଚାଲିଛି ଧର୍ମାନ୍ତୀକରଣ

**ଲାଞ୍ଜିଗଡ଼, ୪।୧୦(ସମିମ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ସରଳତା ଦେଖି ଖ୍ରୀଷ୍ଟ ଧର୍ମୀ ମାନେ ବ୍ଲକର ପ୍ରତ୍ୟେକ ଗାଁ ଗାଁକୁ ଯାଇ ଟଙ୍କା ସହିତ ବିଭିନ୍ନ ପ୍ରଲୋଭନ ଦେଖାଇ ଯୋର ଜବରଦସ୍ତ ବେଆଇନ ଭାବରେ ହିନ୍ଦୁମାନଙ୍କୁ ଧର୍ମାନ୍ତିକରଣ କରାଉଥିବା ଅଭିଯୋଗ ହେଉଛି। ତେବେ ଟଙ୍କା ପଇସା ଓ ଧନର ଲାଳସା ଦେଖି ଲାଞ୍ଜିଗଡ଼ ବ୍ଲକରେ କିଛି ବର୍ଷହେଲା ହିନ୍ଦୁ ଧର୍ମରୁ ପରିବର୍ତ୍ତନ କରି ଖ୍ରୀଷ୍ଟ ଧର୍ମ ନେବାରେ ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ କିଛି ଦିନ ତଳେ ଲାଞ୍ଜି ପଞ୍ଚାୟତ ସ୍ଥିତ ମୂଷାନାଳ ଗାଁର ଜଣେ ଖ୍ରୀଷ୍ଟ ଧର୍ମୀ ମୃତ୍ୟୁ



ବରଣ କରିଥିଲେ। ଉକ୍ତ ମୃତଶବକୁ ନେଇ ଗାଁ ମଶାଣିରେ ଶବ ପୋତି ସମାଧି ତିଆରି କରିଥିବାବେଳେ ଏହାକୁ ନେଇ ଗ୍ରାମର ହିନ୍ଦୁ ପରିବାର ବିରୋଧ କରି ଗତ ୨୮ ତାରିଖ ଦିନ ବିଶ୍ୱନାଥପୁର ଥାନା ଓ ତହସିଲଦାର ନିକଟରେଲିଖିତ ଅଭିଯୋଗ କରିଥିଲେ। ହେଲେ ପୁଲିସ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସି ପଦକ୍ଷେପ ନନେବାରୁ ଆଜି ପାଞ୍ଚଟି ପଞ୍ଚାୟତରୁ ଶତାଧିକ ଲୋକ ଏକଜୁଟ ହୋଇ ମୂଷାନାଳ ବଜାର ପଡ଼ାରେ ବୈଠକ କରିଥିଲେ। ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ ଥାନାରେ ଏତଲା ଦିଆଗଲା ପରେ ମଧ୍ୟ ପୁଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯଦି ପୋଲିସ ପ୍ରଶାସନ ଏଦିଗରେ ଦୃଷ୍ଟି ନଦେଲେ ଆଗାମୀ ଦିନରେ ବ୍ଲକର ୧୩ଟି ପଞ୍ଚାୟତର ଜନସାଧାରଣ ଏକତ୍ରିତ ହୋଇ ଥାନା ଘେରାଉ ସହିତ ରାସ୍ତା ରୋକ କରିବୁ ଓ ରାସ୍ତାରୋକରେ ଯଦି କୌଣସି ଦୁର୍ବିପାକ ଘଟେ ତାହେଲେ ପୋଲିସ ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ପାଞ୍ଚଟି ପଞ୍ଚାୟତବାସୀ ଚେତାବନି ଦେଇଛନ୍ତି। ତେବେ ଏନେଇ ବିଶ୍ୱନାଥପୁରା ଥାନା ଅଧିକାରୀ ତୁଳସୀରାମ ଶବରଙ୍କୁ ପଚାରିବାରୁ ଉଭୟ ପକ୍ଷ ଥାନାକୁ ଆସିଥିଲେ ସେମାଙ୍କୁ ବୁଝାସୁଝା କରିଛୁ ବର୍ତ୍ତମାନ ତହସିଲଦାର ପାଖକୁ ଯାଇଛନ୍ତି ତହସିଲଦାର ସେମାନଙ୍କ ପାଇଁ ଜାଗା ଚିହ୍ନଟ କରି ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି।

## ଜୁନିଅର ଏସିଆନ୍ ପେନକାକ ସିଲଟ୍ ଚାମ୍ପିଅନସିପ୍

# ନିତିଶା ଓ ଗାୟତ୍ରୀଙ୍କ ଉତ୍ତମ ପ୍ରଦର୍ଶନ




**ରାଉରକେଲା, ୪।୧୦(ସମିସ):** ପେନକାକ ସିଲଟ୍ ଆସୋସିଏସନ ଅଫ୍ ସୁନ୍ଦରଗଡ଼ ସଂଘର ଦୁଇ ଜଣ ଖେଳାଳି ନିତିଶା ବାରିକ ଓ ଗାୟତ୍ରୀ ଦାସ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଶେର-ଇ-କାଶ୍ମୀର ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଶ୍ରୀନଗରରେ ୨୫ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ତୃତୀୟ ଜୁନିଅର ଏସିଆନ୍ ପେନକାକ ସିଲଟ୍ ଚାମ୍ପିଅନସିପରେ ଦେଶକୁ ଗର୍ବିତ କରିଛନ୍ତି। ଏହି ଚାମ୍ପିଅନସିପରେ ୧୨ ଦେଶରୁ ୩୫୦ରୁ ଉର୍ଦ୍ଧ୍ୱ ବାଳକ ଅବଂ ବାଳିକା ମାନେ ଭାଗ ନେଇଥିଲେ। ନିତିଶା ବାରିକ ସୋଲୋ ଓ ରେଗୁ ବିଭାଗରେ ୨ଟି କାଂସ୍ୟ ପଦକ ହାସଲ କରିଥିଲେ। ଗାୟତ୍ରୀ ଦାସ ରେଗୁ ବିଭାଗରେ ୧ଟି କାଂସ୍ୟ ପଦକ ଜିତିଥିଲେ। ତେବେ ଭାରତୀୟ ପେନକାକ ସିଲଟ୍ ଆସୋସିଏସନର ସଭାପତି କିଶୋର ପ୍ରକାଶ ୟେୱାଲେ ଓ ସାଧାରଣ ସମ୍ପାଦକ ତାରିକ୍ ଆହମଦ୍ ଜାରଗର, ପେନକାକ ସିଲଟ୍ ଆସୋସିଏସନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂହ ଥାପା, ସଭାପତି ତାପସ କୁମାର ରାୟଚୌଧୁରୀଙ୍କ ସହଯୋଗ ଓ ମୂଲ୍ୟବାନ ପରାମର୍ଶ ପାଇଁ କୃତଜ୍ଞତା ଜଣାଯାଇଛି। କୃତୀ ପ୍ରତିଯୋଗୀମାନଙ୍କୁ ପେନକାକ ସିଲଟ୍ ଆସୋସିଏସନ୍ ଅଫ ସୁନ୍ଦରଗଡ଼ ସଂଗଠନର ସଭାପତି ହର୍ମନ୍ ଲାକ୍ରା, ଉପସଭାପତି ସୁଶାନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀୟା କୋହଲି, ସଞ୍ଚିତା ଗୁପ୍ତା, ରାକେଶ କୁମାର ବେହେରା, ନିକ୍କି କୁମାରୀ, ସମ୍ପାଦକ ଶରତ କୁମାର ଦାସ, ସହ ସମ୍ପାଦକ ଜିତେନ୍ଦ୍ର କୁମାର ଶୁଭେଚ୍ଛା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଲାଞ୍ଜିଗଡ଼ରେ ସାର୍ବଜନୀନ ଦୁର୍ଗାପୂଜା, ରାବଣ ପୋଡ଼ି

**ଲାଞ୍ଜିଗଡ଼, ୪।୧୦(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରେ ସାର୍ବଜନୀନ ଦୁର୍ଗାପୂଜା ରାବଣ ପୋଡି ସହ ଗୁରୁବାର ସମ୍ପୂର୍ଣ୍ଣ ହୋଇଯାଇଛି। ଚଳିତ ବର୍ଷ ଲାଞ୍ଜିଗଡ଼ ଦୁର୍ଗାପୂଜା ୬୦ ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାକୁ ଆକର୍ଷଣୀୟ ଓ ଉତ୍ସବ ମୁଖର କରିବା ପାଇଁ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ସହିତ ମେଲୋଡି ପରିବେଷଣ ସହିତ ଦୋକାନ ବଜାର ଶେଷ ଦିବସରେ ରାବଣ ପୋଡି ବ୍ୟବସ୍ଥା ରହିଥିଲା। ଶନିବାର ଅପରାହ୍ନରେ ଦୁର୍ଗା ପୂଜା କମିଟି ପକ୍ଷରୁ ଲାଞ୍ଜିଗଡ଼ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ବିରାଟ କଳସ ଯାତ୍ରାରେ ବାହାରି ନିକଟସ୍ଥ ବଂଶୀଧାରା ନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ରବିବାର ଠାରୁ ଦେବୀ ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହୋଇଥିବା ବେଳେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ




ଏଥର ଆକର୍ଷଣୀୟ ମୂର୍ତ୍ତି ସହିତ ମେଢ ଓ ମଣ୍ଡପ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପାଞ୍ଚଦିନ ଧରି ଚାଲିଥିବା ଏହି ପୂଜାରେ କର୍ତ୍ତା ଭାବେ ପିତାମ୍ବର ଡ଼ମବିଶି ଓ ତାଙ୍କ ଧର୍ମ ପତ୍ନୀ ଦେବକୀ ଡ଼ମବିଶି ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଡ.ରୋହିତ କୁମାର ଆଚାର୍ଯ୍ୟ ରହିଥିବା ବେଳେ ତାଙ୍କ ସହିତ ଡ଼. ମୋହନ ପୁରୋହିତ, ବିଶ୍ୱଜିତ ଚାନ୍ଦ, ଅଭିଷେକ ଦେବତା, ଦେବାଶିଷ ଦେବତା ରହିଛନ୍ତି।ପୂଜା ମଣ୍ଡପରେ ଦୀନବନ୍ଧୁ ବାରିକ, ଲିଙ୍ଗରାଜ ବାରିକ ଓ ମନରଞ୍ଜନ ବାରିକ, ସନ୍ତୋଷ ମହାଖୁଡ଼, କମଳାକାନ୍ତ ମହାଖୁଡ ସହଯୋଗ କରିଥିଲେ। ଲାଞ୍ଜିଗଡ଼ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହୋଇଥିବା ଦୁର୍ଗା ପୂଜା ଏବଂ ରାବଣ ପୋଡି ଲାଞ୍ଜିଗଡ଼ ଯୁବକ ସଂଘର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସେହିପରି ଆୟୋଜକ କମିଟି ପକ୍ଷରୁ ଲାଞ୍ଜିଗଡ଼ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ, ଯୁବକ ସଂଘ ପୂର୍ବତନ ସଭାପତି ବିନୋଦ ଗଉଡ଼, ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା, ସଞ୍ଜୀବ ପେଶନିଆ, ସତ୍ୟନାରାୟଣ ନାଏକ, ସମେତ ଲାଞ୍ଜିଗଡ଼ ଯୁବକ ସଂଘ ସମସ୍ତ ସଦସ୍ୟ ଓ ଅଞ୍ଚଳର ଯୁବଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି।ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଲାଞ୍ଜିଗଡ଼ ଥାନା ଅଧିକାରୀ ଯଶବନ୍ତ ହିଆଲଙ୍କ ତତ୍ତ୍ୱାବଧାନରେ ଲାଞ୍ଜିଗଡ଼ ପୁଲିସ ପକ୍ଷରୁ ଏସଆଇ ଡୋଳାମଣି ବିଶି, ଏଏସଆଇ ବଳଭଦ୍ର ଗଉଡ଼ ଓ ସଞ୍ଜୟ ବୈଠାରୁ, ହାବିଲଦାର ନରସିଂହ ଦାସ ସମେତ ଆଇଆରବି ପୁଲିସ ସହଯୋଗ କରିଥିଲେ।ଅଗ୍ନିଶମ ବିଭାଗ ଓ ମେଡ଼ିକାଲର କର୍ମଚାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ଗୁରୁବାର ଶେଷ ଦିନର ରାବଣ ପୋଡି କାର୍ଯ୍ୟକ୍ରମରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ମଧ୍ୟ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଉପସ୍ଥିତ ଥିଲେ ଓ ଏହି ବର୍ଷ ପୂଜା କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।ସେହିପରି ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର, ପୋଖରିବନ୍ଧ, ଲାଞ୍ଜିଗଡ଼ରୋଡ ଓ ରାମଚନ୍ଦ୍ରପୁର ଠାରେ ମଧ୍ୟ ଦୁର୍ଗାପୂଜା ସମ୍ପନ୍ନ ହୋଇଯାଇଛି।



ରିଆଲିଟି ଶୋ'ରୁ ଓଲିଉଡ୍‌କୁ ଯାତ୍ରା । ହୃଦୟସ୍ପର୍ଶୀ ଓ ଉଚ୍ଚକୋଟୀର ତାଙ୍କ ଅଭିନୟ । ରୋମାଣ୍ଟିକ୍ ସିନ୍ ହେଉ କି ଇମୋସନାଲ ଅବା ଥ୍ରିଲର, ସବୁଠି ସେ ନିଜ ପ୍ରତିଭାର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି । ଏମିତି ଜଣେ ଅଭିନେତ୍ରୀ ହେଉଛନ୍ତି ଓଲିଉଡର ଚୁଲ୍‌ବୁଲି ନାୟିକା ଏଲିନା ସାମନ୍ତରାୟ । ସେ ଜଣେ ପ୍ରକୃତି ପ୍ରେମୀ ମଧ୍ୟ । 'ଇସ୍କ ତୁ ହି ତୁ' ଥିଲା ତାଙ୍କର ଡେବ୍ୟୁ ଫିଲ୍ମ । 'କେହି ନୁହଁ କାହାର', 'ମୁଁ ଖାଣ୍ଟି ଓଡ଼ିଆ ଝିଅ', 'ଲଭ୍ ଷ୍ଟେସନ୍', 'ଅଭୟ', 'ପାପ', 'ପ୍ରତିଶୋଧ', 'ପାବାର' ଆଦି ଅନେକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି । ଏବେ ଦଶହରାରେ ରିଲିଜ୍ ହୋଇଛି ତାଙ୍କ ଅଭିନୀତ 'ଚ୍ୟାଲେଞ୍ଜ' । ଏଥିରେ ସେ 'ସ୍ନେହା' ଚରିତ୍ରରେ ନଜର ଆସିଛନ୍ତି । 'ଚ୍ୟାଲେଞ୍ଜ'କୁ ନେଇ ଏଲିନାଙ୍କ ଅନୁଭୂତି, ତାଙ୍କର ଆଗାମୀ ପ୍ରୋଜେକ୍ଟ ବିଷୟରେ ଜାଣିବା ତାଙ୍କ ମୁହଁରୁ... ।

# "ସିନେମାରେ ବଜେଟ୍ ନୁହେଁ, କାହାଣୀକୁ ଗୁରୁତ୍ୱ ଦିଏ"

**ଏଲିନା ସାମନ୍ତରାୟ, ଅଭିନେତ୍ରୀ**

**ଏଲିନାଙ୍କ ଆଗାମୀ ଯୋଜନା ?**

● ଖୁବ୍ ଶୀଘ୍ର ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବି । ଏହା ବାସ୍ତବଧର୍ମୀ ସୁନ୍ଦର କାହାଣୀ ଉପରେ ପର୍ଯ୍ୟବସିତ । ଏମିତି ସିନେମା ଓଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ନିହାତି ଦରକାର । ସିନେମାରେ ଜୟପ୍ରକାଶ ମହାନ୍ତି ( ଟିଲୁ ଭାଇଙ୍କ) ସହିତ ମୋର କେମେଷ୍ଟ୍ରି ଦେଖିବାକୁ ମିଳିବ ।

**'ଚ୍ୟାଲେଞ୍ଜ'କୁ ନେଇ କ'ଣ କହିବେ?**

● ଚ୍ୟାଲେଞ୍ଜ ଗୋଟେ ସୁନ୍ଦର କାହାଣୀ । ମଲ୍ଟିଷ୍ଟାର୍ କାଷ୍ଟ ସିନେମା । ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ସମାଜ ପାଇଁ ଭଲ ବାର୍ତ୍ତା ଦେଉଛି ଯେ, ସତ୍ୟ ସହିତ ସବୁବେଳେ ସମସ୍ତେ ଛିଡ଼ା ହେବା ଆବଶ୍ୟକ । ଏହା ବ୍ୟତୀତ ସମାଜ ପାଇଁ କେଉଁଟା ଠିକ୍ ଆଉ ଭୁଲ୍, ଭାଇ-ଭଉଣୀର ସମ୍ପର୍କ, ପ୍ରେମ, ଇମୋସନ୍ ସବୁକିଛି ରହିଛି ଏହି ସିନେମାରେ । ଗୋଟେ ଭଲ କାହାଣୀ ଆଣିବାକୁ ପୂରା ଟିମ୍ ପରିଶ୍ରମ କରିଛୁ । ଗୌରବ ଆନନ୍ଦ ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ଫିଲ୍ମର ଗୀତ ଗୁଡ଼ିକ ଭଲ ହୋଇଛି । ଅମିତ ସାର୍ କୋରିଓଗ୍ରାଫ୍ କରିଛନ୍ତି । ସମସ୍ତ ଟେକ୍ନିସିଆନ୍ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି ଫିଲ୍ମଟିକୁ ଆକର୍ଷଣୀୟ କରିବା ପାଇଁ । ଭିଜିଏମ୍ ବହୁତ ସୁନ୍ଦର ରହିଛି । ପ୍ରତ୍ୟେକ ସିନ୍‌ରେ ବ୍ୟାକଗ୍ରାଉଣ୍ଡ ସାଉଣ୍ଡର ବି ନୂତନତ୍ୱ ରହିଛି । ସିନେମାଟି ସମସ୍ତଙ୍କ ମନକୁ ଛୁଇଁବ ବୋଲି ମୋର ଆଶା ।

କାମ କରିବାକୁ ଇଚ୍ଛା ଅଛି । ମୁଁ ସିନେମାର ବଜେଟ ନୁହେଁ, ମୌଳିକତାକୁ ହିଁ ଗୁରୁତ୍ୱ ଦିଏ । କାହାଣୀକୁ ସୁଟ୍ କରିବା ପରି ନୃତ୍ୟଭିତ୍ତିକ ଗୀତ କରେ ।

**ଡ୍ରିମ୍ ରୋଲ ?**

● ନୂଆ କରି ଇଣ୍ଡଷ୍ଟ୍ରିକୁ ଆସିବାବେଳେ ଡ୍ରିମ୍ ରୋଲ୍‌କୁ ନେଇ ମନରେ ଖୁସି ଥିଲା । ଏବେ ଭଲ କାହାଣୀରେ

**'ସ୍ନେହା' ଚରିତ୍ର ପାଇଁ କେମିତି ପ୍ରସ୍ତୁତ ହୋଇଥିଲେ?**

● ସ୍ନେହା ଜଣେ ସରଳ ଝିଅର କାହାଣୀ । ସେ ପ୍ରତ୍ୟେକ ପରିସ୍ଥିତିରେ ନିଜର ଭାଇ-ଭାଉଜଙ୍କ ସହିତ ରହୁଛି । ଆଦିତ୍ୟକୁ ସେ ଭଲ ପାଉଛି । ସହରର ପ୍ରତିଷ୍ଠିତ ବ୍ୟକ୍ତି ଜେଡି କିପରି ଡାକ୍ତରଖାନା ତିଆରି କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛି ଆଉ ନେତା ମନ୍ତ୍ରୀଙ୍କ ସହଯୋଗ ପାଉଛି, ଆଦିତ୍ୟ ସହିତ ମିଶି ସ୍ନେହା ତା'ର ପର୍ଦ୍ଦାଫାସ କରୁଛି । ଜେଡିକୁ ଚ୍ୟାଲେଞ୍ଜ ଦେବାକୁ ଆଦିତ୍ୟକୁ ସ୍ନେହା ସାହସ ଦେଉଛି । ସୁଖଶାନ୍ତି ସବୁକୁ ହରାଇ ବି ଆଦିତ୍ୟ ଶେଷରେ ଜେଡିକୁ ଧ୍ୱଂସ କରୁଛି । ତେଣୁ ବହୁତ ସୁନ୍ଦର ଭାବେ ମୋର ଚରିତ୍ରକୁ ସଜାଇଛନ୍ତି ପୁଚୁ ଭାଇ । ଅର୍ଦ୍ଧେନ୍ଦୁଙ୍କ ସହିତ କାମ କରିବାର ଅନୁଭୂତି ବି ନିଆରା । ସୁନ୍ଦର ଦେଖାଯିବା ପାଇଁ ଧନ୍ୟବାଦ ଦେବି ଡିଓପି ପ୍ରତାପ ଭାଇଙ୍କୁ । "ଦୁଲ୍‌ଦୁଲି' ଗୀତକୁ ବହୁତ ଭଲ ପାଇବା ମିଳୁଛି । ରୋମାଣ୍ଟିକ୍ ଗୀତ "ମଖମଲି ମିଶିରି' ବି ଭଲ ହୋଇଛି । ସ୍ନେହା ଚରିତ୍ରକୁ ମୁଁ କେତେ ପ୍ରତିଶତ ଭଲ କରି ପାରିଛି, ତାହା ଦର୍ଶକ ହିଁ କହି ପାରିବେ । ଏହି ବାସ୍ତବଧର୍ମୀ ସିନେମାଟି ନିଶ୍ଚିତ ଦର୍ଶକଙ୍କୁ ଛୁଇଁବ । ଦର୍ଶକଙ୍କ ପ୍ରତିକ୍ରିୟାରେ ଆମ ଭୁଲ୍ ଠିକ୍ ସଜାଡ଼ି ହୋଇ ପାରିବ ।

**ଆପଣଙ୍କ ପ୍ରାୟ ସିନେମାରେ ଟ୍ରେନ୍ ସିନ୍ ଥାଏ, ଏହାକୁ ନେଇ କିଛି ସ୍ମରଣୀୟ ମୁହୂର୍ତ୍ତ ଅଛି?**

● ଟ୍ରେନ୍‌ରେ ସିନ୍ ଭଗବାନଙ୍କ ଆଶୀର୍ବାଦ । ସାଇ କିରଣ ମଙ୍ଗରାଜ ଭାଇଙ୍କୁ ଧନ୍ୟବାଦ ଦେବି । ସେ 'ଚ୍ୟାଲେଞ୍ଜ'ରେ ପ୍ଲାଟଫର୍ମରେ ମୋ ପାଇଁ 'ଡିଡିଏଲ୍' ସିନ୍ ତିଆରି କରିଛନ୍ତି । 'ଡିଡିଏଲ' ଗୀତ ସାଙ୍ଗକୁ ହଠାତ୍ ମୋ ଉପରେ ଫୁଲ ବର୍ଷୁଛି । ହିରୋ ମୋ' ହାତକୁ ଭିଡ଼ି ଟ୍ରେନ୍‌କୁ ନେଉ ଯାଉଛନ୍ତି । ଡିଡିଏଲ୍ ସିନ୍ କରିବା ସୌଭାଗ୍ୟର ବିଷୟ । ଏହା ମୋ' ପାଇଁ ସ୍ମରଣୀୟ ରହିବ ।

**ଆପଣଙ୍କ ନୃତ୍ୟଭିତ୍ତିକ ଗୀତର ସବୁବେଳେ କ୍ରେଜ୍ ଥାଏ । ସେନେଇ କ'ଣ କହିବେ?**

● ଧନ୍ୟବାଦ ଦେବି ଅମିତ ସାର୍‌ଙ୍କୁ । 'ଦୁଲ୍‌ଦୁଲି', 'ମଖମଲି ମିଶିରି' ଆଦି ଗୀତ ସବୁ ସେ କରାଇଛନ୍ତି । ତା' ପୂର୍ବରୁ 'ଲାଲ୍ ଟହ ଟହ...' ଗୀତ ବି ଟ୍ରେଣ୍ଡରେ ରହିଥିଲା । ପ୍ରାୟତଃ ନୃତ୍ୟଭିତ୍ତିକ ଗୀତ ବ୍ୟାବସାୟିକ ସଫଳତା ପାଇଛି । ମୁଁ ନାଚକୁ ଏନ୍‌ଜଏ କରେ । ହେଲେ ମୋତେ ଗାଇଡାନ୍ସ ନିହାତି ଦରକାର ଥାଏ । ସବୁ ଶ୍ରେୟ ଅମିତ ସାର୍‌ଙ୍କୁ ଦେବି । ମୋର ଲୁକ୍ ତିଆରି ପାଇଁ ଟିମ୍ ମଧ୍ୟ ବହୁତ ପରିଶ୍ରମ କରନ୍ତି ।

**ଫିଟ୍ ରହିବାକୁ କ'ଣ କରନ୍ତି?**

● କଳାକାରଙ୍କୁ ସବୁବେଳେ ଫିଟ୍ ରହିବାକୁ ହୁଏ । ସେଥିପାଇଁ ମୁଁ ଘର ପ୍ରସ୍ତୁତ ସନ୍ତୁଳିତ ଖାଦ୍ୟ ଖାଏ । ୱାର୍କଆଉଟ୍ କରେ । ଏକ ସୁସ୍ଥ ଜୀବନଶୈଳୀ ହିଁ ଜଣଙ୍କୁ ସୁସ୍ଥ ରଖିବାରେ ଭୂମିକା ଗ୍ରହଣ କରେ ।

**ଦର୍ଶକଙ୍କୁ କ'ଣ ମେସେଜ ଦେବେ?**

● ଦର୍ଶକ ହେଉଛନ୍ତି ଭଗବାନ । ମୁଁ ସୌଭାଗ୍ୟଶାଳୀ ଯେ ଓଡ଼ିଶାର ଦର୍ଶକ ମୋତେ ଭଲପାଇବା ଦେଇଆସିଛନ୍ତି । ଯେବେ ବି କିଛି ସିନେମା ନେଇ ଆସିଛି , ସମସ୍ତେ ଭଲ ପାଇବା ଦେଉଛନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ମୋତେ ମେସେଜ୍ କରୁଛନ୍ତି । ତେଣୁ ଦର୍ଶକଙ୍କ ଭଲ ପାଇବା ଏମିତି ରହିଥାଉ ।



# ଷ୍ଟାଇଲିସ୍ ହିରୋ ଲୋହିତାକ୍ଷ

ଷ୍ଟାଇଲ ଯେମିତି, ସ୍ମାଇଲ ସେମିତି । ହାଇଟ୍ ଯେମିତି, ଫାଇଟ୍ ସେମିତି । ଯେମିତି କନ୍ଦେଇ ପାରନ୍ତି, ସେମିତି ହସେଇ ବି ପାରନ୍ତି । ଆଗାମୀ ଚଳଚ୍ଚିତ୍ର 'ଲଢ଼େଇ' ଜରିଆରେ ଇଣ୍ଡଷ୍ଟ୍ରିରେ ଆଉ ଜଣେ ନାୟକଙ୍କର ଆବିର୍ଭାବ ଘଟିବାକୁ ଯାଉଛି । ସେ ହେଉଛନ୍ତି ଲୋହିତାକ୍ଷ ପଟ୍ଟନାୟକ । ତାଙ୍କର ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ ଦେଖି ନୂଆପିଢ଼ିର ସବୁ ନାୟିକା ଫିଦା । ଯଦିଓ ଆଗରୁ ସେ ଅନେକ ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି । ତେବେ ନାୟକ ଭାବରେ ଏହା ତାଙ୍କର ପ୍ରଥମ ସିନେମା । 'ହୋମ୍ ପ୍ରଡକ୍ସନ' ବ୍ୟାନରର ଏହି ଚଳଚ୍ଚିତ୍ରରେ ତାଙ୍କୁ ଉପସ୍ଥାପିତ କରାଯାଉଛି । ତେଣୁ ନିର୍ମାତା ଦେବାଶିଷ ପଟ୍ଟନାୟକ କୌଣସିଥିରେ କିଛି ଊଣା କରି ନାହାଁନ୍ତି ଏବଂ ଏ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ନିର୍ଭରଯୋଗ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ହାତରେ । ଲୋହିତାକ୍ଷଙ୍କୁ ଆଖିରେ ରଖି କାହାଣୀ ଲେଖା ଯାଇଛି ଏବଂ ତାଙ୍କ ବିପକ୍ଷରେ ଜଣେ ନବାଗତାଙ୍କୁ ସୁଯୋଗ ମିଳିଛି । ସେହି ନାୟିକାଙ୍କ ନାଁ ହେଉଛି ଅଭିଲିପ୍ସା । ନିଜର ନୂଆ ଲୁକ, ନୂଆ ଇମେଜ ଓ ନୂଆ ଅନ୍ଦାଜରେ ଲୋହିତାକ୍ଷ ସମସ୍ତଙ୍କର ମନ ଜିଣିବେ ବୋଲି ପ୍ରଯୋଜନା ସଂସ୍ଥା ଦୃଢ ଆଶାବାଦୀ ଅଛନ୍ତି । 'ଲଢେଇ' ଆଗାମୀ ଦୀପାବଳିରେ ମୁକ୍ତିଲାଭ କରିବ ବୋଲି କୁହାଯାଉଛି ।

# ନଭେମ୍ବରରେ 'ଦର୍ପଣ'



ଦର୍ପଣ ଭିତରେ ଦିଶିବ ଏକ ଭୟଙ୍କର ଚେହେରା । ମଣିଷ ଭିତରର ରାକ୍ଷସ ଚରିତ୍ର ପଦାକୁ ଫୁଟି ଆସିବ । ଯାହାକୁ ଦେଖି ହଲରେ ଥରିବେ ଦର୍ଶକ । ଭରପୂର କମେଡ଼ି ସହିତ ଡ୍ରାମା ବି ଜବରଦସ୍ତ । ଏମିତି ଏକ ନିଆରା ରହସ୍ୟଭରା କାହାଣୀକୁ ନେଇ ନଭେମ୍ବରରେ ପରଦାକୁ ଆସିବ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଦର୍ପଣ' । ନିତିଦିନିଆ ଜୀବନରେ ଦର୍ପଣ ହିଁ ଦେଖାଏ ପ୍ରତିଛବି । ବେଳେବେଳେ ମଣିଷ ସାମ୍ନାରେ ଏହାକୁ ରଖିଦେଲେ ହୁଏତ ମୁହଁ ତଳେ ଲୁଚିଥିବା ଭିନ୍ନ ଏକ ଭୟଙ୍କର ରୂପ ସାମ୍ନାକୁ ଆସିଯାଏ । ଏହିଭଳି ଏକ ରହସ୍ୟଭରା କାହାଣୀକୁ ଚଳଚ୍ଚିତ୍ରର ରୂପ ଦେଇଛନ୍ତି ସିନେମାର ନିର୍ଦ୍ଦେଶକ ଭରତ ପୁଷ୍ପରାଗ । ପ୍ରଥମ ଥର 'ସାୟନ୍ ପ୍ରଡକ୍ସନ ହାଉସ୍' ବ୍ୟାନରରେ ନିର୍ମାଣ ହୋଇଛି ପ୍ରଥମ ଓଡ଼ିଆ ହରର୍ ସହ ସାଇକୋ ଥ୍ରିଲର୍ ସିନେମା 'ଦର୍ପଣ' । ଯାହା ଏକ ଭୟାନକ କାହାଣୀ ଉପରେ ଆଧାରିତ । ଯେଉଁଥିରେ ହରର୍, ସସ୍‌ପେନ୍ସ ଓ ଫାମିଲି ଡ୍ରାମା ସହ ଭରପୂର କମେଡି ମଧ୍ୟ ରହିଛି । ଏହି ଚଳଚ୍ଚିତ୍ରରେ ନାୟକ ଭାବରେ ନଜର ଆସୁଛନ୍ତି ଅଙ୍କିତ କୁମାର । ଅଙ୍କିତଙ୍କ ବିପକ୍ଷରେ ଅଛନ୍ତି ସୁନ୍ଦରୀ ନାୟିକା ତୃପ୍ତି ମୀରାମ୍ବିକା । ଆଗରୁ ତୃପ୍ତି ଓ ଅଙ୍କିତ୍ ଅନେକ ସିନେମା ସହ ବଡ଼ ପରଦାରେ ମଧ୍ୟ ଅଭିନୟ କରିସାରିଛନ୍ତି । ଏହି ଦର୍ପଣ ସିନେମା ମାଧ୍ୟମରେ ଏ ଦୁହିଁଙ୍କୁ ଦମଦାର ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ । ଏତଦ୍ ବ୍ୟତୀତ ଏହି ସିନେମାରେ ନୂଆ ଓ ପୁରୁଣା ଉଭୟ କଳାକାରମାନଙ୍କୁ ଦର୍ଶକ ଦେଖିବାକୁ ପାଇବେ । ହିରଣ୍ମୟୀ, ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା, ଏମିତି ବହୁତ କଳାକାରଙ୍କୁ ଦେଖିବାକୁ ମିଳିବ । ଏହି ଚଳଚ୍ଚିତ୍ରର କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଦିଲ୍ଲୀପ କୁମାର ସାହୁ । ଏହାର ସୁଟିଂ ଓଡ଼ିଶା ସମେତ ଓଡ଼ିଶା ବାହାରେ ମଧ୍ୟ ବିଭିନ୍ନ ସ୍ଥାନରେ ହେଉଛି । 'ଦର୍ପଣ' ଚଳଚ୍ଚିତ୍ରରେ ମ୍ୟୁଜିକ୍ ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ ଟୁନୁ ପଟ୍ଟନାୟକ । ସେହିପରି ଅସୀମା ପଣ୍ଡା, ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି । ଏହାର ସଂଳାପ ଲେଖିଛନ୍ତି କମେଶ ଶୁକ୍ଳା ଓ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ । ଉକ୍ତ ଚଳଚ୍ଚିତ୍ରରେ ଦର୍ଶକମାନେ ନିହାତି ଭାବରେ କିଛି ଭିନ୍ନ ଦେଖିବାକୁ ପାଇବେ ବୋଲି ପ୍ରଯୋଜକ ଆଶା ରଖିଛନ୍ତି ।



ପରଦା ପଛର କାହାଣୀ

# ଓଟିଟିରେ 'ଘମାଘୋଟ୍'ର ରେକର୍ଡ

ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଗତ ସେପ୍ଟେମ୍ବର ୨୨ରେ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟରେ ଡିଜିଟାଲ୍ ପ୍ରିମିୟର ହୋଇଥିଲା । ଯାହାକି ଓଟିଟିରେ ରେକର୍ଡ ବ୍ରେକ୍ କରିଛି । ମାତ୍ର ୨୧ ଦିନରେ ୪ ଲକ୍ଷ ଭିୟୁଜ୍ ଏହା ସଂଗ୍ରହ କରିଛି । 'କୌସ୍ତବ ଡ୍ରିମୱାର୍କ୍ସ ଷ୍ଟୁଡିଓ' ଅଧୀନରେ ତଥା କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା. ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ଓଡ଼ିଶାର ଫିଲ୍ମ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା । ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ରାଜ୍ୟରେ ଗ୍ୟାଙ୍ଗ ୱାରର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା ନିର୍ଦ୍ଦେଶକ ରାଜା ଡି. କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା । ଫଳରେ ଏହା ଫାଇଟ୍ ଦୃଶ୍ୟଗୁଡ଼ିକକୁ ଅତ୍ୟନ୍ତ ନିଛକ ଏବଂ ବାସ୍ତବବାଦୀ କରିଥିଲା । ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍‌ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଣା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ।





# 'ହେ ମା'ର ଶୁଭମୁକ୍ତି

ଶାରଦୀୟ ଦୂର୍ଗାପୂଜା ଅବସରରେ 'ମଞ୍ଜୀୟ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ଆଧୁନିକ ମ୍ୟୁଜିକ୍ ଭିଡିଓ 'ହେ ମା'ର ଶୁଭମୁକ୍ତି ହୋଇଯାଇଛି । ଏହାର ପରିକଳ୍ପନା କରିଛନ୍ତି ମଙ୍ଗଳ ଜ୍ୟୋତି ଦାସ । ଗୀତ ଲେଖିଛନ୍ତି ବିଶିଷ୍ଟ ଗୀତିକାର ସଚି ମହାନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ । କଣ୍ଠଦାନ କରିଛନ୍ତି ବିଖ୍ୟାତ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା । ଏହାର ପ୍ରଯୋଜନା ଭାର ନନ୍ଦିତା ଦାସ ନେଇଥିବା ବେଳେ କାର୍ଯ୍ୟନିର୍ବାହୀ ପ୍ରଯୋଜନା କରିଛନ୍ତି ଚିତ୍ରଶିଳ୍ପୀ ଓ କଥାକାର ସଂଜୟ ଭଟ୍ଟ । ତେବେ ଏହି ଆଧୁନିକ ମ୍ୟାଜିକ୍ ଭିଡିଓକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି ।

# ଗୁଳି ବର୍ଷଣ ମଧ୍ୟରେ ଫିଲ୍ମ ସୁଟିଂ

ହିନ୍ଦୀ ସିନେମା ଜଗତରେ ଜଣେ ସାହସୀ ଅଭିନେତା ତଥା ନିର୍ଦ୍ଦେଶକ ଭାବେ ପରିଚିତ ଫିରୋଜ ଖାନ୍ । ବଲିଉଡ୍‌ର ଜଗତରେ ସେ 'କାଓବୟ' ଭାବେ ପରିଚିତ । ସେ ଜଣେ ଲୋକପ୍ରିୟ ଅଭିନେତା, ନିର୍ଦ୍ଦେଶକ ଓ ପ୍ରଯୋଜକ ଥିଲେ । ଫିରୋଜ ଖାନ୍ ତାଙ୍କ ଷ୍ଟାଇଲିସ୍ ଅନ୍ଦାଜ ପାଇଁ ବେଶ୍ ଜଣାଶୁଣା । ତାଙ୍କ ନିର୍ମିତ ଫିଲ୍ମରେ ଗ୍ଲାମର୍, ବୋଲ୍‌ଡ ଦୃଶ୍ୟ ଅଧିକ ଥାଏ । ସେ ଫିଲ୍ମରେ ପରଫେକ୍ଟ ସଟ୍ ଦେବା ପାଇଁ ଯେ କୌଣସି ବିପଦପୂର୍ଣ୍ଣ ସ୍ଥାନରେ ମଧ୍ୟ ସୁଟିଂ କରିବାକୁ ଆଗେଇ ଆସୁଥିଲେ । ତାଙ୍କ ଫିଲ୍ମ 'ଧର୍ମାତ୍ମା'କୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ସେ ଏହି ଫିଲ୍ମକୁ ଗୁଳି ବର୍ଷଣ ମଧ୍ୟରେ ସୁଟିଂ କରିଥିଲେ । ନିର୍ଦ୍ଦେଶକ ଭାବେ ତାଙ୍କ ପ୍ରଥମ ଫିଲ୍ମ 'ଧର୍ମାତ୍ମା'ର ଯୋଜନା କରୁଥିଲେ, ଏହି ଫିଲ୍ମଟିକୁ ସେ କୌଣସି ସାଧାରଣ ସ୍ଥାନ ନୁହେଁ,ବରଂ ସୁନ୍ଦର ଓ ସାଂସ୍କୃତିକ ପରିବେଶ ମଧ୍ୟରେ ସୁଟିଂ କରିବେ । ଏହାରି ମଧ୍ୟରେ ତାଙ୍କ ନଜର ଆଫଗାନିସ୍ତାନ ଉପରେ ପଡ଼ିଥିଲା । କିନ୍ତୁ ସେତେବେଳେ ସେଠାରେ ରାଜନୈତିକ ଅସ୍ଥିରତା ଲାଗି ରହିଥିଲା । ସ୍ଥିତି ଏତେ ଖରାପ ଥିଲା ଯେ, ଫିଲ୍ମ ନିର୍ମାତାମାନେ ସେଠାକୁ ଯିବାକୁ ଭୟ କରୁଥିଲେ । କିନ୍ତୁ ଫିରୋଜ ଖାନ୍ ଆଫଗାନିସ୍ତାନର ମରୁଭୂମି ଓ ପାହାଡ଼ରେ ଫିଲ୍ମ ସୁଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ତାଙ୍କ ଫିଲ୍ମର କାହାଣୀ ଅନୁସାରେ ଏହି ସ୍ଥାନ ପରଫେକ୍ଟ ବୋଲି ସେ କହିଥିଲେ । ସୁଟିଂ ସମୟରେ ତାଙ୍କ ଟିମ୍ ଉପରେ ଅଚାନକ ଗୁଳି ମାଡ଼ ହୋଇଥିଲା । ସୁଟିଂ ସେଟ୍‌ରେ ଥିବା ସମସ୍ତ କଳାକାର ଭୟଭୀତ ହୋଇପଡ଼ିଥିଲେ । ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ ଭାବିଥିଲେ । କିନ୍ତୁ ଫିରୋଜ ଖାନ୍ ହାର ମାନି ନଥିଲେ । ସେଠାକାର ତତ୍କାଳୀନ ରାଷ୍ଟ୍ରପତି ମୋହମ୍ମଦ ଦାଉଦ ଖାନଙ୍କୁ ଭେଟିଥିଲେ । ରାଷ୍ଟ୍ରପତିଙ୍କୁ ତାଙ୍କ ଫିଲ୍ମର କାହାଣୀ କହିବା ସହ ଆଫଗାନିସ୍ତାନ ସୌନ୍ଦର୍ଯ୍ୟକୁ ସମଗ୍ର ବିଶ୍ୱରେ ଦେଖାଇବାକୁ ଚାହୁଁଥିବା କହିଥିଲେ । ଫିରୋଜ ଖାନ୍‌ଙ୍କ ସାହସ ଓ ନିଷ୍ଠା ଦେଖି ପ୍ରଭାବିତ ହୋଇଥିଲେ ରାଷ୍ଟ୍ରପତି । ତାଙ୍କୁ ଓ ତାଙ୍କ ଟିମ୍‌କୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଯୋଗାଇଥିଲେ । ଫଳରେ ଫିରୋଜ ଖାନ୍ ନିର୍ଭୟରେ ନିଜ ଫିଲ୍ମ ସୁଟିଂ କରିଥିଲେ । ତେଣୁ ସେ ନିଜ ଫିଲ୍ମ ପାଇଁ କିଛି ବି କରିପାରନ୍ତି ବୋଲି ଏଥିରୁ ପ୍ରମାଣିତ ହୋଇଥିଲା ।



### ପ୍ରଥମ ଟେଷ୍ଟରେ ଜାଡେଜା ଶ୍ରେଷ୍ଠ, ୧୦ରୁ ଦ୍ୱିତୀୟ ମୁକାବିଲା

# ଭାରତ ଇନିଂସ ଓ ୧୪୦ ରନରେ ବିଜୟୀ



**ଅହମ୍ମଦାବାଦ, ୪।୧୦ (ଏଜେନ୍ସି):** ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟମ୍ୟାଚ୍‌କୁ ଘରୋଇ ଭାରତ ଅଢ଼େଇ ଦିନରେ ଜିତିନେଇଛି। ପ୍ରଥମ ଦିନରୁ ଏକତରଫା ହୋଇଥିବା ଏହି ମ୍ୟାଚ୍ ଶନିବାର ୩ୟ ଦିନରେ ସମାପ୍ତ ହୋଇଥିଲା। ଅହମ୍ମଦାବାଦ ଟେଷ୍ଟକୁ ଭାରତ ଇନିଂସ ଓ ୧୪୦ ରନ୍‌ରେ ଜିତିବାରେ ସଫଳ ହୋଇଛି। ରବୀନ୍ଦ୍ର ଜାଡ଼େଜା ଓ ମହମ୍ମଦ ସିରାଜ୍‌ଙ୍କ ବୋଲିଂ ସଫଳତା ବଳରେ ଭାରତ ଏହି ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ୨୮୬ ରନ୍ ପଛରେ ରହିଥିବା ୱେଷ୍ଟଇଣ୍ଡିଜ୍ ୨ୟ ଇନିଂସରେ ମାତ୍ର ୧୪୬ ରନ୍‌କରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ୨ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାରେ ଭାରତ ଅପରାଜେୟ ୧-୦ ଲିଡ୍ ନେଇପାରିଛି। ଆସନ୍ତା ୧୦ରୁ ଦିଲ୍ଲୀରେ ଉଭୟ ଦଳଙ୍କ ମଧ୍ୟରେ ୨ୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍ ଖେଳାଯିବ। ଅପରାଜିତ ଶତକ ସହ ୪ଟି ୱିକେଟ୍ ନେଇଥିବା ରବୀନ୍ଦ୍ର ଜାଡ଼େଜା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଏହି ମ୍ୟାଚ୍‌ର ଶୁକ୍ରବାର ୨ୟ ଦିନ ଶେଷରେ ଭାରତ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍‌ରେ ୪୪୮ ରନ୍ କରିଥିଲା। ଶନିବାର ତୃତୀୟ ଦିନ ସକାଳୁ ସେହି ସ୍କୋର୍‌ରେ ଭାରତ ପ୍ରଥମ ଇନିଂସ ଘୋଷଣା କରିଥିଲା। ଫଳରେ ଭାରତ ୨୮୬ ରନ୍ ଆଗରେ ରହିଥିଲା। ରବୀନ୍ଦ୍ର ଜାଡ଼େଜା ୧୦୪ ଓ ୱାଶିଂଟନ ସୁନ୍ଦର ୯ ରନ୍‌କରି ଅପରାଜିତ ଥିଲେ। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ୱେଷ୍ଟଇଣ୍ଡିଜ୍ ନିମ୍ନମାନର ବ୍ୟାଟିଂ କରିଥିଲା। ଉଭୟ ଇନିଂସ୍‌କୁ ମିଶାଇ ୱେଷ୍ଟଇଣ୍ଡିଜ୍‌ର ଜଣେ ମାତ୍ର ବ୍ୟାଟ୍‌ସମ୍ୟାନ୍ ଅର୍ଦ୍ଧଶତକ ହାସଲ କରି ପାରିନଥିଲେ। ଦୁଇ ଓପ୍‌ନର ଜନ୍ କ୍ୟାମ୍ପବେଲ୍ ୧୪ ଓ ତ୍ୟାଗନାରାୟଣ ଚନ୍ଦ୍ରପଲ ୮ ରନ୍ କରିଥିଲେ। ମଧ୍ୟକ୍ରମରେ ବ୍ରାଣ୍ଡନ୍ କିଙ୍ଗ୍ (୫) ଏବଂ ଅଧିନାୟକ ରୋଷ୍ଟନ୍ ଚେଜ୍ ଓ ସାଇ ହୋପ୍ ୧ ରନ୍ ଲେଖାଏଁ କରିଥିଲେ। ୪୬ ରନ୍‌ରେ ଇଣ୍ଡିଜ୍ ୫ଟି ୱିକେଟ୍ ହରାଇବା ପରେ ଆଲିକ୍ ଆଥାନେଜ୍ ଓ ଜଷ୍ଟିନ୍ ଗ୍ରିଭ୍‌ସ ୪୬ ରନ୍ ଯୋଗ କରିଥିଲେ। ଆଥାନେଜ୍ ୩ଟି ଚୌକା ସହ ସର୍ବାଧିକ ୩୮ ରନ୍ କରିଥିଲେ। ଜଷ୍ଟିନ୍ ଗ୍ରିଭ୍‌ସ ୪ଟି ଚୌକା ସହ ୨୫ ରନ୍ କରିଥିଲେ। ଶେଷ ୱିକେଟ୍‌ରେ ୨୬ ରନ୍ ହୋଇଥିବା ବେଳେ ଏଥିରୁ ଜେଡେନ୍ ସିଲ୍‌ସ ୧୨ ବଲ୍‌ରୁ ୨ଟି ଛକା ଓ ଗୋଟିଏ ଚୌକା ସହ ୨୨ ରନ୍ କରିଥିଲେ। ଯୋହାନ୍ ଲେନ୍ ୧୪ ରନ୍ କରିଥିବା ବେଳେ ଖାରି ପିଏରେ ୧୩ ରନ୍‌କରି ଅପରାଜିତ ଥିଲେ। ରବୀନ୍ଦ୍ର ଜାଡ଼େଜା ୫୪ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ। ମହମ୍ମଦ ସିରାଜ୍ ୩୧ ରନ୍‌ରେ ୩ଟି ଓ କୁଲଦୀପ ଯାଦବ ୨୩ ରନ୍‌ଦେଇ ୨ଟି ୱିକେଟ୍ ନେଇଥିଲେ।

#### ସଂକ୍ଷିପ୍ତ ସ୍କୋର

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ**
୧୬୨/୧୦ (ଜଷ୍ଟିନ୍ ଗ୍ରୀଭସ୍-୩୨, ଶାଇ ହୋପ୍-୨୬, ରୋଷ୍ଟୋନ ଚେଜ୍-୨୪, ସିରାଜ-୪/୪୦, ବୁମ୍‌ରା-୩/୪୨, କୁଲଦୀପ ଯାଦବ-୨/୨୫)।

**ଭାରତ ପ୍ରଥମ ଇନିଂସ**
୪୪୮/୫, ଘୋଷିତ (ଧ୍ରୁବ ଜୁରେଲ-୧୨୫, ରବୀନ୍ଦ୍ର ଜାଡେଜା-୧୦୪ ନଟ୍‌ଆଉଟ, ଲୋକେଶ ରାହୁଲ-୧୦୦, ଚେଜ୍-୨/୯୦)।

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ**
୧୪୬/୧୦ (ଆଲିକ୍ ଆଥାନାଜେ-୩୮, ଗ୍ରୀଭ୍ସ-୨୫, ଜେଡେନ ସିଲ୍ସ-୨୨, ଜାଡେଜା-୪/୫୪, ସିରାଜ-୩/୩୧, କୁଲଦୀପ-୨/୩୧)।

### ● ୧୪୮ ବର୍ଷର କ୍ରିକେଟ ଇତିହାସରେ ପ୍ରଥମ

## ଗୋଟିଏ ବର୍ଷରେ ୨ଥର ୧୦୦ରେ ଆଉଟ ହେଲେ ରାହୁଲ

**ଅହମ୍ମଦାବାଦ, ୪।୧୦ (ଏଜେନ୍ସି):** ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟକୁ ଘରୋଇ ଭାରତ ଏକ ଇନିଂସ ଓ ୧୪୦ ରନରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଲୋକେଶ ରାହୁଲ ଶତକୀୟ ଇନିଂସ ଖେଳି ଦଳକୁ ବଡ଼ ବିଜୟ ଦେବାରେ ସହାୟତା କରିଥିଲେ। ଇନିଂସ ଓପନ କରିଥିବା ରାହୁଲ ଠିକ୍ ୧୦୦ ରନ କରି ଆଉଟ୍ ହୋଇଥିଲେ। ଏଥିସହ ସେ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ଦୁଇଥର ଠିକ୍ ୧୦୦ ରନରେ ଆଉଟ୍ ହେବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍। ରାହୁଲ ଏଥିପୂର୍ବରୁ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ସିରିଜରେ ଲର୍ଡ୍ସରେ ଠିକ୍ ୧୦୦ ରନ କରିବା ପରେ ଆଉଟ୍ ହୋଇଥିଲେ। ୧୮୭୭ ମସିହାରୁ ଟେଷ୍ଟ କ୍ରିକେଟ୍ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ୧୪୮ ବର୍ଷ ମଧ୍ୟରେ କୌଣସି କ୍ରିକେଟର ଗୋଟିଏ ବର୍ଷରେ ଦୁଇଥର ଟେଷ୍ଟରେ ୧୦୦ ରନରେ ଆଉଟ ହୋଇ ନ ଥିଲେ। ସେହିଭଳି ବିଶ୍ୱର ୭ମ କ୍ରିକେଟର୍ ଭାବେ ରାହୁଲ ଟେଷ୍ଟ କ୍ରିକେଟରେ ଦୁଇଥର ୧୦୦ ରନରେ ଆଉଟ୍ ହୋଇଛନ୍ତି।

## କ୍ରିକେଟ୍‌ରୁ ରସନାରାଙ୍କ ଅବସର



**ଭୁବନେଶ୍ୱର, ୪।୧୦ (ସମିସ):** ଓଡ଼ିଶାର ଆନ୍ତର୍ଜାତିକ ମହିଳା କ୍ରିକେଟର ରସନାରା ପରୱିନ ସମସ୍ତ ଫର୍ମାଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷ ବୟସ୍କା ରାସନାରା ୨୦୧୨ ଟ୍ୱେଣ୍ଟି୨୦ ବିଶ୍ୱକପ୍‌ରେ ଭାରତ ପାଇଁ ପାକିସ୍ତାନ ଓ ଶ୍ରୀଲଙ୍କା ବିପକ୍ଷରେ ୨ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ଖେଳି ୪ଟି ୱିକେଟ୍ ନେଇଥିଲେ। ୨୦୧୩ରେ ୱେଷ୍ଟଇଣ୍ଡିଜ୍ ମହିଳା ଦଳ ବିପକ୍ଷରେ ରାସନାରା ଏକମାତ୍ର ଦିନିକିଆ ମ୍ୟାଚ୍ ଖେଳି ୱିକେଟ୍ ପାଇନଥିଲେ। ବଲାଙ୍ଗିରର ଅଫ୍‌ସ୍ପିନର ରାସନାରା ପରୱିନ ପାଖାପାଖି ୨ ଦଶନ୍ଧି ଓଡ଼ିଶା ମହିଳା ଦଳ ପାଇଁ ଖେଳିଥିଲେ। ଓଡ଼ିଶା ଓ ଭାରତୀୟ କ୍ରିକେଟ୍ ପ୍ରତି ରାସନାରାଙ୍କ ଅବଦାନ ପାଇଁ ଓସିଏ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ତାଙ୍କ ଉଲ୍ଲେଖନୀୟ କ୍ରିକେଟ୍ ଜୀବନର ଲାଗି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ରାସନାରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ରଣଜୀ ଦଳରୁ ବିପ୍ଳବ, ସୂର୍ଯ୍ୟକାନ୍ତ, ଶାନ୍ତନୁ ବାଦ୍

**ଭୁବନେଶ୍ୱର, ୪।୧୦ (ସମିସ):** ରଣଜୀ ଟ୍ରଫିର ୨୦୨୫-୨୬ ଋତୁ ଚଳିତମାସ ୧୫ରୁ ଆରମ୍ଭ ହେଉଛି। ରଣଜୀ ଟ୍ରଫିରେ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଏ'ରେ ରହିଛି। ପ୍ରଥମ ୩ଟି ମ୍ୟାଚ୍ ଲାଗି ୧୫ ଜଣିଆ ଓଡ଼ିଶା ଦଳ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଘୋଷଣା କରିଛି। ଗତବର୍ଷ ଓଡ଼ିଶା ଛାଡ଼ି ମଧ୍ୟପ୍ରଦେଶ ଚାଲି ଯାଇଥିବା ବ୍ୟାଟ୍‌ସମ୍ୟାନ ଶୁଭ୍ରାଂଶୁ ସେନାପତି ପୁଣି ଓଡ଼ିଶା ଫେରିବା ପରେ ତାଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ଓପ୍‌ନର ସ୍ୱସ୍ତିକ ସାମଲ ଉପଅଧିନାୟକ ହୋଇଛନ୍ତି। ଗତବର୍ଷ ଓଡ଼ିଶାର ନେତୃତ୍ୱ ନେଇଥିବା ଓପ୍‌ନର ଶାନ୍ତନୁ ମିଶ୍ର ଦଳରୁ ବାଦ୍ ପଡ଼ିଛନ୍ତି। ଶାନ୍ତନୁଙ୍କ ସହ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଶାନ୍ତନୁ ଓ ବିପ୍ଳବ ଷ୍ଟାଣ୍ଡବାଇ ତାଲିକାରେ ଅଛନ୍ତି। ଦଳରେ ୩ ଜଣ ନୂଆ ମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଓପ୍‌ନିଂ ବ୍ୟାଟ୍‌ସମ୍ୟାନ ଗୌରବ ଚୌଧୁରୀ, ଅଲ୍‌ରାଉଣ୍ଡର ସମ୍ବିତ ବରାଳ ଓ ବାମହାତି ସ୍ପିନର ବାଦଲ ବିଶ୍ୱାଳ। ଓଡ଼ିଶା ଅକ୍ଟୋବର ୧୫ରୁ ବାରବାଟୀ ଷ୍ଟାଡିୟମ୍‌ରେ ବରୋଦାର ମୁକାବିଲା କରିବ। ଅକ୍ଟୋବର ୨୫ରୁ କାନପୁରରେ ଉତ୍ତର ପ୍ରଦେଶ ଓ ନଭେମ୍ବର ୧ରୁ ବାରବାଟୀରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଓଡ଼ିଶା ଏହି ୩ଟି ମ୍ୟାଚ୍ ଖେଳିବ। ଗତବର୍ଷ ଏଲିଟ୍ ଗ୍ରୁପ୍ 'ଏ'ରେ ଥିବା ଓଡ଼ିଶା ଦଳ ଦୁର୍ବଳ ପ୍ରଦର୍ଶନ କରି ୭ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ୧୭ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଥିଲା। ଘୋଷିତ ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପଅଧିନାୟକ), ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୁପର (ଉଭୟେ ୱିକେଟ୍ ରକ୍ଷକ), ଅନୀଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ ରାଉଳ, ରାଜେଶ ମହାନ୍ତି, ତାରିଣୀ ସ' ଓ ତାପସ ଦାସ।

## ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ମ୍ୟାଚ୍ ବାତିଲ

**କଲମ୍ବୋ, ୪।୧୦ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍‌ରେ ଶନିବାର ଏଠାରେ ହେବାକୁ ଥିବା ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ବର୍ଷା ଲାଗି ରହିବାରୁ ଟସ୍ ମଧ୍ୟ ପଡ଼ିନଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏହି ଫଳାଫଳରେ ଶ୍ରୀଲଙ୍କା ଲାଭବାନ ହୋଇଛି। ଚାମ୍ପିଅନ ଅଷ୍ଟ୍ରେଲିଆକୁ ହରାଇବା ଘରୋଇ ଦଳ ପକ୍ଷେ ବେଶ୍ କଷ୍ଟକର ହୋଇଥାନ୍ତା। ଭାରତଠାରୁ ପ୍ରଥମ ମ୍ୟାଚ୍ ହାରିଥିବା ଶ୍ରୀଲଙ୍କା ୧ ପଏଣ୍ଟ ପାଇ ଖାତା ଖୋଲିପାରିଛି। ୨ଟି ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଟେବୁଲ ଶୀର୍ଷରେ ପହଞ୍ଚିଛି। ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ଏକ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ଆସନ୍ତା ୮ରେ କଲମ୍ବୋରେ ପାକିସ୍ତାନର ମୁକାବିଲା କରିବ ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆ ଖେଳିଥିବା ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୮୯ ରନ୍‌ରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା।

### ଇରାନୀ କପ୍ କ୍ରିକେଟ

## ଲକ୍ଷ୍ୟ ୩୬୧; ଅବଶିଷ୍ଟ ଭାରତ ଏକାଦଶ ୩୦/୨

**ନାଗପୁର, ୪।୧୦ (ଏଜେନ୍ସି):** ଚଳିତ ଇରାନୀ କପ୍ କ୍ରିକେଟ୍ ମ୍ୟାଚ୍‌ରେ ଅବଶିଷ୍ଟ ଭାରତ ବିପକ୍ଷରେ ରଣଜୀ ଟ୍ରଫି ଚମ୍ପିଆନ୍ ବିଦର୍ଭ ଦୃଢ଼ ସ୍ଥିତିରେ ରହିଛି। ବିଦର୍ଭ ପ୍ରଥମ ଇନିଂସରେ ୩୪୨ ରନ୍ କରିଥିଲା। ପ୍ରଥମ ଇନିଂସରେ ୧୨୮ ରନ୍ ଆଗରେ ଥିବା ବିଦର୍ଭ ଶନିବାର ୪ର୍ଥ ଦିନରେ ୨ୟ ଇନିଂସରେ ୨୩୨ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଛି।

ଫଳରେ ଅବଶିଷ୍ଟ ଭାରତକୁ ୨ୟ ଇନିଂସରେ ୩୬୧ ରନ୍‌ର ବିଜୟଲକ୍ଷ୍ୟ ମିଳିଛି। ଏହାର ପିଛାକରି ୪ର୍ଥ ଦିନ ଶେଷରେ ଅବଶିଷ୍ଟ ଭାରତ ୨ ୱିକେଟ୍ ହରାଇ ୩୦ ରନ୍ କରିପାରିଛି। ୮ଟି ୱିକେଟ୍ ବାକିଥାଇ ଅବଶିଷ୍ଟ ଭାରତ ଆଉ ୩୩୧ ରନ୍ ଆବଶ୍ୟକ କରୁଛି। ରବିବାର ମ୍ୟାଚ୍‌ର ୫ମ ତଥା ଅନ୍ତିମ ଦିନ। ଯଦି ଅବଶିଷ୍ଟ ଭାରତ ମ୍ୟାଚ୍ ଡ୍ର ରଖେ; ତେବେ ପ୍ରଥମ ଇନିଂସରେ ଆଗୁଆ ରହିଥିବା ବିଦର୍ଭ ଦଳ ଚମ୍ପିଆନ୍ ହେବ। ଅବଶିଷ୍ଟ ଭାରତର ୨ୟ ଇନିଂସରେ ଅଭିମନ୍ୟୁ ଈଶ୍ୱରନ୍ ୧୭ ଓ ଆର୍ଯ୍ୟନ୍ ଜୁୟାଲ ୬ ରନ୍‌କରି ଆଉଟ୍ ହୋଇଥିଲେ। ଈଶାନ୍ କିଷନ୍ ୫ ଓ ଅଧିନାୟକ ରଜତ ପଟିଦାର ୨ ରନ୍‌କରି ଅପରାଜିତ ଅଛନ୍ତି। ୩ୟ ଦିନ ଶେଷରେ ବିଦର୍ଭ ୨ୟ ଇନିଂସରେ ୨ ୱିକେଟ୍‌ରେ ୯୬ ରନ୍ କରିଥିଲା। ୪ର୍ଥ ଦିନରେ ଧ୍ରୁବ ସୋରେ ୨୭ ଓ ଡାନିସ୍ ମାଲେୱାର ୧୬ ରନ୍‌କରି ଆଉଟ୍ ହୋଇଥିଲେ। ଅଧିନାୟକ ଅକ୍ଷୟ ୱାଡ୍‌କର ୪ଟି ଚୌକା ସହ ୩୬ ଓ ହର୍ଷ ଦୁବେ ୩ଟି ଚୌକା ସହ ୨୯ ରନ୍ କରିଥିଲେ। ତଳ ଅର୍ଡରରେ ଦର୍ଶନ ନାଲ୍‌କାଣ୍ଡେ ୩୫ ଓ ଯଶ ଠାକୁର ୧୩ ରନ୍ କରିଥିଲେ। ଭାରତ ପାଇଁ ଟେଷ୍ଟ ଖେଳିଥିବା ଅଂଶୁଲ କାମ୍ବୋଜ ୪ଟି ଏବଂ ସାରାଂଶ ଜୈନ, ମାନବ ସୁତାର ଓ ଗୁରନୁର ବ୍ରାର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

### ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍ ୧୯ରୁ

## ରୋହିତଙ୍କ ସ୍ଥାନରେ ଗିଲ୍ ଅଧିନାୟକ

**ଶର୍ମା ସ୍ଥାନ ବଜାୟ ରଖିଲେ**

**କୋହଲି ସାମିଲ, ବୁମ୍‌ରାଙ୍କୁ ବିଶ୍ରାମ**

**ବାଦ୍ ପଡ଼ିଲେ ରବୀନ୍ଦ୍ର ଜାଡେଜା**

**ମୁମ୍ବଇ,୪।୧୦(ଏଜେନ୍ସି):** ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଶୁବମନ ଗିଲ୍ ଅଧିନାୟକ ମନୋନୀତ ହୋଇଛନ୍ତି। ସେ ନିୟମିତ ଅଧିନାୟକ ଥିବା ରୋହିତ ଶର୍ମାଙ୍କ ସ୍ଥାନରେ ପ୍ରଥମଥର ଭାରତୀୟ ଦଳର ନେତୃତ୍ୱ ନେବେ। ଅଷ୍ଟ୍ରେଲିଆରେ ଏହି ଦିନିକିଆ ସିରିଜ୍ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବ। ୨୬ ବର୍ଷୀୟ ଗିଲ୍ ମଧ୍ୟ ରୋହିତ ଶର୍ମାଙ୍କ ଅବସର ପରେ ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି। ଏବେ ୨୦୨୭ ବିଶ୍ୱକପ୍ ଆଉ ଦୁଇ ବର୍ଷ ରହିଛି। ଏଣୁ ଗିଲଙ୍କୁ ତାଙ୍କ ଟିମ୍ ଚୟନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ହେଡ୍ କୋଚ୍ ଗୌତମ ଗମ୍ଭୀର, ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ସହ ପରାମର୍ଶ ପରେ ଗିଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯାଇଛି।

ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଲାଗି ଚାମ୍ପିଅନ୍ସ ଟ୍ରଫିରେ ଶେଷଥର ଭାରତ ପକ୍ଷରୁ ଖେଳିଥିବା ଦୁଇ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ସ୍ଥାନ ମିଳିଛି। ଅନ୍ୟ ସମସ୍ତ ଖେଳାଳି ଆଶାଅନୁଯାୟୀ ଦଳରେ ସ୍ଥାନ ପାଇଛନ୍ତି। କେବଳ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍‌ରେ ବିଶ୍ରାମ ଦିଆଯାଇଛି। କିନ୍ତୁ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ବାଦ୍ ଦିଆଯାଇଛି। ଏହା ପରେ ନଭେମ୍ବର-ଡିସେମ୍ବରରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ଓ ୨୦୨୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ସହ ଦିନିକିଆ ସିରିଜ୍ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୨୯ରୁ ଆରମ୍ଭ ହୋଇ ନଭେମ୍ବର ୮ରେ ଶେଷ ହେବ। ଏହି ସିରିଜ୍ ଲାଗି ପରେ ଭାରତୀୟ ଦଳ ଘୋଷଣା କରାଯିବ।

#### ଘୋଷିତ ଦଳ

ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ ଓ ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣା।

## ମାର୍ଶଙ୍କ ଶତକ; ଅଷ୍ଟ୍ରେଲିଆ ଟି୨୦ ସିରିଜ୍ ବିଜୟୀ




**ମାଉଣ୍ଟ ମୌଙ୍ଗନୁଇ, ୪।୧୦:** ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଟ୍ୱେଣ୍ଟି୨୦ ସିରିଜ୍ ଜିତିନେଇଛି ଅଷ୍ଟ୍ରେଲିଆ। ଅଧିନାୟକ ମିଚେଲ ମାର୍ଶଙ୍କ ଅପରାଜିତ ଶତକ ବଳରେ ଶନିବାର ୩ୟ ତଥା ଅନ୍ତିମ ଟ୍ୱେଣ୍ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଜିତିନେଇଛି। ବ୍ୟାଟିଂ ବିଫଳତା ଭୋଗି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୧୫୬ ରନ୍ କରିଥିଲା। ପରେ ଅଷ୍ଟ୍ରେଲିଆର ବ୍ୟାଟ୍‌ସମ୍ୟାନ ମଧ୍ୟ ବିଫଳ ହୋଇଥିଲେ ହେଁ ମାର୍ଶ ଗୋଟିଏ ପଟେ ଛିଡ଼ାହୋଇ ଅପରାଜିତ ଶତକ ମାରି ଦଳକୁ ଜିତାଇଥିଲେ। ୧୨ଟି ବଲ୍ ବାକିଥାଇ ୭ ୱିକେଟ୍ ହରାଇ ଅଷ୍ଟ୍ରେଲିଆ ଜିତିଥିଲା। ୨ୟ ଟ୍ୱେଣ୍ଟି୨୦ ବାତିଲ ହୋଇଥିବା ବେଳେ ଏହି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ୨-୦ରେ ଶୃଙ୍ଖଳା ଜିତିବାରେ ସଫଳ ହୋଇଛି। ଜୀବନର ପ୍ରଥମ ଟି-୨୦ ଶତକ ହାସଲ କରିଥିବା ମାର୍ଶ ୫୨ ବଲ୍‌ରୁ ୭ଟି ଛକା ଓ ୮ଟି ଚୌକା ସହ ୧୦୩ ରନ୍‌କରି ଅପରାଜିତ ଥିଲେ। ମିଚେଲ ମାର୍ଶ ଏହି ମ୍ୟାଚ୍‌ର ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମାର୍ଶ ଉଭୟ ବ୍ୟାଟିଂ ଓ ନେତୃତ୍ୱ ନେଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ।

## ନକ୍‌ଭୀଙ୍କୁ ମିଳିବ ସ୍ୱର୍ଣ୍ଣ ପଦକ

**କରାଚି, ୪।୧୦ (ଏଜେନ୍ସି):** ଏସିଆ କପ୍ ଫାଇନାଲରେ ଜିତିବା ପରେ ଭାରତୀୟ ଖେଳାଳି ଜିଦ୍ ଧରିଥିଲେ ଯେ ପାକିସ୍ତାନ ସରକାରରେ ମନ୍ତ୍ରୀ ଥିବା ଏସୀୟ କ୍ରିକେଟ୍ ପରିଷଦ (ଏସିସି) ଅଧ୍ୟକ୍ଷ ମୋହସିନ ନକ୍‌ଭିଙ୍କଠାରୁ ସେମାନେ ଟ୍ରଫି ଗ୍ରହଣ କରିବେ ନାହିଁ। ପରେ ନକ୍‌ଭି ଟ୍ରଫି ଧରି ତାଙ୍କ ହୋଟେଲ ରୁମ୍‌କୁ ଚାଲି ଯାଇଥିଲେ। ତାଙ୍କର ଏହି ନୀତି ପାଇଁ ନକ୍‌ଭିଙ୍କୁ ସ୍ୱତନ୍ତ୍ର ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। କରାଚିରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନକ୍‌ଭିଙ୍କୁ ସହିଦ୍ ଜୁଲ୍‌ଫିକର ଅଲୀ ଭୁଟ୍ଟୋ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ପିପିପି ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦାରି ଉତ୍ସବରେ ମୁଖ୍ୟ ଅତିଥି ହେବେ। ପୁଣି ନକ୍‌ଭି କହିଛନ୍ତି ଯେ ଭାରତୀୟ ଦଳ ଦୁବାଇସ୍ଥିତ ଏସିସି କାର୍ଯ୍ୟାଳୟକୁ ଆସି ତାଙ୍କଠାରୁ ହିଁ ଟ୍ରଫି ଗ୍ରହଣ କରିପାରିବେ। ସେ ନିଜେ ଟ୍ରଫି ପ୍ରଦାନ କରିବେ ବୋଲି ନକ୍‌ଭି ଜିଦ୍ ଧରିଛନ୍ତି। ବିସିସିଆଇକୁ ସେ କ୍ଷମା ମାଗିଛନ୍ତି ବୋଲି ଭାରତ ଯେଉଁ ଦାବିକରୁଛି; ତାହା ମିଥ୍ୟା ବୋଲି ନକ୍‌ଭି କହିଛନ୍ତି।

## ୱାର୍ଲ୍ଡ ପାରା ଆଥଲେଟିକ୍ସ: ଭାରତର ଶ୍ରେଷ୍ଠ ପ୍ରଦର୍ଶନ

**ନୂଆଦିଲ୍ଲୀ,୪।୧୦(ଏଜେନ୍ସି):** ଏଠାରେ ଚାଲିଥିବା ୱାର୍ଲ୍ଡ ପାରାଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଏକତା ଭାୟାନ ଭାରତ ଲାଗି ୧୮ଶ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ୱାର୍ଲ୍ଡ ପାରା ଆଥଲେଟିକ୍ସରେ ଭାରତ ତାହାର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହି ପ୍ରତିଯୋଗିତାର ୭ମ ଦିନରେ ଭାରତ ୩ଟି ପଦକ ଜିତିଛି। ଏକତା ଏଫ୍‌୫୧ କ୍ଲବ୍ ଥ୍ରୋ କାଟାଗୋରୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତାଙ୍କ ଛଡ଼ା ଟି୬୪ ହାଇଜମ୍ପରେ ପ୍ରବୀଣ କୁମାର ଓ ସଟ୍‌ପୁଟ ଏଫ୍‌୫୭ରେ ସୋମନ ରାଣା କାଂସ୍ୟ ପଦକ ବିଜୟୀ ହୋଇଥିଲେ।

### ମହିଳା ଦିନିକିଆ ବିଶ୍ୱକପ୍

# ଆଜି ଭାରତ-ପାକିସ୍ତାନ ଲଢ଼େଇ




**କଲମ୍ବୋ, ୦୪।୧୦ (ଏଜେନ୍ସି):** ଭାରତରେ ଚାଲିଥିବା ଆଇସିସି ମହିଳା ଦିନିକିଆର ୧୩ତମ ସଂସ୍କରଣରେ ରବିବାର ଏକ ହାଇଭୋଲଟେଜ ମୁକାବିଲା ଖେଳାଯିବ। ଏଥିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ସାମ୍ନା କରିବେ। ଟୁର୍ଣ୍ଣାମେଣ୍ଟର ସହ-ଆୟୋଜକ ରହିଥିବା ଶ୍ରୀଲଙ୍କାର ଆର୍ ପ୍ରେମଦାସ ଷ୍ଟାଡିୟମରେ ଏହି ମ୍ୟାଚ୍ ରବିବାର ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ରାଜନୈତିକ କାରଣ ଲାଗି ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ନ ହେବାରୁ ଆଇସିସି ପାକିସ୍ତାନର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଆୟୋଜିତ କରିବାକୁ ନିଷ୍ପତ୍ତି ନେଇଥିଲା।

ପୂର୍ବରୁ ଆୟୋଜକ ଭାରତ ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଥିଲା। ଅପରପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚରେ ୭ ୱିକେଟରେ ବାଂଲାଦେଶ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେଣୁ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମଧ୍ୟ ଓ ନିମ୍ନକ୍ରମରେ ଅମନଜୋତ୍ କୌର ଓ ଦୀପ୍ତି ଶର୍ମା ଲଢ଼ୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ଯୋଗୁ ଭାରତ ୮ ୱିକେଟରେ ୨୬୯ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ କିନ୍ତୁ ସ୍ମୃତି ମନ୍ଧାନା (୮ ରନ), ଅଧିନାୟିକା ହରମନପ୍ରୀତ୍ କୌର (୨୧ ରନ) ଓ ଜେମିମା ରୋଡ୍ରିଗ୍ସ (୦) ନିରାଶ କରିଥିଲେ। ତେଣୁ ଆସନ୍ତାକାଲି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଦଳ ଏହି ୩ ବରିଷ୍ଠ ଖେଳାଳିଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି।

**ଭାରତ ସପକ୍ଷରେ ରେକର୍ଡ:**

ରେକର୍ଡ ଉପରେ ନଜର ପକାଇଲେ ମହିଳା ଦିନିକିଆ କ୍ରିକେଟରେ ଭାରତ ଓ ପାକିସ୍ତାନ ୧୧ଥର ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତୀୟ ମହିଳା ଦଳ ସମସ୍ତ ୧୧ଟି ଯାକ ମ୍ୟାଚ୍ ଜିତି ଅଗ୍ରଣୀ ରହିଛି। ତେଣୁ ରେକର୍ଡ ଭାରତ ସପକ୍ଷରେ ରହିଛି। ଶେଷଥର ଲାଗି ଦୁଇ ଦଳ ୨୦୨୨ରେ ଏକ ଦିନିକିଆ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୧୦୭ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା।

## ଖେଳାଳି ହାତ ମିଳାଇବେ ନାହିଁ

**ନୂଆଦିଲ୍ଲୀ, ୪।୧୦ (ଏଜେନ୍ସି):** ରବିବାର ମହିଳା ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମୁକାବିଲା ହେବ। ଏସିଆ କପ୍‌ରେ ପୁରୁଷ କ୍ରିକେଟରଙ୍କ ପରି ଏହି ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ମହିଳା ଖେଳାଳି ହାତ ମିଳାଇବେ ନାହିଁ ବୋଲି ଜାଣିବାକୁ ମିଳିଛି। ଏହା ବିଷୟରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ଭାରତ ଉକ୍ତ ମ୍ୟାଚ୍ ଖେଳିବ ଏବଂ କ୍ରିକେଟ୍‌ର ସମସ୍ତ ନିୟମ ପାଳନ କରାଯିବ। ତେବେ ଉଭୟ ଦଳର ଖେଳାଳି ହାତ ମିଳାଇବେ କିମ୍ବା କୋଳାକୋଳି ହେବ; ତାହା ମୁଁ କହିପାରିବି ନାହିଁ। ଆମର ଧ୍ୟାନ ଖେଳ ଉପରେ ରାଜନୀତି ଉପରେ ନୁହେଁ। ଗତ ସପ୍ତାହକ ମଧ୍ୟରେ ଦୁଇ ଦେଶର ସମ୍ପର୍କରେ ସେପରି କିଛି ପରିବର୍ତ୍ତନ ହୋଇନାହିଁ; ବରଂ ଏହା ଖରାପ ହୋଇଛି। ଏଣୁ କ୍ରିକେଟ୍ ବୋର୍ଡ ଏଭଳି ଘଟଣାରୁ ଦୂରେଇ ରହିବାକୁ ଉଚିତ ମନେ କରୁଛି। କୌଣସି ନିୟମ ଭଙ୍ଗ କିମ୍ବା କାହାରିକୁ ଅପମାନିତ କରିବା ବିସିସିଆଇର କାମ ନୁହେଁ। ଖେଳୁଆଡ଼ ମନୋଭାବ ଓ ନିୟମ ଅନୁଯାୟୀ ଖେଳିବାକୁ ଆମେ ଗୁରୁତ୍ୱ ଦେଇଛୁ ଏବଂ ଦେବୁ ମଧ୍ୟ ବୋଲି ସାଇକିଆ କହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS